RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -253 | ସଂଖ୍ୟା-୨୫୩
ଭୁବନେଶ୍ୱର, ମଙ୍ଗଳବାର ୨୩ ଡିସେମ୍ବର ୨୦୨୫
Bhubaneswar, Tuesday 23 December, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ | ଦୈନିକ ସମ୍ବାଦପତ୍ର



# ବାଂଲାଦେଶ ଉପରେ ନଜର
## ମିଜୋରାମରେ ହେବ ଭାରତୀୟ ସେନାର ନୂଆ ଘାଟି



ନୂଆଦିଲ୍ଲୀ, ୨୨।୧୨: ପଡ଼ଶୀ ବାଂଲାଦେଶ ଏବେ ଜଳୁଛି । ବିଶେଷକରି ବାଂଲାଦେଶର ଛାତ୍ରନେତା ଓ ପ୍ରଖର ଭାରତ ବିରୋଧୀ ଉସମାନ ହାଦି ମୃତ୍ୟୁବରଣ କରିବା ପରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି । ଏହି ଘଟଣାପରେ ସେଠାରେ ଭାରତ ବିରୋଧୀ ମନୋଭାବ ବଢ଼ିବାରେ ଲାଗିଛି । କାରଣ ସେଠାକାର ଲୋକମାନେ ଭାବୁଛନ୍ତି ଏହି ହତ୍ୟା ପଛରେ ଭାରତ ରହିଛି । ସେଠାରେ ଥିବା ଏହି ଭାରତ ବିରୋଧୀ ମନୋଭାବର ପରିଣତି ଭୋଗୁଛନ୍ତି ସେଠାକାର ନିରୀହ ହିନ୍ଦୁ ଜନତା । ସରକାର ସେମାନଙ୍କୁ ବଞ୍ଚାଇବେ କଣ ଭାରତ ବିରୋଧୀଙ୍କ ସ୍ୱରରେ ସ୍ୱର ମିଳାଉଛନ୍ତି । ଏପରିକି ଖୋଦ ଅସ୍ଥାୟୀ ସରକାରର ମୁଖିଆ ମହମ୍ମଦ ୟୁନୁସ ଭାରତର ଉତ୍ତରପୂର୍ବାଞ୍ଚଳକୁ କାଟିଦେବାକୁ ଖୋଲାଖୋଲି ଧମକ ଦେଉଛି ।

କିଛି ମାସ ପୂର୍ବ ନିଜର ଚୀନ ଗସ୍ତ କାଳରେ ୟୁନୁସ ଭାରତର ଉତ୍ତରପୂର୍ବାଞ୍ଚଳକୁ କାଟିଦେବାକୁ ସଂକେତ ଦେଇଥିଲା । ଗତ ମାସରେ ପାକିସ୍ତାନର ଜଣେ ସେନାଧିକାରୀ ଢାକା ଗସ୍ତରେ ଆସିଥିବାବେଳେ ତାଙ୍କୁ ଏକ ବିବାଦୀୟ ମାନଚିତ୍ର ଦିଆଯାଇଥିଲା ଯେଉଁଥିରେ ଭାରତର ଅଂଚଳ ରହିଥିଲା । ନିକଟରେ ବାଂଲାଦେଶର ଆଉ କେତେକ ନେତା ବାରମ୍ବାର ଭାରତର ସିଲିଗୁଡ଼ି କରିଡରକୁ କାଟିଦେବାକୁ ଓ ଉତ୍ତର-ପୂର୍ବକୁ ଅଲଗା କରିଦେବାକୁ ଧମକ ଦେଇଚାଲିଛନ୍ତି । ଆଉ ଜଣେ ନେତା ଧମକ ଦେଇଛନ୍ତି ଯେ ଭାରତର ବିଚ୍ଛିନ୍ନତାବାଦୀଙ୍କୁ ବାଂଲାଦେଶରେ ଶରଣ ଦିଆଯିବ । କେବଳ ଧମକ ନୁହେଁ, ଭାରତ ବିରୋଧୀ ଉଲଫା ସଂଗଠନର ନେତା ପରେଶ ବରୁଆଙ୍କୁ ଢାକାରେ ଅବସ୍ଥାପିତ କରିବାକୁ ଚକ୍ରାନ୍ତ ଚାଲିଛି । ଏସବୁ ଭାରତ ବିରୋଧୀ ଚକ୍ରାନ୍ତ ଲାଗି ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ସବୁପ୍ରକାରର ସହଯୋଗ କରିଚାଲିଛି ।

ଏଠାରେ ପ୍ରଶ୍ନ ଉଠେ ବାଂଲାଦେଶ ପରି ଏକ ଦୁର୍ବଳ ଦେଶର ବାରମ୍ବାର ଧମକ ସତ୍ତ୍ୱେ ଭାରତ ଚୁପ କାହିଁକି ରହିଛି ଏହାର ଉତ୍ତର ହେଉଛି ଭାରତ ବାଂଲାଦେଶର ନିର୍ବାଚନକୁ ଅପେକ୍ଷା କରିଛି । ନିର୍ବାଚନ ପୂର୍ବରୁ ନିଜ ଦେଶରେ ଭାରତ ବିରୋଧୀ ନିଆଁକୁ ତେଜି ମହମ୍ମଦ ୟୁନୁସ ନିଜ ପାଇଁ ସୁବିଧାଜନକ ସ୍ଥିତି ତିଆରି କରିବା ଲକ୍ଷ୍ୟରେ ଅଛନ୍ତି । ଏଣୁ ଭାରତ ୟୁନୁସଙ୍କ ଏହି ଯୋଜନାକୁ ପଣ୍ଡ କରିବାକୁ ଚୁପ ରହିଛି । ଗୋଟିଏ ପଟେ ଭାରତ ଚୁପ ରହିଛି ସତ, କିନ୍ତୁ ଚୁପଚାପ ରହି ନିଜର କାମ କରିଚାଲିଛି । ନୀରବରେ ଭାରତୀୟ ସେନା ବାଂଲାଦେଶକୁ ଘେରିବାକୁ ପ୍ରସ୍ତୁତ ହେଉଛି । ଏକ ବ୍ୟାପକ ରଣନୀତି ପ୍ରସ୍ତୁତ କରି ବାଂଲାଦେଶର ତଣ୍ଟି ମୋଡ଼ିବାକୁ ଭାରତୀୟ ସେନା ପ୍ରସ୍ତୁତ ହେଉଛି । ଏଥିପାଇଁ ପଶ୍ଚିମବଙ୍ଗର ଉତ୍ତର ଦିନାଜପୁରସ୍ଥିତ ଚୋପ୍ରା, ବିହାରର କିଶନଗଞ୍ଜ ଓ ଆସାମର ବାମୁନିଠାରେ ଭାରତୀୟ ସେନା ନିଜର ସାମରିକ ଘାଟି ପ୍ରତିଷ୍ଠା କରିଛି । ଏବେ ବାଂଲାଦେଶକୁ ସଂପୂର୍ଣ୍ଣ ଅଣନିଶ୍ୱାସୀ କରିବାକୁ ମିଜୋରାମରେ ଏକ ୪ର୍ଥ ସେନାଘାଟି ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି । ନିକଟରେ ଭାରତୀୟ ସେନାର ପୂର୍ବାଞ୍ଚଳ କମାଣ୍ଡ ଜିଓସି ଲେଫ୍ଟନାଣ୍ଟ ଜେନେରାଲ ଆରସି ତିୱାରି ମିଜୋରାମ ଗସ୍ତ କରି ଜମି ଚିହ୍ନଟ କରିଛି । ଏହି ୪ଟି ସାମରିକ ଘାଟିକୁ ଏପରି ସ୍ଥାନରେ ତିଆରି କରାଯାଉଛି ଯେପରି ନିର୍ଦ୍ଦେଶ ମିଳିବାମାତ୍ରେ ବାଂଲାଦେଶକୁ ଉପଯୁକ୍ତ ଶାସ୍ତି ଦେଇପାରିବେ ।

## ଜାନୁଆରୀ ୩୧ ସୁଦ୍ଧା ଟଙ୍କା ପାଇବେ ଚିଟଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ

ଭୁବନେଶ୍ୱର୨୨।୧୨(ନି.ପ୍ର.): : ଓଡ଼ିଶାର ଚିଟଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କ ପାଇଁ ବଡ଼ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି । ଆସନ୍ତା ଜାନୁଆରି ୩୧ ତାରିଖ ସୁଦ୍ଧା କ୍ଷୁଦ୍ର ଜମାକାରୀମାନେ ସେମାନଙ୍କର ଜମା ଟଙ୍କା ଫେରି ପାଇବେ । ଏ ସମ୍ପର୍କରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ମନମୋହନ ସାମଲ କହିଛନ୍ତି, ସରକାର ଗୋଟିଏ ପରେ ଗୋଟିଏ ନିର୍ବାଚନ ପ୍ରତିଶ୍ରୁତି ପାଳନ କରୁଛନ୍ତି । ଲକ୍ଷାଧିକ ଚିଟ୍‌ଫଣ୍ଡ୍ ଜମାକାରୀ ଟଙ୍କା ପାଇ ସାରିଲେଣି । ବର୍ତ୍ତମାନ୍ ସରକାର ଆଉ ୫ ଲକ୍ଷ ଜମାକାରୀଙ୍କୁ ଚିହ୍ନଟ କରିଛନ୍ତି । ପର୍ଯ୍ୟାୟକ୍ରମେ ଅନ୍ୟ ଜମାକାରୀଙ୍କୁ ମଧ୍ୟ ଟଙ୍କା ଫେରାଯିବ । ବଡ଼ ଜମାକାରୀ ମଧ୍ୟ ଟଙ୍କା ଫେରିପାଇବେ ।

ସେପଟେ ଏହି ପ୍ରସଙ୍ଗରେ ସମବାୟ ମନ୍ତ୍ରୀ କହିଛନ୍ତି ସରକାର ଚିଟ୍‌ଫଣ୍ଡ ପଇସା ଫେରାଇବାକୁ ମନସ୍ଥ କରିଛନ୍ତି । ବିଜେଡି ସରକାର ସମୟରେ ଚିଟ୍‌ଫଣ୍ଡ ଦୁର୍ନୀତି ହୋଇଥିଲା । ସିବିଆଇ ତଦନ୍ତ ହେଲା, ହେଲେ ଟଙ୍କା ଫେରାଇଲେ ନାହିଁ । ଏବେ ଟଙ୍କା ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି ।

**ମହାନଦୀ ଜଳ ବିବାଦ**

## ଓଡ଼ିଶା ଭଳି ଛତିଶଗଡ଼ ଗଠନ କରୁ ମନ୍ତ୍ରିସ୍ତରୀୟ କମିଟି



ଭୁବନେଶ୍ୱର, ୨୨।୧୨(ନି.ପ୍ର.): ମହାନଦୀ ଜଳ ବିବାଦରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି ଟ୍ରିବ୍ୟୁନାଲ । ଓଡ଼ିଶା ଭଳି ମନ୍ତ୍ରିସ୍ତରୀୟ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଟ୍ରିବ୍ୟୁନାଲ । ଏ ନେଇ ଆଡଭୋକେଟ୍ ଜେନେରାଲ୍ ଶ୍ରୀ ପୀତାମ୍ବର ଆଚାର୍ଯ୍ୟ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

ମହାନଦୀ ଜଳ ବିବାଦ ନେଇ ସୋମବାର ଟ୍ରିବ୍ୟୁନାଲ ଶୁଣାଣି କରିଛନ୍ତି । ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଗତ ଶୁଣାଣି ଏବଂ ଆଜିର ତାରିଖ ମଧ୍ୟରେ କଣ କଣ ନିଷ୍ପତ୍ତି ହୋଇଛି ତାହା ଉପସ୍ଥାପନ କରିଥିଲେ । ସେ ପୁଣି ଥରେ ଗୁରୁତ୍ୱାରୋପ କରିଛନ୍ତି ଯେ ଉଭୟ ରାଜ୍ୟ ମହାନଦୀ ଜଳ ବିବାଦ ସମ୍ପର୍କରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ସମସ୍ୟାର ସମାଧାନ ପାଇଁ ଗମ୍ଭୀରତାର ସହିତ ପ୍ରୟାସ କରୁଛନ୍ତି । ଉଭୟ ରାଜ୍ୟର ବୈଷୟିକ କମିଟି ସହିତ, ଓଡ଼ିଶା ମହାନଦୀ ଜଳ ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ସମ୍ବନ୍ଧୀୟ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ପରୀକ୍ଷା, ସମନ୍ୱୟ ଏବଂ ପରାମର୍ଶ ଦେବା ପାଇଁ ଏକ ଆନ୍ତଃମନ୍ତ୍ରାଳୟ କମିଟି ମଧ୍ୟ ଗଠନ କରିଛି ।

ସେହିପରି ଛତିଶଗଡ଼ ପକ୍ଷରୁ ବରିଷ୍ଠ ଆଇନଜୀବୀ କେ.କେ ଲାହିରୀ ମଧ୍ୟ କହିଥିଲେ ଯେ ଛତିଶଗଡ଼ ଦ୍ୱାରା ମଧ୍ୟ ସମାନ କାର୍ଯ୍ୟ କରାଯାଉଛି ଏବଂ ଉଭୟ ରାଜ୍ୟର ବୈଷୟିକ କମିଟିଗୁଡ଼ିକ ଜଳ ସମସ୍ୟା ଉପରେ ଆଲୋଚନା ଏବଂ ବିଚାର କରିବା ପରେ, ସିଏଫଆଇରେ ଦାଖଲ ହୋଇଥିବା ତଥ୍ୟରେ ସେମାନଙ୍କର ଅସଙ୍ଗତି ମଧ୍ୟ ଆଦାନପ୍ରଦାନ କରିଛନ୍ତି । ଟ୍ରିବ୍ୟୁନାଲ ଶୁଣାଣି ସମୟରେ ଛତିଶଗଡ଼କୁ ମଧ୍ୟ ଆନ୍ତଃ ମନ୍ତ୍ରିସ୍ତରୀୟ କମିଟି ଗଠନ କରୁ ବୋଲି ପରାମର୍ଶ ଦେଇଛନ୍ତି ।

ସେପଟେ ୨୦୨୬ ଏପ୍ରିଲ୍‌ରେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ସରୁଥିବାରୁ ବୃଦ୍ଧି ପାଇଁ ସହମତି ପ୍ରକାଶ ପାଇଛି । ଏନେଇ ଲିଖିତ ଭାବେ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କୁ ଜଣାଇବାକୁ ନିଷ୍ପତ୍ତି ହୋଇଛି । ଆସନ୍ତା ଫେବୃଆରୀ ୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ନେଇ ଦିନ ଧାର୍ଯ୍ୟ ହୋଇଛି ।

## ଭିଜିଲାନ୍ସ ଜାଲରେ ଜୁନିଅର ଆକାଉଣ୍ଟାଣ୍ଟ
### ୫ ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଚଢ଼ଉ

ସୁନ୍ଦରଗଡ, ୨୨।୧୨(ନି.ପ୍ର.): ସିଭିଲ ସ୍ୱଲାଏ ଅଫିସର ସୁନ୍ଦରଗଡ଼ସ୍ଥିତ କାର୍ଯ୍ୟାଳୟର ଜୁନିଅର ଆକାଉଣ୍ଟାଣ୍ଟ ରବୀନ୍ଦ୍ର କୁମାର ବାରିକଙ୍କ ବିରୋଧରେ ଆୟଠାରୁ ଅଧିକ ସମ୍ପତ୍ତି ରଖିବା ଅଭିଯୋଗ ହୋଇଛି । ବାଲେଶ୍ୱର, ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସର ୩ ଜଣ ଡିଏସପି, ୬ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ବାଲେଶ୍ୱର ଏବଂ ସୁନ୍ଦରଗଡ଼ ଜିଲ୍ଲାର ନିମ୍ନଲିଖିତ ୫ଟି ସ୍ଥାନରେ ଏକକାଳୀନ ଘର ତଲାସୀ କରାଯାଉଛି । ଚଢ଼ାଉ ହୋଇଥିବା ସ୍ଥାନ ମଧ୍ୟରେ ବାଲେଶ୍ୱରର ଗୋପାଳଗାଁରେ ଆବାସିକ ତିନି ମହଲା କୋଠା, ବାଲେଶ୍ୱରର ଗୋପାଳଗାଁରେ ତିନି ମହଲା ବିଶିଷ୍ଟ ମାର୍କେଟ୍ କମ୍ପ୍ଲେକ୍ସ ଏବଂ ଜିମ୍, ବାଲେଶ୍ୱରରେ କଲ୍ୟାଣ ମଣ୍ଡପ, ସୁନ୍ଦରଗଡ଼ରେ ତାଙ୍କର କାର୍ଯ୍ୟାଳୟ ଓ ସୁନ୍ଦରଗଡ଼ରେ ଭଡା ଘର । ଅଧିକ ତଦନ୍ତ ଜାରି ରହିଛି । ବାଲେଶ୍ୱରର ପ୍ରାଇମ ଲୋକେସନରେ ୩ ମହଲା ବିଶିଷ୍ଟ ୨ ଟି ବଡ଼କୋଠା, ଜିମ୍ ଓ ବିବାହ କଲ୍ୟାଣ ମଣ୍ଡପ ଦେଖି ଭିଜିଲାନ୍ସ ଅଧିକାରୀ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ।



# ରାଜ୍ୟକୁ ଛୁଟିବ ନିବେଶର ସୁଅ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର୨୨।୧୨(ନି.ପ୍ର.): ରାଜ୍ୟକୁ ଛୁଟିବ ନିବେଶର ସୁଅ । ହାଇଦ୍ରାବାଦ ନିବେଶକ ସମ୍ମିଳନୀରେ ୧୩ଟି ଏମଓୟୁ ସହ ୬୭ ହଜାର କୋଟିର ନିବେଶ ପ୍ରସ୍ତାବ ମିଳିଛି । ଇନଭେଷ୍ଟର ମିଟରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମ୍ବାଦିକ ସମିଳନୀରେ ଏହି ପ୍ରତିକ୍ରିୟା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ହାଇଦ୍ରାବାଦ 'ଓଡ଼ିଶା ନିବେଶକ ସମ୍ମିଳନୀ'ରେ ଯୋଗ ଦେଇ ଓଡ଼ିଶା ଫେରିବା ପରେ ତାଙ୍କୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ହାଇଦ୍ରାବାଦରେ ହୋଇଥିବା ଦୁଇ ଦିନିଆ ନିବେଶକ ସମ୍ମିଳନୀ ସଫଳ ହୋଇଛି । ସମ୍ମିଳନୀରେ ଉଦ୍ୟୋଗୀମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସକରାତ୍ମକ ଆଲୋଚନା ରାଜ୍ୟ ପାଇଁ ବିପୁଳ ନିବେଶ ସମ୍ଭାବନାକୁ ଆହୁରି ବ୍ୟାପକ କରିଛି । ଓଡ଼ିଶା ନିବେଶକଙ୍କ ସମ୍ମିଳନୀରେ ଶିଳ୍ପ ନେତାମାନଙ୍କୁ ସମ୍ବୋଧିତ କରିବା ପରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ ମୁଖ୍ୟମନ୍ତ୍ରୀ । ଓଡ଼ିଶାରେ ପୁଞ୍ଜି ନିବେଶ ନେଇ ଦୁଇଟି ରାଉଣ୍ଡ ଟେବୁଲ ବୈଠକ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ବୈଠକରେ ଫାର୍ମା ଓ ଡିଫେନ୍ସରେ ନିବେଶ ନେଇ ଆଲୋଚନା ହୋଇଛି । ଫର୍ମାରେ ୮ଟି ଏବଂ ଡିଫେନ୍ସରେ ୨୭ଟି ମିଟିଂ ହୋଇଛି । ଏହାଛଡ଼ା ୩୮ ଜଣ ଇନଭେଷ୍ଟର୍ସଙ୍କ ସହ ମୁଖ୍ୟମନ୍ତ୍ରୀ ୱାନ ଟୁ ୱାନ୍ ଆଲୋଚନା କରିବା ସହ ୭୩ଟି ବୈଠକ କରିଥିଲେ । ୫୦୦ ଶିଳ୍ପ ଅନୁଷ୍ଠାନ ସହ ପୁଞ୍ଜି ନିବେଶ ନେଇ ସରକାର ଆଲୋଚନା କରିଥିଲେ । ଯାହାର ନିଷ୍କର୍ଷରେ ରାଜ୍ୟ ସରକାର ୧୩ଟି ଗଡଂଟ ସ୍ୱାକ୍ଷର କରିଛନ୍ତି । ଏହାଦ୍ୱାରା ୨୭ ହଜାର ୬୫୦ କୋଟି ନିବେଶ ହେବା ସହ ୧୫ ହାଜର ୯୦୫ ଜଣ ନିଯୁକ୍ତି ପାଇବେ ।

## ବ୍ରାହ୍ମଣୀ ନଦୀରେ ବୁଡି ଚାଲିଗଲା ଯୁବକ-ଯୁବତୀଙ୍କ ଜୀବନ

ସୁନ୍ଦରଗଡ଼, ୨୨।୧୨: ସୁନ୍ଦରଗଡ ଜିଲ୍ଲା ଚାନ୍ଦିପୋଷ ଥାନାର ବିରତୋଳା ମନ୍ଦିର ନିକଟରେ ବ୍ରାହ୍ମଣି ନଦୀରେ ଅଭାବନୀୟ ଘଟଣା । ବ୍ରାହ୍ମଣି ନଦୀରେ ବୁଡି ଯୁବତୀଯୁବକଙ୍କ ମୃତ୍ୟୁ ହୋଇଛି । ଖବରପାଇ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି ।

ଖବର ଅନୁସାରେ, ରାଉରକେଲା ଅଞ୍ଚଳରୁ ଆସିଥିବା ଜ୍ଞାନେନ୍ଦ୍ର ସ୍ୱାଇଁ ନାମକ ବ୍ୟକ୍ତି ସାଥିରେ ଜଣେ ଯୁବତୀ ସମ୍ପୃକ୍ତ ଅଞ୍ଚଳକୁ ଆସିଥିଲେ । ଆଜି ପ୍ରାୟ ୧୦ଟା ବେଳେ ବ୍ରାହ୍ମଣୀ ନଦୀ କୂଳ ନିକଟରେ ଏକ ବାଇକ ଓ କିଛି କପଡା ଥିବା ନେଇ ନିକଟ ଗ୍ରାମ ବାସିନ୍ଦାଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା । ଏନେଇ ପୋଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଖୋଜା ଖୋଜି କରିଥିଲେ । ପରେ ନଦୀରୁ ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ ।

ଯୁବକଙ୍କ ପରିବାର ଲୋକେ ଖବର ପାଇ ଆସିଥିବା ବେଳେ ଯୁବତୀଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରି ନାହିଁ । ତେବେ କେଉଁ ପରିସ୍ଥିତିରେ ଉଭୟଙ୍କର ମୃତ୍ୟୁ ହେଲା ତାହା ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ । ଖବରପାଇ ଚାନ୍ଦିପୋଷ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ ନିକଟରେ ବାଇକ୍ ଏବଂ ପୋଷାକ ଥିବାରୁ ସେମାନଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

## ଗୋଟିଏ ପରିବାରର ୩ ମୃତ ମାମଲାରେ ଭିନ୍ନ ମୋଡ଼

ଢେଙ୍କାନାଳି, ୨୨।୧୨(ନି.ପ୍ର.): ପାଳଙ୍ଗ ଚିକେନ୍ ଖାଇ ଗୋଟିଏ ପରିବାର ୩ ଜଣଙ୍କ ସନ୍ଦେହ ଜନକ ମୃତ୍ୟୁ ମାମଲା ଏବେ ଭିନ୍ନ ମୋଡ଼ ନେଇଛି । କୋଇଲା ଧୂଆଁ ଯୋଗୁଁ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଥିବାବେଳେ ପଡ଼ଶୀ ପାରିବାରିକ କଳହ ପ୍ରମୁଖ କାରଣ ହୋଇଥାଇପାରେ ବୋଲି ସନ୍ଦେହ କରିଛନ୍ତି ।

ଗତକାଲି ରାତିରେ ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା ଇଟାପା ଗ୍ରାମର ଅନ୍ତର୍ଯ୍ୟାମୀ ସାହୁଙ୍କ ସ୍ତ୍ରୀ ଗୋଲାପ ସାହୁ ଏବଂ ଦୁଇ ପୁଅ ପିଣ୍ଟୁ ଏବଂ ଲିଟୁଙ୍କ ମୃତ୍ୟୁକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ଗତକାଲି ରାତିରେ ଖାଇ ସାରିବା ପରେ ସମସ୍ତେ ଶୋଇଥିଲେ । ପ୍ରବଳ ଥଣ୍ଡା ଯୋଗୁଁ ଏକ ଛୋଟିଆ କୋଠରୀ ଭିତରେ କୋଇଲା ଜାଳି ଶୋଇଥିଲେ । କିନ୍ତୁ ଆଜି ସକାଳୁ ସମସ୍ତଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଗାଁରେ ପହଁଚି ଛାନଭିନ୍ ଆରମ୍ଭ କରିଛି । କୋଇଲା ଧୂଆଁରୁ ଶ୍ୱାସରୁଦ୍ଧ ହୋଇ ତିନି ଜଣଙ୍କ ପ୍ରାଣ ଯାଇଥିବା ପୋଲିସ ଅନୁମାନ କରିଛି ।

ଅନ୍ୟପକ୍ଷରେ ପଡ଼ୋଶୀ ପାରିବାରିକ କଳହରୁ ଏପରି ହୋଇଥିବା ଅନୁମାନ କରିଛନ୍ତି । କାରଣ ଅନ୍ତର୍ଯ୍ୟାମୀଙ୍କର ଦୁଇଟି ପତ୍ନୀ ଅଛନ୍ତି । ତେଣୁ ଏମାନଙ୍କ ମୃତ୍ୟୁ ପଛରେ ଦ୍ୱିତୀୟ ପତ୍ନୀଙ୍କ ହାତ ଥାଇପାରେ ବୋଲି ପଡ଼ଶୀ ଅନୁମାନ କରିଛନ୍ତି । ସେପଟେ ପୋଲିସ ତିନି ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

ଉଲ୍ଲେଖ ଯୋଗ୍ୟ, ରବିବାର ରାତିରେ ଅନ୍ତର୍ଯ୍ୟାମୀଙ୍କ ଘରେ ପାଳଙ୍ଗ ସାଗ ସହ ଚିକେନ୍ ତିଆରି ହୋଇଥିଲା । ସମସ୍ତେ ଖାଇ ପିଇ ଶୋଇଥିଲେ । କିନ୍ତୁ ଆଜି ସକାଳୁ ଆଉ କେହି ଉଠିନଥିଲେ । ଦୀର୍ଘ ସମୟ ଧରି ଘରର କବାଟ ନ ଖୋଲିବାରୁ ପଡୋଶୀଙ୍କ ସନ୍ଦେହ ହୋଇଥିଲା । ଏହା ପରେ ପଡ଼ଶୀ ନିଜେ ଘରର କବାଟ ଖୋଲିଥିଲେ । ସମସ୍ତଙ୍କୁ ଡାକିବାରୁ କେହି ନ ଉଠିବାରୁ ତିନି ଜଣଙ୍କୁ ଗୁରୁତର ଅବସ୍ଥାରେ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଡାକ୍ତର ମାଆ ସହ ଦୁଇ ପୁଅଙ୍କୁ ମୃତ ଘୋଷଣା କରିଥିଲେ । ପ୍ରଥମେ ଫୁଡ୍ ପଏଜନିଂ ପାଇଁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଥିଲା ।

### ଗଠନ ହେବ ୨୪ ଏନଏସି ଓ ୫ ପୌର ପରିଷଦ

**ଭୁବନେଶ୍ୱର, ୨୨।୧୨:** ରାଜ୍ୟରେ ଗଠନ ହେବ ଆଉ ୨୪ଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ଏବଂ ୫ଟି ପୌର ପରିଷଦ । ଏ ନେଇ ସରକାରଙ୍କ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି । ୧୪ଟି ଜିଲାରେ ୨୪ଟି ଏନଏସି ଗଠନ ହେବାକୁ ଥିବାବେଳେ ୩ଟି ଜିଲାରେ ପୌର ପରିଷଦ ଗଠନ ହେବ । ବିଜ୍ଞପ୍ତି ଅନୁସାରେ, ନୂଆ ଏନଏସିଗୁଡ଼ିକ ହେଉଛି ପାଲଲହଡ଼ା, ସିମୁଳିଆ, ସୋହେଲା, ତିହିଡି, ଧୂଷୁରୀ, ସାଲେପୁର, ବଡ଼ମ୍ବା, ନରସିଂହପୁର, ଗଁଡିଆ, ଜଗନ୍ନାଥପ୍ରସାଦ, ପାତ୍ରପୁର, ନର୍ଲା, ଜୟପାଟଣା, ଖୋର୍ଦ୍ଧାର ଟାଙ୍ଗୀ, ବୋରିଗୁମ୍ମା, ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡ଼ା, କପ୍ତିପଦା, ରାସଗୋବିନ୍ଦପୁର, ବିଷମକଟକ, ବାମରା, ରେଙ୍ଗାଲି ଏବଂ ବୀରମହାରାଜପୁର ।

## ଅବସର ପ୍ରାପ୍ତ ଏଏନଏମ ସୁପର ଭାଇଜରଙ୍କୁ ହତ୍ୟା !

କଳାହାଣ୍ଡି, ୨୨।୧୨(ନି.ପ୍ର.): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ଗଡ଼ିଆଜୋର ଗ୍ରାମରୁ ଆସିଛି ଏକ ଦୁଃଖଦ ଘଟଣା । ଘରେ ଏକାକୀ ରହୁଥିବା ଜଣେ ଅବସରପ୍ରାପ୍ତ ଏନଏମ ସୁପର ଭାଇଜରଙ୍କ ମୃତ ଦେହ ତାଙ୍କ ଘର ଆଗରେ ପଡିରହିଥିବା ଦେଖିବାକୁ ମିଳିଛି । ଏହାସହ ତାଙ୍କ ଘର କବାଟ ତାଲା ମଧ୍ୟ ଭଙ୍ଗା ଯାଇଛି । ଏକାକୀ ରହୁଥିବା ସୁଯୋଗ ନେଇଁ ମହିଳାଙ୍କୁ ଦୁର୍ବୃତ୍ତ ହତ୍ୟା କରି ତାଙ୍କ ଘରର ସାମଗ୍ରୀ ଲୁଟ କରିଥିବା ସନ୍ଦେହ କରାଯାଉଛି । ତେବେ ମୃତ ମହିଳାଙ୍କ ନାମ ସୁଚିତ୍ରା ଖୁଣ୍ଟିଆ ବୋଲି ଜଣାପଡିଥିବା ବେଳେ ତାଙ୍କ ସ୍ୱାମୀ ଓ ପୁଅ ବାହାରେ ରହୁଥିବା ଜଣାପଡିଛି । ଖବର ପାଇ ଧର୍ମଗଡ ପୋଲିସ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗର ପୁନର୍ଗଠନ ପାଇଁ ଧର୍ମେନ୍ଦ୍ରଙ୍କ ଅନୁରୋଧ

### ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି



ଭୁବନେଶ୍ୱର, ୨୨।୧୨(ନି.ପ୍ର.): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି । ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ଓଏସସିବିସି) ର ତୁରନ୍ତ ପୁନର୍ଗଠନ ପାଇଁ ଚିଠିରେ ଅନୁରୋଧ କରିଛନ୍ତି । ସାମାଜିକ ନ୍ୟାୟ ପ୍ରଦାନ ଏବଂ ପଛୁଆ ବର୍ଗର ଲୋକଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ କାର୍ଯ୍ୟକାଳ ଗତ ଜାନୁଆରୀ ୩, ୨୦୨୪ରେ ଶେଷ ହୋଇସାରିଛି ଏବଂ ନୂତନ ସଦସ୍ୟ ନିଯୁକ୍ତ ହୋଇ ନଥିବାରୁ ଏହା ବର୍ତ୍ତମାନ କାର୍ଯ୍ୟକ୍ଷମ ନାହିଁ । ଓଡ଼ିଶା ରାଜ୍ୟର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ ଭାବେ ପ୍ରାୟ ୨୧୬ଟି ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗ (ଏସଇବିସି) ସମୁଦାୟ ଓଡ଼ିଶାରେ ବସବାସ କରୁଛନ୍ତି । ଆୟୋଗ କାର୍ଯ୍ୟକ୍ଷମ ନଥିବାରୁ ଏହି ବର୍ଗର ଲୋକମାନେ ଶିକ୍ଷା, ନିଯୁକ୍ତି ଏବଂ କଲ୍ୟାଣକାରୀ ଯୋଜନାର ସୁଫଳ ପାଇବାରେ ବହୁବିଧ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ନିଜର ସମସ୍ୟା ଉପସ୍ଥାପନ କରିବା ପାଇଁ ସେମାନେ ଏକ ସାମ୍ବିଧାନିକ ମଞ୍ଚରୁ ବଞ୍ଚିତ ହେଉଛନ୍ତି । ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ ନୂତନ ଜାତିକୁ ଏସଇବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା, ଅଭିଯୋଗର ସମାଧାନ କରିବା ଏବଂ ପଛୁଆ ବର୍ଗଙ୍କ ପାଇଁ ସରକାରଙ୍କୁ ନୀତିଗତ ପରାମର୍ଶ ଦେବାରେ ଓଏସସିବିସିଙ୍କ ମୁଖ୍ୟ ଭୂମିକା ରହିଛି । ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ସଂଶୋଧନ) ଅଧିନିୟମ, ୨୦୨୦ ଅନୁଯାୟୀ, ଏହି କମିଶନଙ୍କୁ ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ଉପରେ ସର୍ଭେ କରିବାର ଦାୟିତ୍ୱ ମଧ୍ୟ ଦିଆଯାଇଛି । ତେଣୁ ରାଜ୍ୟରେ ସାମାଜିକ ନ୍ୟାୟର ପ୍ରତିଷ୍ଠା ଏବଂ ପଛୁଆ ବର୍ଗଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ କମିଶନର ଶୀଘ୍ର ପୁନର୍ଗଠନ ଏକାନ୍ତ ଆବଶ୍ୟକ । ରାଜ୍ୟର ପଛୁଆ ବର୍ଗର ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଆୟୋଗର ପୁନର୍ଗଠନ କରିବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି ।

# ବିଜେଡ଼ିର ଭୋଜି ରାଜନୀତି : ପୁଣି ଏକାଠି ହେଲେ ବରିଷ୍ଠ ନେତା

ଭୁବନେଶ୍ୱର, ୨୨।୧୨: ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଯେତିକି ପାଖେଇ ଆସୁଛି ଦଳୀୟ ନେତୃତ୍ୱ ପରିବର୍ତ୍ତନକୁ ନେଇ ଚର୍ଚ୍ଚା ସେତିକି ବଢୁଛି । ଆଉ ବିଜେଡ଼ିରେ ଚାଲିଛି ଭୋଜି ରାଜନୀତି । ଭୋଜି ପରେ ଭୋଜି ନାଁରେ ଚାଲିଛି ରାଜନୀତି । ନିକଟରେ ଭୁବନେଶ୍ୱର ଉପକଣ୍ଠରେ ବିଜେଡ଼ିର ପରାଜିତ ନେତାଙ୍କ ଭୋଜି ପରେ ଆଜି ପୁରୁଣା ଭୁବନେଶ୍ୱର ଏକାଠି ଭୋଜି କରିଛନ୍ତି ଦଳର ବହୁ ବରିଷ୍ଠ ଏବଂ ପୁରୁଣା ନେତା । ଆଉ ପାଣ୍ଡିଆନଙ୍କୁ ବିରୁଦ୍ଧରେ ଖୁଲମଖୁଲା ଦେଇଛନ୍ତି ମନ୍ତବ୍ୟ ।

ବିଜେଡ଼ି ନେତା ଅଶୋକ ପଣ୍ଡା ଲିଙ୍ଗରାଜ ମନ୍ଦିରରେ ଏକ ପ୍ରସାଦ ସେବାର ଆୟୋଜନ କରିଥିଲେ । ଯେଉଁଥିରେ ଦଳର ବହୁ ବରିଷ୍ଠ ନେତୃବୃନ୍ଦଙ୍କୁ ଦେଖିବାକୁ ମିଳିଥିଲା । ପ୍ରମିଳା ମଲ୍ଲିକ, ଦେବାଶିଷ ସାମନ୍ତରାୟ, ପ୍ରଫୁଲ୍ଲ ଘଡ଼ାଇ, ସମ୍ବିତ ରାଉତରାୟ ପ୍ରମୁଖ ସାମିଲ ଥିଲେ । ଆଉ ଏବେ ଖୋଲାଖୋଲି ପାଣ୍ଡିଆନଙ୍କୁ ନେଇ ମନ୍ତବ୍ୟ ଦେଉଛନ୍ତି । ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି ଯେ କେଉଁ ସମୟରେ କଣ ସମୀକରଣ ହେବ କେହି କହିପାରିବେ ନାହିଁ । ରାଜନୀତିରେ ସମୀକରଣ ହେବା ସ୍ୱାଭାବିକ । ବିଜୁ ଜନତା ଦଳରେ ମଧ୍ୟ ସମୀକରଣ ଦରକାର । ଭିକେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ ବିଜେଡ଼ିରେ ପ୍ରବେଶ ନେଇ ପ୍ରତିକ୍ରିୟା ଦେଇଛନ୍ତି ଦେବାଶିଷ । ସେ କହିଛନ୍ତି ତାଙ୍କର ଆସିବା ରାଜନୈତିକ ଦୃଷ୍ଟିରୁ ଭୁଲ ହେବ । ନବୀନ ବାବୁଙ୍କ ଉତ୍ତରାଧିକାରୀ ଓଡ଼ିଶାରୁ କେହି ହୋଇପାରିବେ । ଓଡ଼ିଶାବାସୀ ଯେଉଁ ନେତୃତ୍ୱକୁ ବିଶ୍ୱାସ କରିବେ, ସିଏ ନେତା ହେବେ । ନବୀନ ବାବୁ ନେତା ହେବେ ବୋଲି କଣ ବିଜୁ ବାବୁ କହିଥିଲେ କି ନବୀନ ବାବୁ ଏବେ ବି ନେତା ଅଛନ୍ତି, ପରାଜୟ ପରେ ଲୋକେ ତାଙ୍କୁ ଝୁରୁଛନ୍ତି । ବିଜେଡି ସଜାଡ଼ି ହୋଇଗଲେ ରାଜ୍ୟରେ ସବୁଠାରୁ ଭଲ ବିକଳ୍ପ ହେବ ବୋଲି କହିଛନ୍ତି ଦେବାଶିଷ । ସେପଟେ ସମ୍ବିତ ରାଉତରାୟଙ୍କ ମନ୍ତବ୍ୟ ସଠିକ୍ ବୋଲି କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ପାଣ୍ଡିଆନ ଆମ ନେତା ନୁହଁନ୍ତି, ଆମର କେବଳ ଜଣେ ନେତା ଅଛନ୍ତି, ସେ ହେଉଛନ୍ତି ନବୀନ ପଟ୍ଟନାୟକ । ଦଳରେ ଗୋଷ୍ଠୀ କନ୍ଦଳ ନାହିଁ, ସବୁକିଛି ଠିକ୍ ଠାକ୍ ଚାଲିଛି । ଭୋଜି ଭାତକୁ ଗୋଷ୍ଠୀ କହିବା ଠିକ୍ ନୁହେଁ ବୋଲି କହିଛନ୍ତି ପ୍ରମିଳା ।

ଗତକାଲି ସମ୍ବିତ ରାଉତରାୟ ପାଣ୍ଡିଆନ ନେତା ନୁହଁନ୍ତି ବରଂ ସେ ଜଣେ ମ୍ୟାନେଜର୍ ବୋଲି କହିଥିଲେ । ତାଙ୍କୁ ନେତା ହିସାବରେ କେବେ ମାନିନାହୁଁ । ନବୀନଙ୍କ ସେବା କରୁଥିବାରୁ ଆମର ପାଣ୍ଡିଆନଙ୍କ ପ୍ରତି ଦୁର୍ବଳତା ରହିଛି । କିନ୍ତୁ ବିଜେଡିର ନେତା ହେଉଛନ୍ତି କେବଳ ନବୀନ ପଟ୍ଟନାୟକ ବୋଲି ସମ୍ବିତ କହିଥିଲେ । ଗତ କିଛି ଦିନ ତଳେ ବହୁ ବିଜେଡ଼ି ନେତା ଝୁମୁକାଠାରେ ଭୋଜି କରିଥିଲେ । ସମ୍ବିତ ରାଉତରାୟ, ରାଜେନ୍ଦ୍ର ସାହୁ, ଚନ୍ଦ୍ର ସାରଥୀ ବେହେରାଙ୍କ ସହିତ ଯୋଗ ଦେଇଥିଲେ ୬୦ରୁ ଅଧିକ ନେତା ।

ଆଞ୍ଚଳିକ ମନ୍ଥନ

ମଙ୍ଗଳବାର,୨୩,ଡିସେମ୍ବର,୨୦୨୫ Tuesday,23 December 2025, Bhubaneswar





## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗଦେଲେ ମନ୍ତ୍ରୀ

ମୋରଡ଼ା,୨୨।୧୨:(ମନ୍ଥନ)ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗଦେଲେ ମନ୍ତ୍ରୀୟ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଭାଲିଆଶୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର । ସୁନ୍ଦର ମଣିଷ ଗଠନରେ ଶିକ୍ଷାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ, ତେଣୁ ମନାଲଗାଇ ପାଠ ପଢିବା ପାଇଁ ଛାତ୍ରଙ୍କୁ ଉପଦେଶ ଦେଇଥିଲେ । ବାପା ମା ଠୁ ଦୁନିଆରେ ଆଉ କେହି ବଡ ଠାକୁର ନାହାନ୍ତି ତେଣୁ ପ୍ରତ୍ୟେକ ଦିନ ସକାଳେ ବାପା ମାଆଙ୍କୁ ମୁଣ୍ଡିଆ ମାରିବା । ପରିଷ୍କାର ପରିଚ୍ଛନ୍ନ ରହିବା, ପରିବେଶକୁ ସଫା ସୁତରା ରଖିବା ଏବଂ ପରିଶେଷରେ ମନ୍ତ୍ରି ଛାତ୍ର ଛାତ୍ରୀଙ୍କୁ ଚକଲେଟ ବଣ୍ଟନ କରିବା ସହ ଫଟ ଉଠାଇଥିଲେ । କୃତି



ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର । ଏହି ଉତ୍ସବରେ ପୂର୍ବତନ ବିଧାୟକ କାଦ୍ରା ସୋରେନ, ବିଶିଷ୍ଟ ସମାଜସେବୀ ପ୍ରଦିପ ମହାନ୍ତି, ବ୍ଲକ ଚେୟାରମେନ ପାନମଣି ମାରାଣ୍ଡି, ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀ,ତହସିଲଦାର ନାରାୟଣ ହାଂସଦା, ବ୍ଲକ ଭାଏସ ଚେୟାରମେନ ଜ୍ୟୋତିଲାଲ ବାରିକ, ୫୪ନମ୍ବର ଜିଲ୍ଲା ପରିଷଦ ନଗେନ୍ଦ୍ରନାଥ କିସ୍କୁ, କଣ୍ଟିସାହି ସରପଞ୍ଚ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଅଣିଜଙ୍ଗ ଗ୍ରାମରେ ଅଗ୍ନିକାଣ୍ଡ ;୪ଏକର ଧାନ ଗଦା ଜଳିଗଲା

ପିପିଲି,୨୨।୧୨:(ମନ୍ଥନ)ପିପିଲି ତହସିଲ ଯଶୁଆପୁର ଗ୍ରାମପଂଚାୟତ ଅର୍ନ୍ତଗତ ଅଣିଜଙ୍ଗ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ଏକର ଧାନ କଳେଇ ଗଦା ଜଳି ଯାଇଛି । ମିଳିଥିବା ସୁଚନା ମୁତାବକ ଅଣିଜଙ୍ଗ ଗ୍ରାମର ବନମାଳି ଲେଙ୍କା, ଗୁଣନିଧୀ ଲେଙ୍କା, ବିହାରୀ ଲେଙ୍କା ଓ କୁଂଜ ବିହାରୀ ଲେଙ୍କା ୪ଭାଇ ତାଙ୍କ ଘର ପଛପଟେ ଧାନ ଖଳାରେ ଗହୀର ଜମିରୁ ଧାନ ଆଣି ଗଦା ଦେଇ ରଖିଥିଲେ । ଶନିବାର ବିଳମ୍ବିତ ରାତିରେ ଧାନ ଖଳାରେ ନିଆଁ ଲାଗିଯାଇଥିବା ପରିବାର ଲୋକ ଦେଖି ଡାକ ପକାଇଥିଲେ । ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଧାନଗଦାରେ ନିଆଁ ଲାଗି ଜଳିବାରୁ ନିଆଁକୁ ଆୟତ କରିବା ସମ୍ଭବପର ନଥିଲା । ଖବର ପାଇ ପିପିଲିରୁ



ଦୁଇଟି ଦମକଳ ବାହିନି ପହଂଚି ଗାଁ ଲୋକଙ୍କ ସହଯୋଗରେ ନିଆଁକୁ ଆୟତ କରିଥିଲେ । ନିଆଁର ପ୍ରକୋପରେ ଧାନ ଗଦା କଳେଇ ସହ ପାଖରେ ଥିବା ଆଜେବେଷ୍ଟ ଘର ପୋଡିଯାଇଛି । ୪ଏକର ଧାନ କଳେଇ ୧୦୦ ବସ୍ତାରୁ ଅଧିକ ଧାନ ହେବ ବୋଲି ଅନୁମାନ କରାଯାଇଛି । ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି । ତେବେ ପିପିଲି ତହସିଲଦାରଙ୍କ ହୃଷିକେଶ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଆରଆଇ ଯଶୁଆପୁର ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟେ ଅଗ୍ନିବିପନ ଚାଷୀଙ୍କୁ ସରକାରଙ୍କ କୃଷି ବିଭାଗ ପକ୍ଷରୁ କ୍ଷତିପୁରଣ ପ୍ରଦାନ ପାଇଁ ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ ଦାବି କରିଛନ୍ତି ।

## ପର୍ଯ୍ୟଟନସ୍ଥଳୀ ବୁଦ୍ଧଖୋଲ ରାସ୍ତାରେ ବହୁଛି ନର୍ଦ୍ଦମା ପାଣି , ପ୍ରତିକାର ଦାବି

ବୁଗୁଡ଼ା,୨୨।୧୨:(ମନ୍ଥନ)ଏଠାକାର ପ୍ରସିଦ୍ଧ ଐତିହାସିକ ତଥା ପର୍ଯ୍ୟଟନ ସ୍ଥଳୀ ବୁଦ୍ଧଖୋଲ ଅଭିମୁଖେ ଲମ୍ବିଥିବା ସଡ଼କର ପାର୍ଶ୍ୱରେ ନିର୍ମିତ ଡ୍ରେନ ସମ୍ପୁର୍ଣ୍ଣ ପୋତି ହୋଇ ନର୍ଦ୍ଦମାର ମଇଳା ଜଳ ଓ ବର୍ଜ୍ୟବସ୍ତୁ ରାସ୍ତା ସାରା ପଡ଼ି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ସମ୍ପ୍ରତି ପର୍ଯ୍ୟଟନ ଋତୁ ଥିବାରୁ ଅନେକ ଯାନବାହାନ ବୁଦ୍ଧଖୋଲକୁ ଯାତାୟତ ହେଉଛି । ପୂତିଗନ୍ଧମୟ ପରିବେଶ ଯୋଗୁଁ ଲୋକଙ୍କ ମନରେ ଅଲଗା ପ୍ରକାର ଧାରଣା ସୃଷ୍ଟି ହେଉଛି । ରାସ୍ତାରେ ଭାସୁଥିବା ଦୁର୍ଗନ୍ଧ ପାଣିକୁ ବାଦଦେଇ ଲୋକେ ଯାତାୟତ କରୁଥିବାରୁ ସେହି ସଂକୀର୍ଣ୍ଣ ରାସ୍ତାରେ ଛୋଟମୋଟ ଦୁର୍ଘଟଣା ଘଟିବାର ସମ୍ଭାବନା ରହୁଛି । ଏଭଳି ଅବ୍ୟବସ୍ଥା ଏନ୍ଏସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରୁଛି । ଖାରିଆ ନାଳ ଏବଂ ଶିଶୁ ଉଦ୍ୟାନ ଅତିକ୍ରମ ପରେ ବୁଗୁଡା ଏନ୍ଏସି ଅନ୍ତର୍ଗତ ୱାର୍ଡ ନଂ ୬ ଅନ୍ତର୍ଗତ ବୀରଧନଞ୍ଜୟପୁର ଶାସନ ରାସ୍ତାରେ ଏ ପ୍ରକାର ଦୃଶ୍ୟ ପର୍ଯଟକଙ୍କୁ ଭଲ ବାର୍ତ୍ତା ଦେଉନଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ଏଣୁ ଏଥି ପ୍ରତି ଏନ୍ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପ୍ରତିକାରାତ୍ମକ ବ୍ୟବସ୍ଥା ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ଶିଶୁ ମନ୍ଦିର ପକ୍ଷରୁ ଜାତୀୟ ଗଣିତ ଦିବସ ପାଳିତ

ବୁଗୁଡ଼ା,୨୨।୧୨:(ମନ୍ଥନ)ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛିୟ ସହ-ପ୍ରଧାନ ଆଚାର୍ଯ୍ୟା ସୁମତି ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଧାରୀ ସ୍ୱାଇଁ ଯୋଗଦାନ କରି ଜାତୀୟ ଗଣିତ ଦିବସ ପାଳନର ତାତ୍ପର୍ଯ୍ୟ ସାଙ୍ଗକୁ ମହାନ୍ ଗଣିତଜ୍ଞ ଶ୍ରୀନିବାସ ଆୟଙ୍ଗର ରାମାନୁଜନଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କେ ଆଲୋକପାତ କରିଥିଲେ । ଏ ଅବସରରେ ଆୟୋଜିତ ଗଣିତ ପ୍ରଦର୍ଶନୀରେ ୯୩ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ



କରିଥିଲା ବେଳେ ଗୁରୁମା ମଧୁସ୍ମିତା ଦାଶ , ଲିଜା ପାତ୍ର , ସୁଜାତା ଗୌଡ, ରସନା ପ୍ରଧାନ , ରଶ୍ମିତା ବେହେରା , ପ୍ରିୟଦର୍ଶିନୀ ସ୍ୱାଇଁ , ରାଜଶ୍ରୀ ଜେନା ଓ ଗୁରୁଜୀ ଜଗନ୍ନାଥ ରଥ ପ୍ରମୁଖ ବିଚାରକଙ୍କ ଦ୍ୱାରା ଶିଶୁ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗର ମୋଟ ୨୭ ଜଣ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା । ଗଣିତ ପ୍ରମୁଖ ଗୁରୁମା ବାଳାମଣି ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପରିଶେଷରେ ଗୁରୁମା ପ୍ରତିମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଙ୍ଗୋମୁଣ୍ଡା ରେ କ୍ରିଷ୍ଟା ଲର୍ଣ୍ଣିଙ୍ଗ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ

ବଙ୍ଗୋମୁଣ୍ଡା,୨୨।୧୨:(ମନ୍ଥନ)ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସଦର ଠାରେ ଥିବା କ୍ରିଷ୍ଟା ଲର୍ଣ୍ଣିଙ୍ଗ ସ୍କୁଲ ରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ସ୍କୁଲ ର ନିର୍ଦ୍ଦେଶକ ରାଜେଶ ଜୈନ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଧରମପାଲ ଜୈନ,ପ୍ରିନ୍ସିପାଲ ଉମାଶଙ୍କର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ପ୍ରିନ୍ସିପାଲ ଉମାଶାଙ୍କର ପାଣିଗ୍ରାହୀ ଙ୍କ ସହ ଶିକ୍ଷୟତ୍ରୀ ପ୍ରଗତୀ ଧର, ପୁଷ୍ପା ସିନ୍ଧୁର, ନଳିନୀ ପାଣିଗ୍ରାହୀ,ପ୍ରତିମା ବାଗ, ସୀମା ସାହୁ, ଅଭିଲିପ୍ସା ମେହେର, ରୋଶନି ଦୀପ, ଚୁମକି ବିନ୍ଧାଣି, ଜୟ କୃଷ୍ଣ ମେହେର, ଯମୁନା ସେଠି, ସସ୍ମିତା ପ୍ରଧାନୀ, ଜଗନ୍ନାଥ ପୋଡ଼, ଦୀପକ ବାଗ ପ୍ରମୁଖ ଙ୍କ ସହ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଲଙ୍ଗ ଜମ୍ପ, ହାଇ ଜମ୍ପ,୨୦ ମିଟର,୩୦ ମିଟର,୫୦ ମିଟର ରେସ, ମେଥ ରେସ ସହ ଅନ୍ୟ ଖେଳ ଗୁଡିକ ଅନୁଷ୍ଠିତ ହୋଇଥିଲା ।

## ଟାଟା ପାୱାରର ଗ୍ରାହକ ମାରଣ ନୀତିକୁ ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ତରଫରୁ ନିନ୍ଦା

ଫୁଲନଖରା,୨୨।୧୨:(ମନ୍ଥନ) ଓଡ଼ିଶା ମୁଖ୍ୟ ବିଦ୍ୟୁତ ବିତରକ ସଂସ୍ଥା ଟାଟା ପାୱାରର ଗ୍ରାହକ ମାରଣ ନୀତି ବିରୁଧରେରେ ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ତରଫରୁ ଘୋର ନିନ୍ଦା ସହ ଆଗାମୀ ଦିନରେ ଟାଟା ପାୱାର ଟିକସ ଓ ଜାମା କାଳୀନ ଟଙ୍କା ଆଦେଶକୁ ପ୍ରତ୍ୟାହାର ନ କଲେ ସଂଘ ତରଫରୁ ସମସ୍ତ ଟାଟା ପାୱାର ଅଫିସ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରାଯିବା ନେଇ ପରମହଂସ ମନ୍ଦିର ନିକଟରେ ସାମ୍ବାଦିକ ସମ୍ମିଳନୀରେ ଜରୀଆରେ ଚେତାବନୀ ଦିଆ ଯାଇଛି । ଉପଭୋକ୍ତା ମାନଙ୍କୁ ଘରକୁ ଘର ଯାଇଁ ସଚେତନତା ଅଭିଯାନ ଆରମ୍ଭ କରାଯିବ୍ୟକଟକ ସଦର ବିଭିନ୍ନ ଗ୍ରାମରେ କେବୁଲ ତାର ଲାଗିଥିବା ଅଭିଯୋଗ,ତାର ଝୁଲିକି ରହିବା,ତାରରେ ଲଟା ମାଡ଼ିବା,ବିଭିନ୍ନ ଜାଗାରେ ତାର୍




ଖୁଣ୍ଟ ଗୁଡ଼ିକ ଅବ୍ୟବସ୍ଥାରେ ଥିବା ସହିତ, କର୍ମଚାରୀ ମାନେ ଜରୁରୀ ଫୋନ କଲ ନ ଉଠେଇବା ଗ୍ରାହକଙ୍କୁ ଜାଣି ଶୁଣି ହଇରାଣ କରିବା ଆଦି ଅଭିଯୋଗ ହେଇ ଆସୁଛି କିନ୍ତୁ ଏଥି ପ୍ରତି କମ୍ପାନୀ ଗୁରୁ ଦେଉ ନାହିଁ । ଓଡ଼ିଶା ରାଷ୍ଟ୍ରବାଦୀ ସଂଘର ସଭାପତି ଯୁବ ସମାଜସେବୀ ଇଂ.ଗିରିଜା ଶଙ୍କର ପତିଙ୍କ ନିର୍ଦ୍ଦେଶ କ୍ରମେ ଏହି ସାମ୍ବାଦିକ ସମ୍ମିଳନୀ ଡକାଯାଇ ଉପ ସଭାପତି ସତ୍ୟ ନାରାୟଣ ମହାନ୍ତି,ଉପ ସଭାପତି ସଞ୍ଜୟ କୁମାର ସାହୁ,ଯୁବ ରାଜ ପଣ୍ଡା ,ସମ୍ପାଦକ କୃଷକ ନେତା ଦେବୀ ପ୍ରସାଦ ପତି,ସଂଯୋଜକ ପୀୟୁଷ ରଞ୍ଜନ ପରିଡ଼ା,ଉପଦେଷ୍ଟା ପ୍ରଦୀପ୍ତ ମହାପାତ୍ର ,ଅନୀରୁଦ୍ଧ ରାଉଳ,ନାରାୟଣ କୁମାର ପଣ୍ଡା,ଯୁବ ସଂଯୋଜକ ସୁବାସ କୁମାର ପଣ୍ଡା,କୃଷ୍ଣ ଚନ୍ଦ୍ର ବେହେରା,ସରୋଜ ଜେନା,ବଳରାମ ନାୟକ ସହ ଅନ୍ୟ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ଥିଲେ ।

## ଶାରଳା ଜୁଏଲର୍ସରୁ ସୁନା କିଣି ମାଲେମାଲ ଗ୍ରାହକ

ର୍ତିଓଲ,୨୨।୧୨:(ମନ୍ଥନ)ଶାରଳା ଜୁଏଲର୍ସ ରୁ ସୁନା କିଣି ଗ୍ରାହକ ହେଉଛନ୍ତି ମାଲେମାଲ । କିଏ ଲକ୍ଷ୍ୟପତି ହେଉଛି ତ ଆଉ କିଏ ଜିତୁଛି ହୋଣ୍ଡା ଆକ୍ଟିଭା ଆଉ କିଏ ଜିତୁଛି ଏଲିଡ଼ି ଟିଭି । ଏଭଳି ଖୁସିର ଖବର ଆସିଛି ର୍ତିଓଲ ଅଞ୍ଚଳରୁ । ଜଗତସିଂହପୁର ଜିଲ୍ଲା ର୍ତିଓଲ ବ୍ଲକ ଜଗନ୍ନାଥପୁର ର ଜଣାଶୁଣା ପ୍ରତିଷ୍ଠିତ ସୁନାଗହଣା ପ୍ରତିଷ୍ଠାନ ଶାରଳା ଜୁଏଲର୍ସ ତାର ସୁନା ଗହଣା ପାଇଁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିଥିବା ବେଳେ ଗତ ଦୁଇବର୍ଷ ହେବ ଗ୍ରାହକଙ୍କୁ ଲକ୍ଷପତି ସହ ମୂଲ୍ୟବାନ ଉପହାର ଦେଇ ଚର୍ଚ୍ଚା ସାଉଁଟିଛି । ଗତବର୍ଷ ଶାରଳା ଜୁଏଲର୍ସ ରାହାମା ରୁ ଜଣେ ଗ୍ରାହକ ସୁନାକିଣି ସ୍କ୍ରାଚ୍ଚ କାର୍ଡ ମାଧ୍ୟମରେ ଲକ୍ଷପତି




ହୋଇଥିବା ବେଳେ ଏ ବର୍ଷ ଜଗନ୍ନାଥପୁର ଏବଂ ଏରସମା ରେ ଥିବା ଶାରଳା ଜୁଏଲର୍ସ ରୁ ଗ୍ରାହକ ସୁନାଗହଣା କିଣି ସ୍କ୍ରାଚ୍ଚ କାର୍ଡ ମାଧ୍ୟମରେ କିରଣ୍ଡି ଗ୍ରାମର ରଶ୍ମିରଂଜନ ସ୍ୱାଇଁ ହୋଣ୍ଡା ଆକ୍ଟିଭା ଜିତିଥିବା ବେଳେ ଚାରିଜଣ ଗ୍ରାହକ ଏଲିଡ଼ି ଟିଭି ଜିତିଛନ୍ତି। ଶାରଳା ଜୁଏଲର୍ସ ପରିବାର ତରଫରୁ ଏକ ବର୍ଣାଢ୍ୟ ପରିବେଶରେ ସମସ୍ତ ବିଜେତାଙ୍କୁ ତାଙ୍କର ଉପହାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଶାରଳା ଜୁଏଲର୍ସ ର ପ୍ରତିଷ୍ଠାତା ପର୍ଶୁରାମ ମାଣିକ, ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ,ତଥା ସମ୍ମଦିତ ଅତିଥି ସୁଶାନ୍ତ କୁମାର ନାୟକ ସରପଞ୍ଚ ଜଗନ୍ନାଥପୁର ପଞ୍ଚାୟତ, ଶରତ କୁମାର ତାରେଣୀୟା, ଜଗନ୍ନାଥ ଖଣ୍ଡୁଆଲ, କିଶ୍ୱୋର ଦାସ, ଶ୍ରିମତି ତୃପ୍ତି ମହାନ୍ତି, ସୁଧୀର ଖୁଣ୍ଟିଆ, ରବୀନ୍ଦ୍ର ଦାସ, ହେମାନି ନନ୍ଦ ,ଅବଦୁଲ ଆୟାସ ଓ ସୋନା ବାବୁ ଇତ୍ୟାଦି ଉପସ୍ଥିତ ଥିଲେ । ଜୁଏଲର୍ସ ର ସମସ୍ତ ପରିବାର,କର୍ମକର୍ତ୍ତା ଏବଂ ଶତାଧିକ ଗ୍ରାହକ ଉପସ୍ଥିତ ରହିଥିଲେ । ପ୍ରତିବର୍ଷ ଶାରଳା ଜୁଏଲର୍ସ ସାଧାରଣ ଗ୍ରାହକ ମାନଙ୍କ ଭିତରୁ ଜଣଙ୍କୁ ଲକ୍ଷପତି କରିବାର ଲକ୍ଷ ରଖାଯାଇଛି ବୋଲି ଶାରଳା ଜୁଏଲର୍ସ ର ପ୍ରତିଷ୍ଠାତା ପର୍ଶୁରାମ ମାଣିକ ମତ ରଖିଛନ୍ତି ।

## କରଚୁଲି ସରସ୍ୱତୀ ଶିଶୁ ମନ୍ଦିରର ୨୯ତମ ବାର୍ଷିକୋତ୍ସବ

ବୁଗୁଡା,୨୨।୧୨:(ମନ୍ଥନ)ବୁଗୁଡା ବ୍ଲକ କରଚୁଲି ଗ୍ରାମସ୍ଥ ସରସ୍ୱତୀ ଶିଶୁ ମନ୍ଦିରର ୨୯ତମ ବାର୍ଷିକ ଉତ୍ସବ ସ୍ୱପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି



ଜି.ବଦ୍ରିନାଥ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆସିକା ଚିନିକଳ ନିର୍ଦ୍ଦେଶକ ବସନ୍ତ କୁମାର ଦଳେଇ , ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ । ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏଥି ସହ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମ୍ପାଦକ ରାଜେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଉତ୍ସବର ପ୍ରାରମ୍ଭରେ ପ୍ରାକ୍ତନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନାଚାର୍ଯ୍ୟ ସୁଶାନ୍ତ ପ୍ରଧାନ ବାର୍ଷିକ ବିବରଣୀ ପଠନ ଏବଂ ପରିଶେଷରେ ଉପଦେଷ୍ଟା ହିମାଂଶୁ ଶେଖର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବାର୍ଷିକୋତ୍ସବ ପରିଚାଳନାରେ ଶିଶୁ ମନ୍ଦିରର ସମସ୍ତ ସେବାବ୍ରତୀ ସକ୍ରିୟ ସହଯୋଗ କରିଥିଲେ ।

## ଆନ୍ତର୍ଜାତୀୟ କବାଡି ପ୍ରତିଯୋଗିତା ରେ ଭାଗ ନେବେ ପିପିଲି ଝିଅ ସୁମିତ୍ରା

ପିପିଲି,୨୨।୧୨:(ମନ୍ଥନ)ଡିସେମ୍ବର ୨୫ ରୁ ୨୮ ତାରିଖ କଲିକତା ସ୍ଥିତ ଡୁମୁଡୁମା ଜେଲ ରୋଡ଼ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତୀୟ ଜୁନିଅର ବାଳିକା କବାଡି ବିଭାଗ ରେ ଓଡିଶା ଟିମ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । କମିଟି ପକ୍ଷରୁ ପୁରୀ ଜିଲାରୁ ଦୁଇ ଖେଳାଳି ଏହି ଖେଳ ଖେଳିବା ପାଇଁ ମନୋନୀତ ହୋଇଛନ୍ତି । ପିପିଲି ବ୍ଲକ ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁର ଗ୍ରାମର ସୁମିତ୍ରା ଦାଶ ଆନ୍ତର୍ଜାତିୟ କବାଡି ଖେଳିବା ପାଇଁ ମନୋନୀତ ହୋଇଥିବା ରୁ ପିପିଲି ଅଂଚଳ ପାଇଁ ଖୁସି ଆଣି ଦେଇଛନ୍ତି । ଏପେଇ ଓଡିଶା କବାଡି ଆସୋସିଏଶନ ଚିଠି ନମ୍ବର୨୦୭(୧୦) ସୂଚନା ପ୍ରଦାନ କରିଛନ୍ତି । ସୁମିତ୍ରା ଦାଣ୍ଡମୁକୁନ୍ଦପୁର ସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ଛାତ୍ରୀ ହୋଇଥିବା ବେଳେ ସେ ଏବେ ପିପିଲି ମହାବିଦ୍ୟାଳୟ ରେ ଅଧ୍ୟୟନ କରୁଛନ୍ତି ଯତା ସହିତ ନେତାଜୀ ସ୍ପୋର୍ଟିଙ୍ଗ ସହିତ ଜଡିତ ରହି ପ୍ରଶିକ୍ଷକ ସୁକାନ୍ତ ମିଶ୍ର ଏବଂ ରମେଶ ପ୍ରଧାନ ଙ୍କ ପାଖରେ ନିଜର ଅଭ୍ୟାସ ଜାରି ରଖିଛନ୍ତି । ପ୍ରତିଦିନ ସେ ପାଞ୍ଚ ରୁ ଛ ଘଣ୍ଟା କବାଡି ପ୍ରାକ୍ଟିସ ରେ ସମୟ ଦେଉଥିବା ବେଳେ ବିଭିନ୍ନ ଜିଲାର ପ୍ରତିଯୋଗିତା ରେ ଭାଗ ନେଇ ଖୁବ ସଫଳତା ର ସହ ଖେଳ ପ୍ରଦର୍ଶନ କରିଥାନ୍ତି ବୋଲି ନେତାଜୀ ସ୍ପୋର୍ଟିଙ୍ଗ ର ସଭାପତି ପ୍ରକାଶ ମିଶ୍ର ସୂଚନା ଦେଇଛନ୍ତି । ସୁମିତ୍ରା ଦାଣ୍ଡମୁକୁନ୍ଦପୁର ପଞ୍ଚାୟତ ମହାସିଂହ ପାଟଣା ଗ୍ରାମର ଅଜୟ ଦାଶ ଏଂ ସବିତା ଦାଶ ଙ୍କ କନ୍ୟା ଅଟନ୍ତି ।

## କୃଷକ ବିକାଶ ମଂଚର ଜିଲ୍ଲା କମିଟି ବୈଠକ

ଯାଜପୁର,୨୨।୧୨:(ମନ୍ଥନ)ଓଡ଼ିଶା କୃଷକ ବିକାଶ ଯାଜପୁର ଜିଲ୍ଲା କମିଟିର କାର୍ଯ୍ୟକାରୀ ସଦସ୍ୟମାନଙ୍କୁ ନେଇ ସହରର ଉତ୍କଳ ମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟର ଧାନମଣ୍ଡିଗୁଡ଼ିକରେ ମିଲର ଓ ଦଲାଲ ମିଳିମିଶି ଚାଷୀଙ୍କୁ ଶୋଷଣ କରୁଥିବାରୁ ଏହାର ପ୍ରତିକାର ଉପରେ ଆଲୋଚନା ହୋଇଥିଲା । ଜିଲ୍ଲା, ବ୍ଲକ୍ ? ଓ ସମବାୟ ସଂସ୍ଥାରେ ନୂତନ ଧାନ କିଣା କମିଟି ଗଠନ ସହ କଟନିଛଟନି ବିରୋଧରେ ସମସ୍ତ ଥାନାକୁ ଫୌଜଦାରି ମାମଲା ରୁଜୁ କରିବାକୁ ସରକାର ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବି କରାଯାଇଥିଲା । ବିରଜା ହାଟରେ ଜମି ବିବାଦ ସମସ୍ୟା ଦୂର କରି ହାଟ ପାଇଁ ଉପଯୁକ୍ତ ଜମି ଯୋଗାଇଦେବା, ବ୍ରାହ୍ମଣୀ ନଦୀବନ୍ଧର ସୁଦୃଢ଼ୀକରଣ ଓ ପ୍ରଶସ୍ତୀକରଣ ପାଇଁ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ଅନୁରୋଧ କରାଯାଇଛି । ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ ପାତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ କୃଷକ ଓ ସରକାରଙ୍କ ମଧ୍ୟରେ ଆଲୋଚନା କରି ସମସ୍ୟା ସମାଧାନର ପ୍ରସ୍ତାବ ଦେଇଥିଲେ ।

## ଯାଜପୁର ବିରଜାକ୍ଷେତ୍ର ଠିକାଦାର ସଂଘର ବୈଠକ

ଯାଜପୁର,୨୨।୧୨:(ମନ୍ଥନ) ଯାଜପୁର ସହର ସ୍ଥିତ ଶାନ୍ତି ମଣ୍ଡପରେ ଯାଜପୁର ବିରଜାକ୍ଷେତ୍ର ଠିକାଦାର ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ସଞ୍ଜିବ ପରିଡ଼ାଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଦିଲ୍ଲୀପ କୁମାର ଜେନା, ମୁଖ୍ୟ ଉପେଦେଷ୍ଟା କେଦାର ରାଉତରାୟ ଯୋଗ ଦେଇ ଟେଣ୍ଡର ବେଳେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସର ରେ ବରିଷ୍ଠ ଠିକାଦାର ରାଜେଶ ମହାପାତ୍ର, ନିହାର ରଞ୍ଜନ ମାନ୍ଧାତା, ଆଲୋକ ସାମଲ, ବସନ୍ତ ମିଶ୍ର, ପ୍ରଶାନ୍ତ ଦାସ, ବିଜୟ ପରିଡ଼ା ପ୍ରମୁଖ ମଂଚାସୀନ ହୋଇ ବିଶେଷ ଭାବରେ ଠିକାଦାର ସରକାର ନିର୍ଦ୍ଧାରଣ କରିଥିବା ସିଡ୍ୟୁଲ ରେଟ୍ର ପରିବର୍ତନ ପାଇଁ ଦାବି କରିଥିଲେ । ମାର୍କେଟରେ ଜିନିଷ ପତ୍ରର ଦରଦାମ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାର ସିଡ୍ୟୁଲ ରେଟ୍ ପରିବର୍ତନ କରିବା ସାଙ୍ଗକୁ ସ୍ୱତନ୍ତ୍ର ଯୋଜନା କରିବାକୁ ଏହି ବୈଠକ ରେ ଠିକାଦାର ମାନେ ଦାବି କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଠିକାଦାର ସିଦ୍ଧାର୍ଥ ସାମଲ, ସୌମ୍ୟ ସାମଲ, ଶରତ ସାହୁ, ମନୋଜ ସାହୁ, ବିଷ୍ଣୁ ନାୟକ ସମେତ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଠିକାଦାର ମାନେ ଉପସ୍ଥିତ ଥିଲେ ।

## ପଶ୍ଚିମ ଓଡିଶା କୁମ୍ଭାର ମହାସଂଘର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର, ୨୨।୧୨:(ମନ୍ଥନ)ପଶ୍ଚିମ ଓଡିଶା କୁମ୍ଭାର ମହାସଂଘର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ବିଜାଖମନ ଠାରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଅରୁଣ ରଣା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସର୍ବ ସମ୍ମତିକ୍ରମେ ଅକ୍ଷୟ ରଣା (ବଲାଙ୍ଗିର) ପଶ୍ଚିମ ଓଡିଶା ସଭାପତି ଲାବଣ୍ୟ ରଣା (ବରଗଡ) ଓ ଇନ୍ଦଲ ରଣା (ନୂଆପଡା) କାର୍ଯ୍ୟକାରୀ ସଭାପତି ଏବଂ ବିଶ୍ୱନାଥ ରଣା (ନୂଆପଡା) ସାଧାରଣ ସଂପାଦକ ନିର୍ବାଚିତ ହୋଇଛନ୍ତି । ଏହି ବୈଠକରେ ଡଃ ଦେବାଶିଷ ରଣା ମେମୋରିଆଲ ଟ୍ରଷ୍ଟ ବଲାଙ୍ଗିର ତରଫରୁ କୁମ୍ଭାର ସମାଜର ୮୦%



ମାର୍କ ରଖି ଦଶମ ଓ ଦ୍ୱାଦଶ ଶ୍ରେଣୀ ଆଠଜଣ ଛାତ୍ର ଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ମାନପତ୍ର ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଟ୍ରଷ୍ଟ ଫାଉଣ୍ଡର ପୂର୍ଣ୍ଣଚନ୍ଦ୍ର ରଣା ଟ୍ରଷ୍ଟ ସଭାପତି ରଘୁରାଜ ରଣା, ବରିଷ୍ଠ ସମାଜସେବୀ ବିଶ୍ୱାମିତ୍ର ରଣାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ବୈଠକରେ ବଲାଙ୍ଗିର ଜିଲ୍ଲା ୧୪ଟି ବ୍ଲକ ସଭାପତି, ସମ୍ପାଦକ ଙ୍କ ସହ ବରଗଡ, ସୋନପୁର, ନୂଆପଡା, କଳାହାଣ୍ଡି, ସମ୍ବଲପୁର ଜିଲ୍ଲା ସଭାପତି ସମ୍ପାଦକ ଙ୍କ ସମେତ ୫୦୦ ରୁ ଉର୍ଦ୍ଧ୍ୱ ସମାଜ ପ୍ରେମୀ ଉପସ୍ଥିତ ଥିଲେ । ବୈଠକରେ ସହଯୋଗ କରିଥିଲେ ଚକ୍ରପାଣି ରଣା, ପୂଣ୍ୟ ଶେଖର ରଣା, ଓମ୍ ପ୍ରକାଶ ରଣା, ପିତାମ୍ବର ରଣା, ନିରାକାର ରଣା, ଯୁଗଲ କିଶୋର ରଣା, ଭକ୍ତ ଚରଣ ରଣା, ନୃପରାଜ ରଣା, ପ୍ରମୋଦ ରଣା, ଶଶିଭୂଷଣ ରଣା । ବଲାଙ୍ଗିର ଜିଲ୍ଲା ସମ୍ପାଦକ ଅନିଲ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ରୟାଲ ଏକାଡେମୀର ବାର୍ଷିକ ଉତ୍ସବ

ବଲାଙ୍ଗିର, ୨୨।୧୨:(ମନ୍ଥନ) ବଲାଙ୍ଗିର କଲେଜ ଛକ ସ୍ଥିତ ରୟାଲ ଏକାଡେମୀର ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରୟାଲ ଏକାଡେମୀ ର ଟ୍ରଷ୍ଟି ପରିଚାଳନା ଅଧକ୍ଷା ନିରୁପମା ପଣ୍ଡା ବାର୍ଷିକ ଉତ୍ସବରେ ଅଧକ୍ଷତା କରିବା ସହ ମୁଖ୍ୟ ଅତିଥି ପ୍ରଫେସର ତରୁଣ ମିସ୍ର, ଟ୍ରଷ୍ଟି ସଭ୍ୟ ପ୍ରକାଶ କୁମାର ନେପାକ ସମ୍ମାନିତ ଅତିଥି ଏବଂ ଅଶୋକ କୁମାର ମେହେର ବକ୍ତା ତଥା ଟ୍ରଷ୍ଟି କୁନା ବାଗ, ଅଜିତ ପଣ୍ଡା ଅତ୍ୟତମ ଅତିଥି ରୂପେ ଯୋଗଦାନ କରି ବିଦ୍ୟାଳୟ ଛାତ୍ର ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେବା ସହ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସଂଜିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ଦେବାନନ୍ଦ ସାହୁ ସଭା ସଂଯୋଜନା କରିଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଭିନ୍ନ ପ୍ରତିଯେଗିତାରେ ସଫଳ ହୋଇଥିବା ଛାତ୍ର ଛାତ୍ରୀମାନେ ବରିଷ୍ଠ ବିଭାଗ ଚମ୍ପିୟାନ




ଋତୁରାଜ ପଶାୟତ ଏବଂ କନିଷ୍ଠ ବିଭାଗ ରେ କୃତିକା ଖମାରୀ ଏବଂ ବିଭିନ୍ନ ପ୍ରତିଯୋଗିତା ରେ ବିଜେତା ଋତୁରାଜ ପଶାୟତ, ପ୍ରିଶୁଶ୍ରିବା ପାଢୀ, ଅମାୟିରା ସାୟିଦ, ରିୟାନ୍ସ ଭାର୍ଗବ ହୋତା, ଆଦିରୟା ଇସାରାତ, ଆରାଧ୍ୟା ମହାନ୍ତି, ଦେବାଶ୍ରିତ ଧାରୁଆ ଙ୍କୁ ମୁଖ୍ୟ ଅତିଥି ତଥା ଅନ୍ୟ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଅଭିଭାବକମାନଙ୍କ ଦୌଡ ପ୍ରତିଯୋଗିତାରେ ଗୋବିନ୍ଦ ମହାନ୍ତି, ଶୁଭ୍ରାଂଶୁ ଶେଖର ନାଏକ, ସୁଶୀଲ ମହାକୁଡ ଯଥା କ୍ରମେ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ପାଇଁ ପୁରସ୍କାର ପାଇଥିଲେ । ଅଭିଭାବିକା ଙ୍କ ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ସୌଦାମିନୀ ଧରୁଆ, ଦିବ୍ୟାନି ନାଏକ, ନଡିଶା ଖାତୁନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପାଇଥିଲେ । ପରିଶେଷରେ ଅଧକ୍ଷା ନିରୁପମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଶେମର୍ଫୋଡ ଫ୍ୟୁଚରିଷ୍ଟିକ୍ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଲାଙ୍ଗିର ,୨୨।୧୨:(ମନ୍ଥନ)ବଲାଙ୍ଗିର ଖର୍ଲକାନି ସ୍ଥିତ ଶେମର୍ଫୋଡ ଫ୍ୟୁଚରିଷ୍ଟିକ୍ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ରେ ତାର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଯାଇଅଛି । ବିଦ୍ୟାଳୟ ର ସମ୍ପାଦକ ସଞ୍ଜୀବ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଡକ୍ଟର ପ୍ରତାପ କୁମାର ଦାଶ ଇଂରାଜୀ ବିଭାଗର ମୁଖ୍ୟ ଏବଂ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧକ୍ଷ । ସମ୍ମାନିତ ଅତିଥି ଭାବରେ ସହ ସଭାପତି ଆଶିଷ କୁମାର ରଥ, ଶିକ୍ଷା ନିର୍ଦ୍ଦେଶିକା ନିଲମ ରଥ , ଅଧକ୍ଷ ପ୍ରତାପ କୁମାର ଜେନା ଓ ପ୍ରି. ପ୍ରାଇମେରୀ ବିଭାଗ ର ପ୍ରଧାନ ଶିକ୍ଷୟିତ୍ରୀ ସହ , ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଓ ଅଭିଭାବକ



ଉପସ୍ଥିତ ରହି ଉତ୍ସବ ଟିକୁ ସାଫଲ୍ୟ ମଣ୍ଡିତ କରିଥଲେ । ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉଚ୍ଚ କୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ସହସ୍ରାଧିକ ଉପସ୍ଥିତ ଅଭିଭାବକ ମାନେ ବିଦ୍ୟାଳୟର ସଫଳତା ସମ୍ପର୍କରେ ନିଜ ନିଜ ର ମତ ରଖିଥିଲେ । ବିଦ୍ୟାଳୟର ସଭାପତି ଓ ଏକାଡେମିକ ନିର୍ଦ୍ଦେଶିକା ମୁଖ୍ୟ ଅତିଥି ଡ. ଦାଶ ଙ୍କୁ ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିବା ବେଳେ ଅଧକ୍ଷ ଶ୍ରୀ ଜେନା ବାର୍ଷିକୀ ବିବରଣୀ ପାଠ କରିଥିଲେ । ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁସ୍ମିତା ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବ ରେ ସ୍କୁଲ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କ୍ରମଚାରୀ ସହଯୋଗ କରିଥିଲେ ।



# ଓଡ଼ିଶା ଉଚ୍ଚନ୍ୟାୟାଳୟର ଆଇନଜୀବି ଜୟନ୍ତ କୁମାର ଦାସଙ୍କୁ ହ୍ୟୁ ମ୍ୟାନ୍ ରାଇଟ୍ସ ଡିଗ୍ନିଟି ସମ୍ମାନ

ମାହାଙ୍ଗା, ୨୨।୧୨:(ମନ୍ଥନ) ମାହାଙ୍ଗା ଅଂଚଳର ବିଶିଷ୍ଟ ସମାଜସେବୀ, ଅବସରପ୍ରାପ୍ତ ଯୁଗ୍ମ ସଚିବ ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବି ଜୟନ୍ତ କୁମାର ଦାସଙ୍କୁ ହ୍ୟୁମ୍ୟାନ୍ ରାଇଟ୍ସ ଡିଗ୍ନିଟି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଗତ ୧୮ ତାରିଖ ଦିନ ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନ (ଜୟଦେବଭବନ)ଠାରେ ହ୍ୟୁ ମ୍ୟାନ୍ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ଏବଂ ଜାତୀୟ ମାନବାଧିକାର କମିଶନର ନୂଆଦିଲ୍ଲୀ ଅନୁକୂଲ୍ୟରେ ରାଜ୍ୟସ୍ତରୀୟ ମାନବାଧିକାର କର୍ମୀ ତାଲିମ ସମ୍ମିଳନ ଅନୁଷ୍ଠିତ ହୋଇଥିଲା। ହ୍ୟୁ ମ୍ୟାନ୍ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ଭୁବନେଶ୍ୱରର ସଭାପତି ମନୋଜ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଏନ୍‌ଏଚ୍‌ଆର୍‌ସି, ନୂଆଦିଲ୍ଲୀର ସଦସ୍ୟ ଜଷ୍ଟିସ୍ ବିଦ୍ୟୁତ ରଂଜନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶା ମାନବାଧିକାର କମିଶନର ଅସିମ୍ ଅମିତାଭ୍ ଦାସ ସମ୍ମାନୀତ ଅତିଥି ଭାବେ ରାଜ୍ୟ ମହିଳା ଅଧିକାର କମିଶନର ଡଃ କଳ୍ପନା ମଲିକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତ ଆଲୋଚନା ଚକ୍ର ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଅମୀକ କୁମାର ସାହୁଙ୍କ ପରିଚାଳନାରେ ଆଇନଜୀବି ଜୟନ୍ତ କୁମାର ଦାସ ଯୋଗଦେଇ ମାନବାଧିକାର ସହିତ ସମ୍ବିଧାନର ସଂପର୍କକୁ ନେଇ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ। ଏହି ଉତ୍ସବରେ ଶ୍ରୀଯୁକ୍ତ ଦାସଙ୍କୁ ଅତିଥିମାନେ ହ୍ୟୁ ମ୍ୟାନ୍ ରାଇଟ୍ସ ଡିଗ୍ନିଟି ସମ୍ମାନ ପ୍ରଦାନ କରିଥିଲେ। ଯାହାକୁ ନେଇ ମାହାଙ୍ଗା ଅଂଚଳରେ ସ୍ୱାଗତ କରାଯାଇଛି।

# ୫ବର୍ଷର କୁନି ଝିଅ ଆରାଧ୍ୟାଙ୍କ କୃତିତ୍ୱ

ମାହାଙ୍ଗା, ୨୨।୧୨:(ମନ୍ଥନ) ମାହାଙ୍ଗା ବ୍ଲକ ଉଷୁମା ପଂଚାୟତର ଉଷୁମା ଗ୍ରାମର ସାମ୍ବାଦିକ ଅର୍ଜୁନୀ ସାହୁ ଓ ପତ୍ନୀ ସସ୍ମିତା ସାହୁଙ୍କ ୫ବର୍ଷର କୁନି ଝିଅ ଆରାଧ୍ୟା ସାହୁ ଏବେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ହୋଇଛନ୍ତି। ପ୍ରାୟ ୪ବର୍ଷ ବୟସରୁ ଆରାଧ୍ୟାଙ୍କ ମାମା ସସ୍ମିତା ପାଠ ସହିତ ସାଧାରଣ ଜ୍ଞାନ ବାବଦରେ ଶିକ୍ଷା ପ୍ରଦାନ କରିଥିଲେ। ଏବେ ଆରାଧ୍ୟା ଏରକଣା ସ୍ଥିତ ସତ୍ୟାସାଇ ଶିଶୁବିଦ୍ୟା ବିହାରରେ କେଜି-୧ ରେ ଅଧ୍ୟୟନ କରୁଛନ୍ତି। ତାଙ୍କ ମୁହଁରେ ଦେଶର ବିଭିନ୍ନ ରାଜ୍ୟର ନାମ, ରାଜ୍ୟର ରାଜଧାନୀ, ଓଡ଼ିଶାର କେତୋଟି ଜିଲ୍ଲା ଓ ତାହାର ନାମ ସହ ଜାତୀୟ ସଂଗୀତ ଓ ଦେଶାତ୍ମବୋଧକ ଗୀତ, ବକ୍ତୃତା ପ୍ରଦାନ କରୁଛନ୍ତି। ଏହା ଛଡା ଇଂରାଜୀ ଓ ଓଡ଼ିଆରେ ଗୀତା, ଭାଗବତ, ରାମାୟଣ, ଲକ୍ଷ୍ମୀପୁରାଣ ଠାରୁ ଆରମ୍ଭ କରି ବହୁ ପ୍ରାଚୀନ ପୁସ୍ତକର ଲେଖକଙ୍କ ନାମ କହୁଛନ୍ତି, ଏତଦ୍‌ଭିନ୍ନ ଜାତୀୟ ପଶୁ, ପକ୍ଷୀ, ଜାତୀୟ ନୀତି ସହ ରାଇମ୍ସ ମଧ୍ୟ ଆରାଧ୍ୟାଙ୍କ ମୁହଁରେ ଅନରଗଳ ବାହାରୁଛି। ତେବେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଠାରୁ ଆରମ୍ଭ କରି ମନ୍ତ୍ରୀ ଓ ମହାନ୍ ବ୍ୟକ୍ତିଙ୍କ ନାମ ନିଜ ମୁହଁରେ କହୁଛନ୍ତି। ତେଣୁ ୫ବର୍ଷ ମଧ୍ୟରେ ଅନେକ କଥା ମନେ ରଖିବା ସହ ପାଠ ପଢ଼ାରେ ମଧ୍ୟ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ଶରତକର ଓ ଅନିମାକର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଶୋଭନ କର, ଆମ ମାହାଙ୍ଗାର ଅଧ୍ୟକ୍ଷ ଡଃ ଅମରେନ୍ଦ୍ର ମହାନ୍ତି, ଡଃ ବିବେକାନନ୍ଦ ସିଂହ, ଡଃ ରାମଚନ୍ଦ୍ର ଦାଶ, ଡଃ ଏକାଦଶୀ ପ୍ରଧାନ, ସାହିତ୍ୟିକ ଗୌତମ ଚରଣ ଜେନା, ସାମ୍ବାଦିକ ରବିନାରାୟଣ ଦାସ, ସ୍ତମ୍ଭକାର ବିବେକାନନ୍ଦ ଦାସ, ଧନେଶ୍ୱର ସେଠୀ ପ୍ରମୁଖ ଆରାଧ୍ୟାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ସଂସ୍କାରକ ବୈରାଗୀ ମିଶ୍ରଙ୍କ ୧୪୧ତମ ଜୟନ୍ତୀ ପାଳିତ

ମାହାଙ୍ଗା, ୨୨।୧୨:(ମନ୍ଥନ) ଗତ ୧୭ତାରିଖ ବୁଧବାର ଦିନ ମାହାଙ୍ଗା ବ୍ଲକର ଗୁଣ୍ଡୁପୁର ସ୍ଥିତ ଗ୍ରାମଦେବତୀ ପ୍ରାଙ୍ଗଣରେ ମାହାଙ୍ଗାର ଅନ୍ୟତମ ବରପୁତ୍ର ତଥା ସମାଜସଂସ୍କାରକ ବୈରାଗୀ ଚରଣ ମିଶ୍ରଙ୍କ ୧୪୧ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସଂସ୍କାରକ ବୈରାଗୀମିଶ୍ର ସ୍ମୃତି ସଂସଦ ଏବଂ ଶରତକର ଓ ଅନିମାକର ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ଶିକ୍ଷାବିତ୍ ରବିନ୍ଦ୍ରନାଥ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ଭାରତସରକାରଙ୍କ ପ୍ରାକ୍ତନ ଆୟକର ଆୟୁକ୍ତ ଶୋଭନ କର ଯୋଗଦେଇ ଦିବଂଗତ ବରପୁତ୍ର ସ୍ୱର୍ଗତ ବୈରାଗୀ ଚରଣ ମିଶ୍ରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ସହ ସମାଜ ସଂସ୍କାର କ୍ଷେତ୍ରରେ ବୈରାଗୀ ମିଶ୍ରଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରି ସମସ୍ତେ ଅପସଂସ୍କୃତି, ଅନ୍ଧବିଶ୍ୱାସକୁ ପରିହାର କରି ସଂସ୍କାରିତ ମାର୍ଗରେ ଅଗ୍ରସର ହେଲେ ସମାଜରେ ସୁଧାର ନିଶ୍ଚୟ ଆସିବ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ଭାବେ ଡଃ ମନୋରଂଜନ ବେଉରା, ସମ୍ମାନୀତ ଅତିଥିଭାବେ ନିର୍ଭୀକ ପତ୍ରିକାର ସଂପାଦକ ଅବନୀ ଚନ୍ଦ୍ର ଦାସ ଯୋଗଦେଇ ସଂସ୍କାର ବୈରାଗୀ ମିଶ୍ରଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉତ୍ସବରେ କବି ଧନେଶ୍ୱର ପ୍ରଧାନ, ସମାଜସେବୀ ରାମଚନ୍ଦ୍ର ମହାପାତ୍ର, ଯୁବସଂଗଠକ ଜ୍ଞାନରଂଜନ ଷଡ଼ଙ୍ଗୀ, ସମାଜସେବୀ ପ୍ରଶାନ୍ତ କୁମାର କର, ପୂର୍ବତନ ସମିତିସଭ୍ୟ ରାମଚନ୍ଦ୍ର ବେହେରା ପ୍ରମୁଖ ସ୍ୱର୍ଗତ ବୈରାଗୀ ମିଶ୍ରଙ୍କ ସ୍ମୃତିଚାରଣ ସାହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ସ୍ମୃତି ସଂସଦର ସଂପାଦକ ଶୁଭେନ୍ଦୁ ସାମଲ ଅତିଥିପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିଶୁ କିଶୋର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ନୃତ୍ୟ ସଂଗୀତ ଆଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସଚ୍ଚିନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ଅଂଚଳର ବହୁ ଜନସାଧାରଣ, ବୁଦ୍ଧିଜୀବି, ଯୁବ ଛାତ୍ର ଓ ମହିଳାମାନେ ଅଂଶଗ୍ରହଣ କରିଥିଲେ।

## କୋମାରେ ବର୍ଜ୍ୟବସ୍ତୁ ପରିଚାଳନା ଆଇନ

# କବିସୂର୍ଯ୍ୟନଗରରେ ଅବାଧ ପଲିଥିନ ବ୍ୟବହାର ସମ୍ଭାବ୍ୟ ଦୁରାରୋଗ୍ୟର କାରଣ !

କବିସୂର୍ଯ୍ୟନଗର, ୨୨।୧୨:(ମନ୍ଥନ) କୋମାରେ ବର୍ଜ୍ୟବସ୍ତୁ ପରିଚାଳନା ଆଇନ. ଆଇନ ତା ବାଟରେ ଯାଉଛି, କାମ କରୁନି ସରକାରୀ ନିର୍ଦ୍ଦେଶ, ବ୍ୟବହାର ବହୁଳ ପଲିଥିନକୁ ନେଇ ବିପଦରେ ସାଧାରଣ ଲୋକେ । ଏବଂ ବୁଲା ଗାଈଗୋରୁ। ବର୍ଷକୁ ଥରେ ସଚେତନତା ପୋଷ୍ଟର ବ୍ୟାନେର ରେ ସୀମିତ ରହିଯାଉଛି.. ସୂଚନା ଯୋଗ୍ୟ ଯେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ରେ ପଲିଥିନ ବ୍ୟବହାର ବ୍ୟାପକ ବଢୁଛି । ଏଠି ନା କେବେ ସଚେତନତା କରାଯାଉଛି ନା ଚଢ଼ାଉ କରାଯାଉଛି। ସବୁ ଜାଗାରେ ସବୁଠି ପଲିଥିନ. ପଲିଥିନ ବ୍ୟବହାର ଯୋଗୁ ନୂଆ। ନୂଆ। ରୋଗ ଦେଖାଦେଇଛି । ଯାହା ଫଳରେ ପରିବେଶ ପୁରା ବିପଦରେ.. ବିଶ୍ୱ ପରିବେଶ ଦିବସରେ ଲୋକ ଦେଖାଣିଆ। ସଭା ରାଲି କରି ସରକାରୀ ଟଙ୍କା ଅପବ୍ୟୟ ହେଉଛି ବୋଲି ପରିବେଷବିତ ମାନେ ମତ ଦେଇଛନ୍ତି । ୨୦୧୯ ମସିହାରୁ ପଲିଥିନ ବ୍ୟବହାର ସହରରେ ନିସିଦ୍ଧ କରାଯାଇଥିଲେ ମଧ ତାହା କେବଳ କାଗଜ ପତ୍ରରେ ରହିଛି । ମଝିରେ ମଝିରେ ହଠାତ ନିଦ୍ରାଭଙ୍ଗ ଭଳି ପୌରପାଳିକା କିମ୍ବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ଦୋକାନ ଉପରେ ଚଢାଉ କରି କିଛି କିଛି ପଲିଥିନ୍ ଜବତ କରିବା ସହ ଜୋରିମାନା ଆଦାୟ କରିଥାଏ ୨-୩ଦିନ ଏହି ଅଭିଯାନ ଚାଲିବା ପରେ ଚଢ଼ାଉ କରୁଥିବା କର୍ତ୍ତୃପକ୍ଷ ପଲିଥିନ୍ ର ବିପଦ ସମ୍ପର୍କରେ ଭୁଲିଯାଆନ୍ତି । ଜଳଖିଆ। ଠାରୁ ଆରମ୍ଭ କରି ବିଭିନ୍ନ ତେଜରାତି ସାମଗ୍ରୀ ଓ ସଉଦାପତ୍ର ନେବାଆଣିବା ପାଇଁ ଖୋଲାଖୋଲି ଭାବେ ପଲିଥିନ ବ୍ୟବହୃତ ହୁଏ । ସମସ୍ତେ ଏହା ଦେଖୁଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏନାହିଁ । ଲୋକଦେଖାଣିଆ। ଭାବେ ପ୍ରଚାର ପାଇଁ ପଲିଥିନ ଧରପଗଡ଼ ଓ ପଲିଥିନ ବର୍ଜନ ସଚେତନତା ଅଭିଯାନ କରାଯାଏ ବ୍ୟବସାୟୀ ଓ ଗ୍ରାହକମାନେ ଖୋଲାଖୋଲି ଭାବେ ପଲିଥିନ୍ ବ୍ୟବହାର କରନ୍ତି । ଏକକ ବ୍ୟବହାରେ ଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାରକୁ ନିସିଦ୍ଧ କରିବା ପାଇଁ ନିୟମ ରହିଥିଲେ ମଧ ସେଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ । ସମସ୍ତ ପ୍ରକାରର କଠିନ ଓ ତରଳ ପଦାର୍ଥ ପାଇଁ ପଲିଥିନ୍ ର ବ୍ୟବହାର କରାଯାଉଥିବା ବେଳେ ମନ୍ଦିରରେ ମଧ ଭୋଗ ପାଇଁ ପଲିଥିନ୍ ବ୍ୟବହାର କରାଯାଉଛି । ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଅନୁଯାୟୀ ୭୫ତମ ମାଇକ୍ରୋନ୍ ରୁ କମ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ପଲିଷ୍ଟରର ବ୍ୟବହାର ସଂପୂର୍ଣ୍ଣ ରୂପେ ନିସିଦ୍ଧ ହୋଇଥିଲେ ମଧ ଏହା ଧର୍ମକୁ ଆଖିଠାର ଭଳି । ୭୦ ଜିଏସ୍‌ଏମ୍ ରୁ କମ୍ ପ୍ଲାଷ୍ଟିକ୍ ବ୍ୟାଗ୍ ର ବ୍ୟାପକ ବ୍ୟବହାର କରାଯାଉଛି । ସେହିଭଳି ଖୋଲାଖୋଲି ଭାବେ ଥର୍ମକୁଲ ବ୍ୟବହୃତ ହେଉଛି । ପ୍ରତ୍ୟହ ରାସ୍ତା କଡ଼ରେ ପଲିଥିନ୍, ପ୍ଲାଷ୍ଟିକ୍ ବ୍ୟାଗ୍ ଓ ଅନ୍ୟାନ୍ୟ କଣ୍ଟେନର ଅଳିଆଗଦାରେ ପଡ଼ିରହୁଥିବା ଦେଖାଯାଉଛି । କ୍ଷୀର ଠାରୁ ଆରମ୍ଭ କରି ମିଠା ଓ ଅନ୍ୟାନ୍ୟ ଖାଦ୍ୟସାମଗ୍ରୀ ମଧ ପଲିଥିନ୍ ବ୍ୟାଗରେ ବିକ୍ରି କରାଯାଉଛି । ଯାହାକି ଜନସ୍ୱାସ୍ଥ୍ୟ ପ୍ରତି କ୍ଷତିକାର ହୋଇଥିଲେ ମଧ ସେଥିପ୍ରତି କେହି ସଚେତନ ନୁହନ୍ତି ଏବଂ ଏହାକୁ ରୋକିବା ଦିଗରେ ମଧ କୌଣସି ଆନ୍ତରିକ ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ସରକାରଙ୍କ ପକ୍ଷରୁ ୨୦୨୧ ମସିହାରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ପ୍ରଣୟନ କରାଯାଇଥିଲା ଏବଂ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପୌରାଞ୍ଚଳମାନଙ୍କରେ ଏହାର ଯୋଗାଣ, ବିକ୍ରୟ, ବଣ୍ଟନ ଓ ପରିବହନକୁ ସଂପୂର୍ଣ୍ଣଭାବେ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି ହୋଇଥିଲା । କିନ୍ତୁ ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବା ପରିବର୍ତ୍ତେ କୋହଳ ମନଭାବ ଯୋଗୁଁ ଏପର୍ଯ୍ୟନ୍ତ ପଲିଥିନ୍ ଓ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର ଅବ୍ୟାହତ ରହିଛି ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଗବେଷଣା କେନ୍ଦ୍ର ୩୧ତମ ବାର୍ଷିକ ଉତ୍ସବ

କୁଚିଣ୍ଡା, ୨୨।୧୨:(ମନ୍ଥନ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃ ମୀରା ଧାମ କୁଚିଣ୍ଡା ରେ ୩୧ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ର ଅଧ୍ୟକ୍ଷ ମନୋଜ ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ଚନ୍ଦ୍ର ନାଏକ ଯୋଗଦେଇ ଏହି ବାର୍ଷିକ ଉତ୍ସବ ମାଧ୍ୟମରେ ହିଁ ଲୁଚି ରହିଥିବା ଅନ୍ତର୍ନିହିତ ଗୁଣାବଳି ର ବିକାଶ ର ମାଧ୍ୟମ ଅଟେ ବୋଲି ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବ୍ରଜରାଜନଗର



ମହାବିଦ୍ୟାଳୟ ପ୍ରାଧାପକ ପଦାର୍ଥ ବିଜ୍ଞାନ ପ୍ରଫେସର ସୁପ୍ରକାଶ ଚୈଧୁରୀ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଅଧିକ ତଥ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ର ସଂପାଦକ ହରିହର ପଟେଲ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ମଞ୍ଚ ପରିଚାଳନା ସୌକିତ ମହାପାତ୍ର କରିଥିବାବେଳେ, ମନୋଜ ସାହୁ ସଭା ପରିଚାଳନା କରିଥିଲେ । ଶେଷରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ସଭାପତି କ୍ଷମାଶୀଳ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ । ହୋଇଥିବା ବିଭିନ୍ନ ପ୍ରକାର କ୍ରୀଡ଼ା ଏବଂ ଶିକ୍ଷା କ୍ଷେତ୍ରରେ କୃତି ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅଭିଭାବକ ମାନଙ୍କ ସହିତ ଅନେକ ଜନସାଧାରଣଙ୍କ ସମାଗମ ଦେଖିବାକୁ ମିଳିଥିଲା ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଶିବିର

ବୁଗୁଡ଼ା, ୨୨।୧୨:(ମନ୍ଥନ) ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିଶୁ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁ ବାଟିକା ପ୍ରମୁଖ ଗୁରୁମା ମମତା କୁମାରୀ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତା ପ୍ରଧାନ ଶିକ୍ଷୟିତ୍ରୀ ଗୋମତି ଦାଶ ଯୋଗ ଦେଇ ଅରୁଣ, ଉଦୟ ଓ ପ୍ରଭାତ ଶ୍ରେଣୀର ଶିଶୁମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ବରିଷ୍ଠା ଗୁରୁମା ହରପ୍ରିୟା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ଅବସରରେ ଛାତ୍ରୀ ସାଇଶ୍ରୀ ନାୟକ, ତାନସୀ ସ୍ୱାଇଁ ଓ ଭୂମିକା ସେଠୀ ସ୍ୱାଗତ ସଂଗୀତ ଗାନ କରିଥିଲେ । ଏଥି ସହ ଶିଶୁମାନଙ୍କ ମନ୍ଦିର ଭ୍ରମଣ କାର୍ଯ୍ୟକ୍ରମ ସାଙ୍ଗକୁ ଶାରୀରିକ, ବୌଦ୍ଧିକ, ବିଭିନ୍ନ କୌଳିକ ବୃତ୍ତି ସମ୍ପର୍କେ ଶିକ୍ଷାଦାନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇ ଶେଷରେ ଶିଶୁମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିଶୁ ବାଟିକା ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଗୁରୁମା ସୁଜାତା ମହାପାତ୍ର, ଅର୍ଚ୍ଚନାମୟୀ ପାତ୍ର, ପାପା ବିଷୋୟୀ, ରାକ୍ଷୀ ସ୍ୱାଇଁ, ଯୁ.ଜୟଶ୍ରୀ ପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟ ସେବାବ୍ରତୀମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ପରିଶେଷରେ ଗୁରୁମା ରଶ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଞ୍ଛାନିଧି ଦାସ ଶ୍ରୀମତି ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମେଧାବୃତ୍ତି ପ୍ରଦାନ

କେନ୍ଦ୍ରାପଡ଼ା, ୨୨।୧୨:(ମନ୍ଥନ) ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ବଳଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଗରୀବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବଳଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୁବିନା ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଟ୍ରଷ୍ଟର ମୁଖ୍ୟପୃଷ୍ଠପୋଷକ ତଥା ଆମେରିକା ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ପିଲାଦିନର ଅତୀତ ସମ୍ପର୍କରେ କହିଥିଲେ। ଏଥିସହ ଛାତ୍ରଛାତ୍ରୀମାନେ ମନଯୋଗ ଦେଇ ଅଧ୍ୟୟନ କରି ଜଣେ ଜଣେ ସୁନାଗରିକ ହୋଇ ଦେଶ ଓ ଦଶର ନାମ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରଫେସର ଡ. ଦାସ ବଳଦେବ ଉଚ୍ଚ ବିଦ୍ୟାଳୟର ୧୦ଜଣ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଟ୍ରଷ୍ଟର ସଦସ୍ୟ ଭୁବନମୋହନ ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ତପନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଝରଣା ମହାପାତ୍ରଙ୍କ ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ ଗରୀବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ ସହ ଚିକିତ୍ସା ସହାୟତା ଏବଂ ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଭଳି ପ୍ରାକୃତିକ ବିପର୍ଯ୍ୟୟରେ ପିଡିତ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ।

# ଓଏସଆରୟୁ ଯାଜପୁର ଶାଖାର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଯାଜପୁର, ୨୨।୧୨:(ମନ୍ଥନ) ଯାଜପୁର ସହର ର ଜିଲ୍ଲା ପ୍ରକଳ୍ପ କନଫରେନ୍ସ ହଲ ରେ ଓଡ଼ିଶା ସେଲସ ରିପ୍ରେଜେଣ୍ଟ ଟେଟିଭି ସଙ୍ଘ ର ୧୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଆରମ୍ଭ ରେ ଯାଜପୁର ଓ ଏସ ଆର ୟୁ ର ସଭାପତି ପ୍ରଭାତ ତ୍ରିପାଠୀ ଙ୍କ ଦ୍ୱାରା ପତାକା ଉତୋଳନ କରାଯାଇଥିଲେ। ଏହାପରେ କମ୍ରେଡ ମାନେ ଦେଶ ର ବିଭିନ୍ନ ପ୍ରାନ୍ତ ରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତି ମାନଙ୍କୁ ଶ୍ରଦ୍ଧାଞ୍ଜଳି ଗ୍ୟାମ୍ପନ ପୁଷ୍ପ ପାଖୁଡା ଦେଇ କରିଥିଲେ। ଏହାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତି ପ୍ରଭାତ ତ୍ରିପାଠୀ ନିଜ ର ଅଭିଭାଷଣ ରେ ଯାଜପୁର ଜିଲ୍ଲା ରେ ସଂଗଠନ ର ସ୍ଥିତି ଏବଂ କିପରି ସଙ୍ଘ କୁ ଦୃଢ଼ଭୂତ କରାଯିବ ସେ ନେଇ ଆଲୋକପାତ କରିଥିଲେ। ସଂପାଦକ ସଂଗ୍ରାମ ସାମଲ ନିଜର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଙ୍ଘ ର କାର୍ଯ୍ୟକର୍ତ୍ତା ସନ୍ଦୀପ ସାହୁ ଲେବର କୋଡ଼ ବିଷୟରେ ସମସ୍ତ କମ୍ରେଡ ଙ୍କୁ ସୂଚନା ପ୍ରଦାନ କରିଥିଲେ। ରାଜ୍ୟ ସଙ୍ଘ ର ଉପସଭାପତି ମଳୟ ନିଶିଥ ନିଜ ର ବକ୍ତବ୍ୟ ରେ ସଙ୍ଘ ର ନିୟମ, ସରକାର ଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ଗ୍ରାଚୁଇଟି ନିୟମ, ଅନଲାଇନ ମେଡ଼ିସିନ ର କୁପ୍ରଭାବ, ସରକାର ଙ୍କ ଦ୍ୱାରା ଦିଆଯାଉଥିବା ନିମ୍ନମାନ ର ମେଡ଼ିସିନ ର ସମସ୍ୟା ଉପରେ ସୂଚନା ପ୍ରଦାନ କରିଥିଲେ। ସଭାକାର୍ଯ୍ୟ ମଧ୍ୟରେ ନିମନ୍ତ୍ରିତ ଅତିଥି, ଡାକ୍ତର ମଦନ ମୋହନ ସାମଲ, ଡାକ୍ତର ନିମାଇଁ ଚରଣ ନାୟକ, ଡାକ୍ତର କାର୍ତ୍ତିକ ଚନ୍ଦ୍ର ରାଉତ, ଡା ବିଜୟ ଶତପଥି, ଡାକ୍ତର ବିଦ୍ୟାଧର ପାତ୍ର, ସ୍କାୟଲାବ ଫାର୍ମା ର ମାଲିକ ଧୀର କିଶୋର ସାହୁ, ଗାୟତ୍ରୀ ଫାର୍ମା ର ମାଲିକ ଶରତ ଚନ୍ଦ୍ର ଦାସ, ଆନନ୍ଦ ଚନ୍ଦ୍ର ବେହେରା(ଆନନ୍ଦ ଫାର୍ମା) ପ୍ରଦୀପ ଦାସ (ଧରିତ୍ରୀ ଫାର୍ମା ) ଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ରାଜ୍ୟ ସଙ୍ଘ ର ସମ୍ପାଦକ ସତ୍ୟବ୍ରତ ସାମଲ ଙ୍କ ଦ୍ୱାରା ସମସ୍ତ କମ୍ରେଡ ଙ୍କୁ ଶ୍ରମ ଆଇନ, ସରକାର ଙ୍କ ଶ୍ରମିକ ଆଇନ ର ପରିବର୍ତ୍ତନ ର ପ୍ରଭାବ ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଡାକ୍ତର କାର୍ତ୍ତିକ ଚନ୍ଦ୍ର ରାଉତ, ଡାକ୍ତର ବିଜୟ ଶତପଥି, ଡାକ୍ତର ନିମାଇଁ ଚରଣ ନାୟକ ନିଜ ର ବକ୍ତବ୍ୟ ମାଧ୍ୟମରେ ସଂଘ ର ସମସ୍ତ ସଦସ୍ୟ ଙ୍କୁ ଉତ୍ସାହିତ କରିଥିଲେ। ସଭା ଶେଷରେ ପୂର୍ବ କମିଟି କୁ ଭଙ୍ଗାଯାଇ ନୂତନ କମିଟି ସର୍ବ ସମ୍ମତି ରେ ପାରିତ ହୋଇଥିଲା। ପୁନର୍ବାର ସଭାପତି ରୂପେ ପ୍ରଭାତ ତ୍ରିପାଠୀ, ଉପସଭାପତି ରୋମାନ୍ସ ସାମଲ, ସମ୍ପାଦକ ସଂଗ୍ରାମ ସାମଲ, କୋଷଦକ୍ଷ ଚିତ ରଞ୍ଜନ, କମିଟି ସଦସ୍ୟ ମାନଙ୍କୁ ନିର୍ବାଚିତ କରାଯାଇଥିଲା।

# ବିରଜା ମନ୍ଦିରରେ ଅଣହିନ୍ଦୁ ଯୁବକଙ୍କ ପ୍ରବେଶକୁ ନେଇ ଉତ୍ତେଜନା

ଯାଜପୁର, ୨୨।୧୨:(ମନ୍ଥନ) ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା ବିରଜା ମନ୍ଦିରରେ ଉତେଜନା। ମନ୍ଦିର ଭିତରେ ଜଣେ ହିନ୍ଦୁ ଯୁବତୀଙ୍କ ସହ ଅଣହିନ୍ଦୁ ତଥା ସଂଖ୍ୟା ଲଘୁ ଯୁବକଙ୍କ ପ୍ରବେଶ କରିବାକୁ ନେଇ ଉତେଜନା ପ୍ରକାଶ ପାଇଛି। ନିକଟରେ ଥିବା ସାଇକେଲ ଷ୍ଟାଣ୍ଡ କର୍ମଚାରୀଙ୍କ ଫୋନ ପେ ରୁ ଯୁବକ ଜଣକ ସଂଖ୍ୟା ଲଘୁ ବୋଲି ଜାଣିବାକୁ ପାଇଥିଲେ। ପରେ ଏହାକୁ ନେଇ ଉତେଜନା ପ୍ରକାଶ ପାଇଥିଲା। ଯୁବକଙ୍କ ଘର ଇଜାପୁର ଅଂଚଳରେ ଏସ କେ ମସଗୁଲ ବୋଲି ଜଣାପଡିବାରୁ ମନ୍ଦିର ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଟାଉନ ପୁଲିସ ପହଂଚି ପୁଅ ଓ ଝିଅଙ୍କୁ ଟାଉନ ଥାନାରେ ଅଟକ ରଖି ପଚରାଉଚରା ଜାରିରଖିଛନ୍ତି । ଅନ୍ୟପଟେ ବିରଜା ମନ୍ଦିରରେ ପ୍ରବେଶ ଦ୍ୱାରରେ ସୁରକ୍ଷା କର୍ମୀ ନିୟୋଜିତ ଏବଂ ଆଧାର ଯାଂଚ କରି ମନ୍ଦିର ପ୍ରବେଶ ପାଇଁ ଅନୁମତି ପ୍ରଦାନ ପାଇଁ ଦାବି ଜୋର ଧରିଛି।

# ବାରିପଦା ଷ୍ଟାଡିୟମ ପଡିଆଠାରେ ୨ଦିନିଆ ସାଂସଦ ଖେଳ ମହୋତ୍ସବ ଉଦଘାଟିତ

ମୋରଡ଼ା, ୨୨।୧୨:(ମନ୍ଥନ) ବାରିପଦା ସ୍ଥିତ ଷ୍ଟାଡିୟମ ପଡିଆ। ଠାରେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଆୟୋଜିତ ସାଂସଦ ଖେଳ ମହୋତ୍ସବ ଜିଲ୍ଲା ସ୍ତରୀୟ ଖେଳ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଖେଳ ମହୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ର ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଖେଳାଳୀ ମନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ସାଂସଦ ମାନଙ୍କ ଦ୍ୱାରା ସଂସଦୀୟ କ୍ଷେତ୍ରରେ କ୍ରୀଡାକୁ ଆଗ୍ରଅଧିକାର ଦେବା ସହିତ ଖେଳାଳୀ ମାନଙ୍କୁ ଆଗକୁ ବଢିବା ପାଇଁ ଉତ୍ସାହିତ କରିବା ଉଦେଶ୍ୟରେ ଏହାକୁ ଆୟୋଜନ କରାଯାଉଛି । ବିଶେଷ କରି ଗ୍ରାମାଞ୍ଚଳରେ କ୍ରୀଡାର ବିକାଶ ପାଇଁ ସରକାରଙ୍କ ଏହା




ଏକ ଅଭିନ ପ୍ରୟାସୟ ଏହି ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଟ ୨୦,୦୦୦/- ଓ ଦ୍ୱିତୀୟ ପୁରସ୍କାର ଟ ୧୫, ୦୦୦/- ରଖାଯାଇଛି ବୋଲି ପ୍ରକାଶ କରିଥିଲେ । ସେହିପରି ଜିଲ୍ଲାପାଳ କହିଥିଲେ ଜିଲ୍ଲାରେ ଉତ୍ତମ କ୍ରୀଡା ପରିବେଶ ସୃଷ୍ଟି କରିବାପାଇଁ ବିଭିନ୍ନ ପ୍ରକାର ଯୋଜନା ହାତକୁ ନିଆଯାଇଛି ଯାହାକି ଆଗାମୀ ସମୟରେ ଖେଳାଳି ମାନଙ୍କ ପାଇଁ ବେଶ ସହାୟକ ହେବୟ ବିଭିନ୍ନ ପ୍ରକାର ଖେଳକୁ ସାମିଲ କରାଯାଇ ପ୍ରଶିକ୍ଷଣ ମାଧ୍ୟମରେ ଖେଳାଳୀ ମାନଙ୍କୁ ଉପଯୁକ୍ତ ବନାଯିବ ଯଦ୍ୱାରା ସେମାନେ ବିଭିନ୍ନ ପ୍ରକାର ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ସହିତ ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ସକ୍ଷମ ହୋଇପାରିବେ । ଉକ୍ତ କାର୍ଯ୍ୟକ୍ରମରେ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବାବେଳେ ଏହି ପ୍ରତିଯୋଗିତାର ମୁଖ୍ୟ ସଂଯୋଜକ ସୁନୀଲ କୁମାର ମହାନ୍ତ ଓ ଗଣମାଧ୍ୟମ ସଂଯୋଜକ ଦିବ୍ୟରଞ୍ଜନ ମହାନ୍ତ ଖେଳ ପରିଚାଳନାରେ ସହଯୋଗ କରିଥିଲେ ଓ ପ୍ରକାଶ ଥାଉକି ଉକ୍ତ ଖେଳ ପ୍ରତିଯୋଗିତା ରେ ଜିଲ୍ଲାରୁ ୩୨ଟି ପୁରୁଷ ଫୁଟବଲ ଦଳ ଯୋଗ ଦେଇଥିବାବେଳେ ୧୨ଟି ବାଳିକା କବାଡି ଦଳ ଯୋଗ ଦେଇଛନ୍ତି ଏବଂ ପାଖାପାଖି ୯୦୦ ଖେଳାଳୀ ଏଥିରେ ଅଂଶଗ୍ରହଣ କରୁଛନ୍ତି ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗଦେଲେ ମନ୍ତ୍ରୀ

ମୋରଡ଼ା, ୨୨।୧୨:(ମନ୍ଥନ) ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗଦେଲେ ମନ୍ତ୍ରୀୟ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଭାଲିଆଶୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର । ସୁନ୍ଦର ମଣିଷ ଗଠନରେ ଶିକ୍ଷାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ, ତେଣୁ ମନାଲଗାଇ ପାଠ ପଢିବା ପାଇଁ ଛାତ୍ରଙ୍କୁ ଉପଦେଶ ଦେଇଥିଲେ । ବାପା ମା ଠୁ ଦୁନିଆରେ ଆଉ କେହି ବଡ ଠାକୁର ନାହାନ୍ତି ତେଣୁ ପ୍ରତ୍ୟେକ ଦିନ ସକାଳେ ବାପା ମାଆଙ୍କୁ ମୁଣ୍ଡିଆ। ମାରିବା। ପରିଷ୍କାର ପରିଚ୍ଛନ୍ନ ରହିବା, ପରିବେଶକୁ ସଫା ସୁତରା ରଖିବା ଏବଂ ପରିଶେଷରେ ମନ୍ତ୍ରି ଛାତ୍ର ଛାତ୍ରୀଙ୍କୁ ଚକଲେଟ ବଣ୍ଟନ କରିବା ସହ ଫଟ ଉଠାଇଥିଲେ । କୃତି ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର । ଏହି ଉତ୍ସବରେ ପୂର୍ବତନ ବିଧାୟକ କାହ୍ନୁ ସୋରେନ, ବିଶିଷ୍ଟ ସମାଜସେବୀ ପ୍ରଦିପ ମହାନ୍ତି, ବ୍ଲକ ଚେୟାରମେନ ପାନମଣି ମାରାଣ୍ଡି, ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀ, ତହସିଲଦାର ନାରାୟଣ ହାଂସଦା, ବ୍ଲକ ଭାଏସ ଚେୟାରମେନ ଜ୍ୟୋତିଲାଲ ବାରିକ, ୫୪ନମ୍ବର ଜିଲ୍ଲା ପରିଷଦ ନଗେନ୍ଦ୍ରନାଥ କିସ୍କୁ, କଣ୍ଟିସାହି ସରପଞ୍ଚ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଯାଜପୁର ରୋଡ଼ ଧାମରା ରେଳପଥ ଦାବି

# ଜାନୁଆରୀ ୭ ରାଜଭବନ ଆଗରେ ଆନ୍ଦୋଳନ

ଯାଜପୁର, ୨୨।୧୨:(ମନ୍ଥନ) ସମ୍ପୂର୍ଣ୍ଣ ସରକାରୀ ବ୍ୟୟରେ ଯାଜପୁର ରୋଡ଼ ଧାମରା ଭାୟା ଯାଜପୁର ଓ ଆରଡ଼ି ରେଳପଥ ନିର୍ମାଣ ଦାବି କରି ଆସନ୍ତା ୨୦୨୬ ଜାନୁଆରୀ ୭ ତାରିଖରେ ରାଜଭବନ ସମ୍ମୁଖରେ ଗଣଧାରଣା ପାଇଁ ସଂଗ୍ରାମ ସମିତି ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି ପ୍ରକଳ୍ପକୁ ସରକାରୀ ଓ ବେସରକାରୀ ଭାଗିଦାରୀ ବ୍ୟବସ୍ଥାରେ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାର ମୁଖ୍ୟ ଶାସନ ସଚିବ, ପରିବହନ ସଚିବ ଓ ଶିଳ୍ପ ସଚିବ, ପୂର୍ବତଟ ରେଳପଥ ପକ୍ଷରୁ ମୁଖ୍ୟ ପ୍ରଶାସନିକ ଅଫିସର ( ନିର୍ମାଣ) ଏବଂ ବିଭିନ୍ନ କର୍ପୋରେଟ ସଂସ୍ଥାର ପ୍ରତିନିଧି ମାନଙ୍କର ଯେଉଁ ବୈଠକ ଅନୁଷ୍ଠିତ ହୋଇଥିଲା, ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ସରକାରୀ ବ୍ୟୟରେ ନିର୍ମାଣ କରିବା ପାଇଁ ଯାଜପୁର ରୋଡ଼ ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି । ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ ସହ ଆଗାମୀ କେନ୍ଦ୍ର ବଜେଟରେ ବ୍ୟୟବରାଦ କରିବାକୁ ମଧ ଦାବି କରାଯାଇଛି। ଆବାହକ ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମିତିର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ଜିଲ୍ଲା ପରିଷଦ



ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ନାୟକଙ୍କ ସମେତ ସର୍ବ ଦେବେନ୍ଦ୍ର ପଣ୍ଡା, ଦିଲ୍ଲୀପ ଦଳେଇ, ଦିବ୍ୟସିଂହ ନାୟକ, ବିଜୟ ପରିଡା, ହରିଶ୍ଚନ୍ଦ୍ର ପଣ୍ଡା, ସଂଗ୍ରାମ ପାତ୍ର, ଶିଶିର ନାୟକ, ପ୍ରଫୁଲ୍ଲ ନାୟକ, ଲଳିତ ମୋହନ ରାୟ, ସୁରେନ୍ଦ୍ର ରାୟ, ପ୍ରଫୁଲ୍ଲ ପାଢ଼ୀ, ଗିରିଧାରୀ ନାଥ , ବିକାଶ ନାଥ ଓ ଗଣେଶ ପ୍ରସାଦ ସାହୁ ପ୍ରମୁଖ ପ୍ରସ୍ତାବ ସପକ୍ଷରେ ଆଲୋଚନା କରିଥିଲେ। ବୈଠକରେ ଗୃହୀତ ପ୍ରସ୍ତାବରେ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦିଆଯାଇ କୁହାଯାଇଛି ଯେ ଆଗାମୀ କେନ୍ଦ୍ର ବଜେଟରେ ଯଦି ପ୍ରକଳ୍ପକୁ ମଞ୍ଜୁରୀ ସହ ଏଥିପାଇଁ ବ୍ୟୟବରାଦ କରାନଯାଏ, ତେବେ ଫେବୃଆରୀ ୧୧ ତାରିଖରେ ଯାଜପୁର ରୋଡ଼, ଭଦ୍ରକ ଓ ଧାମରାରେ ରେଳରୋକ କରାଯିବ। ଏହି ଆନ୍ଦୋଳନରେ ବିପୁଳ ସଂଖ୍ୟାରେ ଅଂଶଗ୍ରହଣ କରି ଦାବି ହାସଲର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଯାଜପୁର ରୋଡ଼ ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ପ୍ରତି ଆହ୍ୱାନ ଦିଆଯାଇଛି।

ସମ୍ବାଦ

ମଙ୍ଗଳବାର ୨୩ ଡିସେମ୍ବର, ୨୦୨୫ ଭୁବନେଶ୍ୱର

TUESDAY 23 DECEMBER, 2025, BHUBANESWAR





'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଶ୍ରବଣ ଶକ୍ତି ଜନିତ ସମସ୍ୟା ଓ ଏହାର ସମାଧାନ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ବିଭିନ୍ନ ଶବ୍ଦକୁ ଶୁଣିବା ପାଇଁ ଆମର ଶ୍ରବଣ ଶକ୍ତି ଥାଏ । ଯଦି ଦୈବାତ୍ ଆମର ଶ୍ରବଣ ଶକ୍ତି ନଷ୍ଟ ହୋଇଯାଏ ତେବେ ଆମକୁ ପୃଥିବୀ ସ୍ତବ୍ଧ ହୋଇଗଲା ପରି ଲାଗେ । ଆମେ ଆଉ ଶୁଣିପାରୁନା ଶ୍ରୁତି ମଧୁର ସଂଗୀତ, ନିଜ ଲୋକ ମାନଙ୍କର ଆଳାପ ଆଲୋଚନା ତଥା ଏହିପରି କେତେ କ'ଣ । ଶ୍ରବଣ ଶକ୍ତି ହରାଇଥିବା ବ୍ୟକ୍ତି ହୋଇ ମାନବ ସମାଜ ଠାରୁ ଭିନ୍ନ, ସେ ଆଉ ଜଣେ ସାଧାରଣ ମଣିଷ ହୋଇ ରହେନାହିଁ, ହୋଇଯାଏ ଶରୀରିକ ବିକଳାଙ୍ଗ ।

ଶ୍ରବଣେନ୍ଦ୍ରିୟ ଆମ ଶରୀରର ଏକ ଅତି ସୂକ୍ଷ୍ମ ଏବଂ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯାହାଦ୍ୱାରା ଆମେ ଶୁଣିବା ସହ ମୁଣ୍ଡର ସ୍ଥିରତା ବଜାୟ ରଖିଥାଏ। ଶୁଣିବା ଏବଂ କଥା କହିବା ଅଙ୍ଗାଙ୍ଗିଭାବେ ମଧ୍ୟ ଜଡ଼ିତ। ପିଲାବେଳରୁ ସାଧାରଣତଃ ୫୦%ରୁ ଉର୍ଦ୍ଧ୍ୱ ସ୍ନାୟୁଗତ ଶ୍ରବଣ ହାନି ଥିଲେ ପିଲା କଥା କହିବା ଶିଖିପାରେ ନାହିଁ। ତା'ଠାରୁ କମ ଶ୍ରବଣ ହାନି ଥିଲେ ମଧ୍ୟ ପିଲା ଡ଼େରିରେ କହିବା ସହ ପାଟି ଲଗାଇ କହେ। ଏହାଛଡ଼ା ଯେ କୌଣସି ପ୍ରକାରର ଏବଂ ଯେ କୌଣସି ମାତ୍ରାର ଶ୍ରବଣ ହାନି ହେଲେ ମଧ୍ୟ ପିଲା ବେଳେ ଏହା ଶିଶୁର ମସ୍ତିଷ୍କ ପ୍ରଗତିରେ ବ୍ୟାଘାତ ଘଟାଇଥାଏ। ସ୍କୁଲ ପଢ଼ା ପଢ଼ିରେ ମଧ୍ୟ ବ୍ୟାଘାତ ଘଟେ। ବୟସ୍କ ମାନଙ୍କର ଶ୍ରବଣ ହାନି ହେଲେ ମଧ୍ୟ ଉଚ୍ଚାରଣଗତ ସମସ୍ୟା ହେବା ସଙ୍ଗେ ସଙ୍ଗେ ଡିମେନସିଆ ଭଳି ସ୍ନାୟୁଗତ ସମସ୍ୟା ଦେଖାଦେଇଥାଏ। କାନ ସମସ୍ୟା ହେଲେ ଶୁଣିବା ଅସୁବିଧା ହେବା ସଙ୍ଗେ ସଙ୍ଗେ ସ୍ଥଳ ବିଶେଷରେ କାନରେ ଅସ୍ୱାଭାବିକ ଶବ୍ଦ ହେବା, ମୁଣ୍ଡ ବୁଲାଇବା, କାନ କୁଣ୍ଡାଇ ହେବା, କାନ ବିନ୍ଧିବା, ବାନ୍ତି ଲାଗିବା ଅଥବା ବାନ୍ତି ହେବା, କାନ ଗରମ ଲାଗିବା ଭଳି ଲକ୍ଷଣମାନ ଦେଖାଦିଏ। ବିଭିନ୍ନ କାରଣରୁ ବିଭିନ୍ନ ପ୍ରକାରର ଶ୍ରବଣ ହାନି ପ୍ରକଟିତ ହୋଇଥାଏ।

ଶ୍ରବଣ ଶକ୍ତି ହ୍ରାସର ଲକ୍ଷଣ : ଶ୍ରବଣ ଶକ୍ତି ନଷ୍ଟ ହେବାର ଲକ୍ଷଣ ମାନଙ୍କ ମଧ୍ୟରେ ଉଭୟ କାନ କିମ୍ବା ଗୋଟିଏ କାନରେ ଯନ୍ତ୍ରଣା ଅନୁଭୂତ ହେବା । କାନ ବଧିରା ଲାଗିବା, କାନରେ ରିଂ ରିଂ ଶବ୍ଦ ହେବା । ଉଭୟ କାନ କିମ୍ବା ଗୋଟିଏ କାନରେ ଚାପ ଅନୁଭୂତ ହେବା କିମ୍ବା କାନ ଭର୍ତ୍ତି ହୋଇଯିବା ଭଳି ଲାଗିବା । ଉପରୋକ୍ତ ଲକ୍ଷଣ ମାନ ଦେଖାଦେଲେ ଜଣାଯାଏ ଯେ କାନର ଶ୍ରବଣ ଶକ୍ତି ନଷ୍ଟ ହୋଇଛି । ଶ୍ରବଣ ଶକ୍ତି ନଷ୍ଟ ହେବାଦ୍ୱାରା ଆପଣ ନିଜ ପରିବାର ଏବଂ ସମାଜ ଠାରୁ ଏକ ପ୍ରକାର ଦୂରେଇ ଯାଆନ୍ତି । କାରଣ ଆପଣଙ୍କୁ କିଛି ନଶୁଭିବା ଯୋଗୁଁ ଆପଣଙ୍କ ସହିତ କେହି ବେଶୀ କଥାବାର୍ତ୍ତା କରିବାକୁ ପସନ୍ଦ କରନ୍ତି ନାହିଁ । କେବଳ ଠାର ମାଧ୍ୟମରେ ଯାହା କିଛି ଭାବର ଆଦାନ ପ୍ରଦାନ କରାଯାଇଥାଏ । ଶ୍ରବଣ ଶକ୍ତି ହ୍ରାସ ଦ୍ୱାରା ମଧ୍ୟ ମଣିଷର ମନୋବଳ ଦୁର୍ବଳ ହୋଇଯାଇଥାଏ ଏବଂ ସେ ନିଜକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରିଥାଏ, କାରଣ କୌଣସି ବିଷୟରେ ଶୁଣିବା ଏବଂ କିଛି ମତାମତ ଦେବାରେ ଭୁଲ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ ।

ଚିକିତ୍ସା : ଶ୍ରବଣ ଶକ୍ତି ନଷ୍ଟ ହେବାର ସମ୍ଭାବନା ଦେଖାଦେଲେ ଇଏନଟି ବିଶେଷଜ୍ଞ ଡାକ୍ତର ଏକ ଅଡ଼ିଓଗ୍ରାମ ଟେଷ୍ଟ କରିବା ପାଇଁ ପରାମର୍ଶ ଦେଇଥାନ୍ତି । ଏହାଦ୍ୱାରା ଡାକ୍ତର ଶ୍ରବଣଶକ୍ତିର ଡେସିବଲ (ଶ୍ରବଣ ଶକ୍ତି ମାପର ଏକକ) ଡିଗ୍ରୀ ଅନୁସାରେ ଚିକିତ୍ସା କରିଥାନ୍ତି । ଶ୍ରବଣଶକ୍ତି ହ୍ରାସ ହୋଇଥିବା ବ୍ୟକ୍ତିମାନେ କେବଳ ଉଚ୍ଚତର ଶବ୍ଦ ତରଙ୍ଗକୁ ଶୁଣି ପାରିଥାନ୍ତି କିନ୍ତୁ ସାଧାରଣ ଶବ୍ଦକୁ ଶୁଣି ପାରିନଥାନ୍ତି । ସାଧାରଣ ମଣିଷ ୦-୨୦ ଡେସିବଲ ଡିଗ୍ରୀର ଶବ୍ଦ ତରଙ୍ଗ ଶୁଣିପାରିଥାନ୍ତି । ମଣିଷର ନିଶ୍ୱାସ ପ୍ରଶ୍ୱାସର ଶବ୍ଦ ୧୦ ଡେସିବଲ ହୋଇଥାଏ । ଏହାଠାରୁ ଆହୁରି କ୍ଷୀଣ ଶବ୍ଦ ମଧ୍ୟ ଶୁଣିପାରେ । କିନ୍ତୁ ଶ୍ରବଣଶକ୍ତି ହରାଉଥିବା ବ୍ୟକ୍ତିମାନେ ଅତିକମ୍‌ରେ ୪୧-୫୫ ଡେସିବଲ ଡିଗ୍ରୀର ଶବ୍ଦ ତରଙ୍ଗକୁ ଶୁଣିବାରେ ସକ୍ଷମ ହୁଅନ୍ତି ଏହା ଠାରୁ କମ୍ ଡେସିବଲ ଶବ୍ଦ ସେମାନେ ଶୁଣି ପାରନ୍ତି ନାହିଁ । ସେହିପରି ଅତ୍ୟଧିକ ଶ୍ରବଣଶକ୍ତି ହ୍ରାସ ହୋଇଥିବା ବ୍ୟକ୍ତିମାନେ ୭୧-୯୦ ଡେସିବଲ ଶବ୍ଦ ଶୁଣିପାରନ୍ତି ଯାହାକି ଏକ ସାଧାରଣ ମଣିଷ ପାଇଁ ଶ୍ରୁତିକଟୁ ହୋଇଥାଏ ।

ଶ୍ରବଣ ହୀନତାର ଶ୍ରେଣୀ ବିଭାଗ : ଶ୍ରବଣ ହୀନତାକୁ ବିଶେଷ କରି ତିନି ଭାଗରେ ବିଭକ୍ତ କରାଯାଇଥାଏ ।

କଣ୍ଡକ୍ଟିଭ ହିୟରିଂ ଲସ୍ : କର୍ଣ୍ଣ ନଳୀରେ କୌଣସି ଅସୁବିଧା ଦେଖାଦେଲେ ଏହି ପ୍ରକାରର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ । ଏହା ବ୍ୟତୀତ କର୍ଣ୍ଣ, ପଟହ, କିମ୍ବା ମଧ୍ୟ କର୍ଣ୍ଣରେ କୌଣସି ଅସୁବିଧା ଥିଲେ ଏହି ଧରଣର ଅସୁବିଧା ଦେଖାଯାଏ । ଯଦି କାନରେ ସଂକ୍ରମଣ ହୋଇଥାଏ, ଟ୍ୟୁମର ହୋଇଥାଏ କିମ୍ବା କାନରେ କୌଣସି ପ୍ରକାର ତରଳ ପଦାର୍ଥ ଯେପରିକି ତେଲ କିମ୍ବା କାନରେ ମଇଳା ଅଧିକ ହୋଇଯାଇଥିଲେ ଏହି ପ୍ରକାରର ଶ୍ରବଣ ହୀନତା ଦେଖାଦେଇଥାଏ । ତେବେ ଏହି ପ୍ରକାରର ଶ୍ରବଣ ହୀନତା ସେତେ ବେଶୀ ଗୁରୁତର ନୁହେଁ । ସାମାନ୍ୟ ଚିକିତ୍ସା ମାଧ୍ୟମରେ ଆପଣ ପୁଣି ପୂର୍ବ ଭଳି ଆପଣଙ୍କ ଶ୍ରବଣ ଶକ୍ତି ଫେରିପାଇବେ ।

ସେନ୍ସରୀନ୍ୟୁରାଲ ହିୟରିଂ ଲସ୍ : ଅନ୍ତକର୍ଣ୍ଣରେ ଥିବା କୋଷ ଗୁଡ଼ିକ ନଷ୍ଟ ହେବା ଫଳରେ ଏହି ପ୍ରକାରର ଶ୍ରବଣ ହୀନତା ଦେଖାଦେଇଥାଏ । ଏହା ବ୍ୟତୀତ ଅଷ୍ଟମ ସ୍ନାୟୁ ଯଦି କ୍ଷତିଗ୍ରସ୍ତ ହୁଏ ତେବେ ଏହି ପ୍ରକାରର ଶ୍ରବଣ ହାନୀ ଘଟିଥାଏ । ସାଧାରଣତଃ ବୟସ ବଢ଼ିବା ସମୟରେ ନର୍ଭ ସିଷ୍ଟମର ପରିବର୍ତ୍ତନ ଯୋଗୁଁ ଏପରି ଅସୁବିଧା ଦେଖାଦେଇଥାଏ ।

ମିକ୍ସଡ଼୍ ହିୟରିଂ ଲସ୍ : ପୂର୍ବୋକ୍ତ ଦୁଇଟି କାରଣକୁ ନେଇ ଏହି ଧରଣର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ । ଏହା ଅର୍ଥ କର୍ଣ୍ଣର ବର୍ହିପାର୍ଶ୍ୱ, ମଧ୍ୟ କର୍ଣ୍ଣ, ଅନ୍ତକର୍ଣ୍ଣରେ କିମ୍ବା ଅଡ଼ିଟରୀ ନର୍ଭରେ କୌଣସି ଅସୁବିଧା ଦେଖାଦେଲେ ଏହି ଧରଣର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ । ଗୋଟିଏ କାନ କିମ୍ବା ଦୁଇଟି ଯାକ କାନରେ ଶ୍ରବଣ ହୀନତା ଦେଖାଯାଇପାରେ । ଏହା ହଠାତ୍ ଆରମ୍ଭ ହୋଇଥାଏ ଏବଂ ଧୀରେ ଧୀରେ ବଢ଼ିବାରେ ଲାଗେ । ଯଦି ଏପରି ହୁଏ ତେବେ ଆପଣ ତୁରନ୍ତ ଜଣେ ଇଏନ୍‌ଟି ଡାକ୍ତରଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡିତ। ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ। ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ୍ୟ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି। ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି। ଏହି ଅବସରରେ ସାଧାରଣ ନାଗରିକଟିଏ ଯାବତ ଜୀବନ ଶୁଣିବା ପାଇଁ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓ ମେଟ୍ରିକ କରାଇନେବା ଉଚିତ। ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଏହି ଦିନ ମାଗଣା ଶ୍ରବଣ ପରୀକ୍ଷାମାନ କରାଯାଉଛି। ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ।

ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ,
ଦୂରଭାଷ : ୯୪୩୮୨୭୬୭୬୦

# ଆସ୍ଥା ହରାଉଛି ସରକାରୀ ସ୍କୁଲ !

କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀତା ମନ୍ତ୍ରଣାଳୟର ଶିକ୍ଷା ସମ୍ପର୍କିତ କମ୍ପ୍ରେହେନସିଭ୍ ମଡ୍ୟୁଲର ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଚଳିତ ଶିକ୍ଷାବର୍ଷରେ ଦେଶରେ ପ୍ରତି ୪ଜଣରେ ଜଣେ ସ୍କୁଲ ଛାତ୍ର ଅର୍ଥାତ ହାରାହାରି ୨୭ପ୍ରତିଶତ ଛାତ୍ର ପାଠ ବୁଝିବା ପାଇଁ ଘରୋଇ ଟ୍ୟୁସନ ବା କୋଚିଂ ଉପରେ ନିର୍ଭର କରନ୍ତି। ସହରାଂଚଳରେ ୩୦.୭ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ ଟ୍ୟୁସନ ଉପରେ ନିର୍ଭର କରୁଥିବାବେଳେ ଗ୍ରାମାଂଚଳରେ ୨୫.୫ ପ୍ରତିଶତ ନିର୍ଭରଶୀଳ। ତେବେ ଘରୋଇ କୋଚିଂ ପାଇଁ ସହରାଂଚଳରେ ଗୋଟିଏ ପିଲା ପାଇଁ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପ୍ରାୟ ୪୦୦୦ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ସମୟରେ ଉଚ୍ଚ ମାଧ୍ୟମିକ ପିଲାଙ୍କ ପିଛା ୧୦,୦୦୦ଟଙ୍କା ବ୍ୟୟ କରିବାକୁ ପଡୁଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ କେବଳ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ୪୪.୬ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ସେଂଟର ଗୁଡିକରେ ଶିକ୍ଷା ନେଇଥିବା ବେଳେ ଗ୍ରାମାଂଚଳରେ ଏହା ୩୩.୧ ପ୍ରତିଶତ ରହିଛି। ଦେଶବ୍ୟାପୀ ହାରାହାରି ୩୭ପ୍ରତିଶତ ଛାତ୍ରଛାତ୍ରୀ ବିନା କୋଚିଂରେ ପାଠ ବୁଝିପାରୁନାହାଁନ୍ତି। ଯାହାକି ସ୍କୁଲଶିକ୍ଷାର କୁଶଳତା ଓ ପ୍ରାବଲ୍ୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରେ। କେବଳ ଏତିକି ନୁହେଁ କ୍ଲାସରୁମ ଶିକ୍ଷା ନିଜର ମହତ୍ୱ ହରାଉଥିବା ବେଳେ କୋଚିଂ ସେଂଟର ଗୁଡିକ ଏବେ ପିଲାଙ୍କ ପାଇଁ ଛାୟା ସ୍କୁଲରେ ପରିଣତ ହୋଇଛି। ଏହା ନିସନ୍ଦେହ ଯେ, ଦେଶରେ ଛତୁ ଫୁଟିବା ଭଳି କୋଚିଂ ସେଂଟର ଗଢି ଉଠିଥିବାବେଳେ ସେଗୁଡିକ ପିଲାଙ୍କ ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି ପ୍ରସ୍ତୁତ ଏବଂ ଗୁରୁତ୍ୱପୂର୍ଣ୍ଣ ଶ୍ରେଣୀରେ ପରିଣତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଏଥିଲାଗି ପରିବାରଗୁଡିକ ସେମାନଙ୍କ ବାର୍ଷିକ ବ୍ୟୟର ୯ରୁ ୧୨ପ୍ରତିଶତ ବ୍ୟୟ କରିଥାନ୍ତି ବୋଲି ରିପୋର୍ଟରେ କୁହାଯାଇଛି। କହିବା ବାହୁଲ୍ୟ ଯେ, ଶ୍ରେଣୀ କକ୍ଷ୍ୟରେ ପିଲାଙ୍କ ପ୍ରତି ଶିକ୍ଷକଙ୍କ ବ୍ୟକ୍ତିଗତ ଧ୍ୟାନର ଅଭାବ ଯୋଗୁଁ ସେମାନେ କୋଚିଂ ମୁହାଁ ହେବାକୁ ବାଧ୍ୟ ହେଉଛନ୍ତି। ସେହିପରି ପିଲାମାନେ କୋଚିଂ ମୁହାଁ ହେବା ପାଇଁ ଶିକ୍ଷକମାନେ ମଧ୍ୟ ଦାୟୀ, ଅଧିକ ଉପାର୍ଜନ ପାଇଁ ଘରୋଇ କୋଚିଂ ପାଇଁ ଶିକ୍ଷକମାନେ ବାଧ୍ୟ କରୁଥିବା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇନପାରେ। ଆମ ରାଜ୍ୟରେ ମଧ୍ୟ ଘରୋଇ କୋଚିଂ ସେଂଟର ମୁହାଁ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ନୁହେଁ। ରିପୋର୍ଟରେ କୁହାଯାଇଛି ଯେ, ରାଜ୍ୟରେ ପ୍ରାଥମିକରୁ ଉଚ୍ଚମାଧ୍ୟମିକ ସ୍ତରରେ ୫୭.୧ ପ୍ରତିଶତ ଘରୋଇ କୋଚିଂ ସେଂଟର ବିନା ପାଠ ବୁଝିପାରୁନଥିବାବେଳେ ସହରାଂଚଳରେ ୬୬.୬ ପ୍ରତିଶତ ଓ ଗ୍ରାମାଂଚଳରେ ୫୪.୬ ପ୍ରତିଶତ ପିଲା ଘରୋଇ କୋଚିଂ ନେଉଛନ୍ତି। ଉଚ୍ଚ ମାଧ୍ୟମିକ ସ୍ତରରେ ୬୮.୭ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ଉପରେ ନିର୍ଭରଶୀଳଥିବା କୁହାଯାଇଛି । ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ୟୁନିଫାଏଡ ଡିଷ୍ଟ୍ରିକ୍ଟ ଇନ୍‌ଫର୍ମେସନ୍ ସିଷ୍ଟମ ଫର ଏଜୁକେଶନ(ୟୁ-ଡାଇଜ୍ ପ୍ଲସ) ୨୦୨୪-୨୫ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ନିଶ୍ଚିତ ଭାବେ ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ସରକାରୀ ବିଦ୍ୟାଳୟ ସଂଖ୍ୟା ହ୍ରାସ ପାଇଥିବାବେଳେ ଘରୋଇ ସ୍କୁଲ ସଂଖ୍ୟା ବଢିଛି। ସେହିପରି ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମ ଲେଖା ହ୍ରାସ ପାଉଥିବା ସମୟରେ ଘରୋଇ ଶିକ୍ଷାନୁଷ୍ଠାନରେ ନାମଲେଖା ଆଶାତୀତ ଭାବେ ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୧୫ ନିୟୁତ ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟର ୯.୬ ନିୟୁତ ଶିକ୍ଷକ ଏବଂ ୨୬କୋଟି ୪୦ଲକ୍ଷ ଛାତ୍ରଛାତ୍ରୀଙ୍କୁ ମତ ନେଇ ଏହି ୟୁ-ଡାଇଜ ପ୍ଲସ ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ତେବେ ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କ ନାମଲେଖା ହ୍ରାସ ନିଶ୍ଚିତ ଭାବେ ଚିନ୍ତାଜନକ। ଏହା ନିସନ୍ଦେହ ଯେ, ପ୍ରାଥମିକ ଠାରୁ ଆରମ୍ଭ କରି ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ପର୍ଯ୍ୟନ୍ତ ସରକାରୀ ସ୍କୁଲରେ ଗୁଣାତ୍ମକ ଭିତଭୂମି, ତାଲିମପ୍ରାପ୍ତ କର୍ମଚାରୀ ଏବଂ ଉତରଦାୟିତ୍ୱର ଅଭାବ ଯୋଗୁଁ ଅଭିଭାବକ ଓ ପିଲା ଘରୋଇ ବିଦ୍ୟାଳୟ ମୁହାଁ ହୋଇଛନ୍ତି। କହିବା ଅଯଥାର୍ଥ ହେବ ନାହିଁ ଯେ, ସରକାରୀ ବିଦ୍ୟାଳୟରେ ଜଣେ ପିଲା ପିଛା ଯେତିକି ବ୍ୟୟ ହୋଇଥାଏ, ବେସରକାରୀ ବା ଘରୋଇ ଶିକ୍ଷାନୁଷ୍ଠାନରେ ଏହାର ୯ଗୁଣ ଦେୟ ଦେବାକୁ ହୋଇଥାଏ। ଏହା ନିସନ୍ଦେହ ଯେ, ସରକାରୀ ସ୍କୁଲର ଉନ୍ନତି ନେଇ ସରକାରଙ୍କ ବିଫଳତା କେବଳ ସ୍କୁଲ ସଂଖ୍ୟା ହ୍ରାସ ପାଇ ନାହିଁ ଶିକ୍ଷାର ମାନ ମଧ୍ୟ ହ୍ରାସ ପାଇଛି ବୋଲି କୁହାଯାଇପାରେ। ଆମ ରାଜ୍ୟ ମଧ୍ୟ ଏଥିରୁ ବାଦ ପଡିନାହିଁ। ରାଜ୍ୟରେ ୧୨୮ଟି ସରକାରୀ ସ୍କୁଲ ବନ୍ଦ ହୋଇଯାଇଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ସଂଖ୍ୟା ମଧ୍ୟ ଗତବର୍ଷ ତୁଳନାରେ ୧,୧୨,୮୫୮ ହ୍ରାସ ପାଇଛି। ଯାହାକି ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରିବ। ଏହା ସତ୍ୱେ ୟୁ-ଡାଇଜ ପ୍ଲସ ରିପୋର୍ଟରେ ସରକାରୀ ବିଦ୍ୟାଳୟ ସମ୍ପର୍କରେ ଯେଉଁ ସନ୍ତୋଷଦାୟକ ତଥ୍ୟ ପ୍ରକାଶ ପାଇଛି, ତାହା ହେଉଛି ଶିକ୍ଷକ ସଂଖ୍ୟା ବୃଦ୍ଧି ଓ ଅଧାରୁ ପାଠ ଛାଡୁଥିବା(ଡ୍ରପ ଆଉଟ) ଛାତ୍ରଛାତ୍ରୀଙ୍କ ହ୍ରାସ। ଦେଶ ସ୍ୱାଧୀନ ହେବା ପରଠାରୁ ଚଳିତ ଶିକ୍ଷାବର୍ଷରେ ଦେଶରେ ଶିକ୍ଷକଙ୍କ ସଂଖ୍ୟା ୧କୋଟିରୁ ଅତିକ୍ରମ କରିଛି। ଦେଶରେ ମୋଟ ଶିକ୍ଷକଙ୍କ ସଂଖ୍ୟା ୩,୪୪,୧୧୬କୁ ବୃଦ୍ଧି ପାଇଛି। ଗତବର୍ଷ ଶିକ୍ଷକଙ୍କ ସଂଖ୍ୟା ୩,୩୫,୪୯୬ ଥିଲା। ଆମ ରାଜ୍ୟରେ ଶିକ୍ଷକ ଛାତ୍ର ଅନୁପାତ ୧:୨୨ ଥିବାବେଳେ ଦେଶରେ ୧:୩୦ ରହିଛି। ଯାହା ଏକ ସକରାତ୍ମକ ସନ୍ଦେଶ ଦିଏ।

# ଟକ୍ସିକ ଫ୍ରେଣ୍ଡ

*ଡକ୍ଟର ସୁରେଶ କୁମାର ନାୟକ*

'କଥାରେ ଅଛି ଦୁର୍ଜନ ସଙ୍ଗେ କଲେ ବାସ ନିଶ୍ଚେ ହୋଇବ ସର୍ବନାଶ।' ଶ୍ରୀମଦ ଭାଗବତର ଏହି ଅମୂଲ୍ୟ ବାଣୀ ଆମ ସମସ୍ତଙ୍କ ପାଇଁ ନୀତିବାଣୀ ସଦୃଶ। ଅର୍ଥାତ୍ ଦୁଷ୍ଟ ଲୋକ ବା ଖରାପ ସାଙ୍ଗ ଠାରୁ ଦୂରେଇ ରହିବା ଦରକାର। ନଚେତ ପଥ ହୁଡ଼ିବାର ଆଶଙ୍କା ରହିଥାଏ। ସବୁ କ୍ଷେତ୍ରରେ ଉନ୍ନତି କରିବାକୁ ହେଲେ କିଏ ବେଷ୍ଟ ଫ୍ରେଣ୍ଡ ଆଉ କିଏ ଟକ୍ସିକ ଫ୍ରେଣ୍ଡ ତାହା ଜାଣିବା ଦରକାର। ବନ୍ଧୁତା ହେଉଛି ଜୀବନର ସର୍ବୋତ୍ତମ ସୁଖଦ ଅନୁଭବ। ଭଲ ସାଙ୍ଗଟିଏ ସୁଖଦୁଃଖ ସବୁ ସମୟରେ ପାଖରେ ରହେ। ସବୁବେଳେ ଉନ୍ନତି ଚାହେଁ। ଏମିତିକି କୌଣସି ପ୍ରକାରର ଭୁଲ ହୋଇଗଲେ ଶତ୍ରୁତା ଆଚରଣ କରିବା ବଦଳରେ ଆମ ସହିତ ରହିଥାଏ। ହେଲେ ସାଙ୍ଗମାନଙ୍କ ମଧ୍ୟରେ ଏମିତି କେତେ ଜଣ ଥାଆନ୍ତି ଯେଉଁମାନେ ଭଲ ସାଙ୍ଗ ବୋଲି କହନ୍ତି କିନ୍ତୁ ପ୍ରକୃତ ଅର୍ଥରେ ସେମାନେ ଉନ୍ନତି ସହି ପାରନ୍ତି ନାହିଁ ଓ ବ୍ୟାପକ ଅର୍ଥରେ ଦେଖିଲେ କ୍ଷତି କରିବାକୁ ଚାହାନ୍ତି। ଏଭଳି ସାଙ୍ଗମାନେ ଧୀରେ ଧୀରେ ଆତ୍ମବିଶ୍ୱାସ ଦୁର୍ବଳ କରିଦିଅନ୍ତି ଓ ଜୀବନର ସୁଖ ଶାନ୍ତି ଛଡ଼ାଇ ନିଅନ୍ତି। ବେଷ୍ଟ ଫ୍ରେଣ୍ଡମାନେ ଶକ୍ତି ସାମର୍ଥ୍ୟ ଭାବେ ପାଖରେ ରହୁଥିବାବେଳେ ଟକ୍ସିକ ଫ୍ରେଣ୍ଡ ଦୁର୍ବଳା ବା ବିଫଳତାର କାରଣ ପାଲଟି ଯାଆନ୍ତି। ତେଣୁ ପିଲାମାନେ ନିଜର ଏଇ ପ୍ରକାର ବନ୍ଧୁମାନଙ୍କ ମଧ୍ୟରେ ଥିବା ଫରକ ଅନୁଭବ କରିବା ଦରକାର।

ପ୍ରକୃତ ବନ୍ଧୁ ସଫଳତା ଶୁଣିଲେ ଖୁସି ହୁଅନ୍ତି। ମାତ୍ର ଟକ୍ସିକ ଫ୍ରେଣ୍ଡ ସଫଳତାରେ ଈର୍ଷା କରନ୍ତି। ସିଧାସଳଖ କିଛି ନ କହିଲେ ବି ଅନ୍ୟମାନଙ୍କ ଆଗରେ ନିନ୍ଦା କରନ୍ତି। ପ୍ରକୃତ ଅର୍ଥରେ ସେମାନେ ଅଧିକ ସଫଳ ବୋଲି ତୁଳନା କରି ଦର୍ଶାଇଥାନ୍ତି। କିଛି ଦିନ ମିଶିବା ପରେ ସାଙ୍ଗମାନଙ୍କ କଥାବର୍ତ୍ତା ଓ ବ୍ୟହାରକୁ ଏସବୁ ଅନୁଭବ କରିହେବ। ତେଣୁ ଏଭଳି ସାଙ୍ଗମାନଙ୍କୁ ଚିହ୍ନିବା ପରେ ସେମାନଙ୍କ ଠାରୁ ଯଥାସମ୍ଭବ ଦୂରତା ରଖିବା ଦରକାର।

ଭଲ ବନ୍ଧୁଟିଏ ସବୁବେଳେ ସତ ଘଟଣା କହିବ ଓ ପ୍ରକୃତ ସତ୍ୟ ପ୍ରକାଶ କରିବ। ହୁଏତ ସେହି ସତ ଶୁଣିବା ପାଇଁ କଷ୍ଟ ଲାଗିପାରେ, ହେଲେ ଭବିଷ୍ୟତ ପାଇଁ ସଚେତନ ହେବାର ସୁଯୋଗ ମିଳିବ, ଆଉ ନିଜର ଭୁଲ ସୁଧାରିବା ପାଇଁ ସୁଯୋଗ ପାଇପାରିବେ। କିନ୍ତୁ ଏଭଳି କ୍ଷେତ୍ରରେ ଟକ୍ସିକ ଫ୍ରେଣ୍ଡମାନେ ସତ ଲୁଚାଇ ଚାଲାକିରେ ବ୍ୟବହାର କରି ନିଜର ସ୍ୱାର୍ଥ ହାସଲ କରନ୍ତି।

ବେଷ୍ଟ ଫ୍ରେଣ୍ଡ ଆପଣଙ୍କ ପରିଶ୍ରମ ଓ କୌଣସି ଚିନ୍ତାଧାରାକୁ ନେଇ ସକାରାତ୍ମକ ମନ୍ତବ୍ୟ ଦିଅନ୍ତି। କାମରେ ଅଧିକ ସଫଳତା ନିମନ୍ତେ ପ୍ରେରଣା ଦିଅନ୍ତି। ଏହାଫଳରେ ଉତ୍ସାହର ସହିତ କାମ କରିବାପାଇଁ ପ୍ରେରଣା ମିଳିବ। ଅନ୍ୟପକ୍ଷରେ ଖରାପ ସାଙ୍ଗମାନେ ଏହି ପରିସ୍ଥିତିରେ ନେଗେଟିଭ କଥା କହି ଥଟ୍ଟା ପରିହାସ କରନ୍ତି। ଭଲ ସାଙ୍ଗମାନେ ଅନ୍ୟ ଜଣେ ସାଙ୍ଗର କୌଣସି ପ୍ରକାରର ସଫଳତାରେ ଖୁସ ହୁଅନ୍ତି। ଅନ୍ୟପକ୍ଷରେ ଟକ୍ସିକ ଫ୍ରେଣ୍ଡ ଖୁସି ହେବା ଭଳି ଅଭିନୟ କରନ୍ତି କିନ୍ତୁ ବିଭିନ୍ନ ପ୍ରକାରର ଅସୁବିଧା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି। ଏମତିକି ସେମାନେ ଅନ୍ୟମାନଙ୍କ ଆଗରେ ନିନ୍ଦା କରିବାକୁ ବି ପଛାନ୍ତି ନାହିଁ।

ଖରାପ ସାଙ୍ଗମାନେ ଉପରେ ଆଦୌ ଭରସା କରି ହେବନି। ଠକ ସମୟରେ ସେମାନେ ଅସୁବିଧାରେ ପକାଇବା ପାଇଁ ସୁଯୋଗ ସୃଷ୍ଟି କରିଦିଅନ୍ତି। ହେଲେ ଭଲ ସାଙ୍ଗଟିଏ ଅସୁବିଧା ଯେପରି ନ ହେବ ସେଥିପାଇଁ ସବୁ ପ୍ରକାରର ଚେଷ୍ଟା କରନ୍ତି। ସେମାନେ ଯାହା କରିବାପାଇଁ କଥା ଦେଇଥାନ୍ତି ସେହି ଅନୁସାରେ ଚେଷ୍ଟା ବି କରନ୍ତି। ସାଙ୍ଗମାନଙ୍କ ସହିତ କିଛି ଦିନ ମିଶିବା ପରେ ଧୀରେ ଧୀରେ ଏଭଳି ଅନେକ ପ୍ରଭେଦକୁ ଅନୁଭବ କରିହେବ। ତେଣୁ ଏ ନେଇ ସଚେତନ ହୋଇ ଲକ୍ଷ୍ୟ କରିବାକୁ ହେବ।

ପିଲାମାନେ ସାଧାରଣତଃ ଭଲ ମନ୍ଦର ଫରକ ଜାଣିବା ପାଇଁ ବହୁତ ସମୟ ଲାଗିଥାଏ। ତେଣୁ ସେମାନେ ସହଜରେ ଟକ୍ସିକ ଫ୍ରେଣ୍ଡମାନଙ୍କୁ ଜାଣିପାରନ୍ତି ନାହିଁ। ଏଭଳି କ୍ଷେତ୍ରରେ ଅଭିଭାବକଙ୍କର ସହାୟତା ନେବା ଉଚିତ ହେବ। ସାଙ୍ଗମାନଙ୍କ ସହିତ ପ୍ରତ୍ୟେକ ଦିନର କାର୍ଯ୍ୟକଳାପ ସମ୍ପର୍କରେ ଘରେ ଅଭିଭାବକଙ୍କୁ ଜଣାନ୍ତୁ। ଏଭଳି ହେଲେ ଅଭିଭାବକମାନେ ସହଜରେ ସାଙ୍ଗମାନଙ୍କ ଉଦ୍ଦେଶ୍ୟ ଜାଣିପାରିବେ ଓ ଭୁଲ ଠିକ କ'ଣ ସେ ସମ୍ପର୍କରେ ଜଣାଇପାରିବେ। ସେମାନଙ୍କ ନିର୍ଦ୍ଦେଶ ଅନୁସାରେ ସାଙ୍ଗମାନଙ୍କ ସହିତ ମିଶିଲେ ଭବିଷ୍ୟତରେ କୌଣସି ଅସୁବିଧା ହେବନାହିଁ। ଅବଶ୍ୟ ଏକ ନିର୍ଦ୍ଦିଷ୍ଟ ବୟସ ଆସିଲେ ଏସବୁ ବିଷୟରେ ଆପେ ଆପେ ଜାଣିପାରିବେ, କିନ୍ତୁ ପିଲାମାନେ ସବୁବେଳେ ଘରେ ଗୁରୁଜନଙ୍କ ଆଗରେ ସବୁକଥା ପ୍ରକାଶ କରନ୍ତୁ।

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ*

# ସମୟ

**ଅଲେଖ ଚନ୍ଦ୍ର ସାମଲ**

ସମୟ ଏକ ଅଦୃଶ୍ୟ ଶକ୍ତି। ସେ କାହାକୁ କେତେବେଳେ ଅପେକ୍ଷା କରେ ନାହିଁ। ସମୟ କାହାର ଅଧୀନ ନୁହେଁ। ରାଜା, ରଙ୍କ, ଧନୀ, ନିର୍ଦ୍ଧନ, ଜ୍ଞାନୀ, ଅଜ୍ଞାନ ସମସ୍ତେ ସମୟର କବଳରେ କବଳିତ। ତେଣୁ ସମୟର ମୂଲ୍ୟ କେହି ସହଜରେ ହୃଦୟଙ୍ଗମ କରିପାରନ୍ତି ନାହିଁ। ଗୋଟିଏ ଦିନର ଅର୍ଦ୍ଧେକ ସମୟ ନିଦ୍ରା, ବାକି ସମୟ ସମୟ ପରଚର୍ଚ୍ଚା, ପରନିନ୍ଦା, ମିଥ୍ୟାଭାଷଣ, ଆତ୍ମବଢ଼ିମା ବଖାଣି ବୁଲିବାରେ ବିତିଯାଉଛି।ବନ୍ଧୁ ମେଳରେ ବସି ଅଯଥା ଗପ କରିବା ଏବଂ କ୍ରୀଡ଼ା କୌତୁହଳରେ ମାତି ଆମେ ବହୁ ସମୟ ବିତାଇ ଦେଉଛୁ।

ଭଗବାନଙ୍କ ନାମ ସ୍ମରଣ, ଜପ, ଧ୍ୟାନ, କୀର୍ତ୍ତନ, ପାଇଁ ଆମ୍ଭମାନଙ୍କ ହାତରେ ସମୟ ନାହିଁ। ଆମେ ଜାଣିପାରୁ ନାହୁଁ ଏ ଦୁର୍ଲ୍ଲଭ ମନୁଷ୍ୟ ଜୀବନ କ୍ଷଣସ୍ଥାୟୀ। ସମୟର ଚଉହଦୀ ଭିତରେ ସେ ସୀମିତ। ତାକୁ ଉପଯୁକ୍ତ ବିନିଯୋଗ ନ କଲେ ପଶ୍ଚାତାପ କରିବାକୁ ସମୟ ନଥିବ। ଭାରତୀୟ ଶାସ୍ତ୍ର ପୁରାଣରେ ସମୟକୁ କାଳ ଆଖ୍ୟା ଦିଆଯାଇଛି। କାଳର କରାଳ କବଳରେ ସମଗ୍ର ଜଗତ କବଳିତ ହୋଇଯାଉଛି। କିନ୍ତୁ କେବଳ ପରଂବ୍ରହ୍ମ ପରମାତ୍ମା କାଳର କବଳିତ ହୁଅନ୍ତି ନାହିଁ। ସେ କାଳାତୀତ। ସମୟର ନଈ ସୁଅ ତାଙ୍କୁ ସ୍ପର୍ଶ କରିପାରେ ନାହିଁ। ସମୟ ଏକ ସୀମାହୀନ ସମୁଦ୍ର। ସମୟକୁ ବିଭାଜିତ କରାଯାଇପାରେ ନାହିଁ। ସମୟ ନାନାଦି ଅନନ୍ତ। ମଣିଷ ତାର ସୀମିତ ଜ୍ଞାନ ମଧ୍ୟରେ ସମୟକୁ ଅତୀତ, ବର୍ତ୍ତମାନ, ଭବିଷ୍ୟତ ରୂପରେ ସଜାଇ ଦିଏ। ଗତକାଲି ଆଜି ଆସନ୍ତାକାଲି କହି ଏକ ପ୍ରକାର ସୀମାରେଖା ଟାଣିଦିଏ। ମାତ୍ର ବର୍ତ୍ତମାନ, ଅତୀତରେ ପରିଣତ ହୋଇଯାଏ। ଆଜି ଚାଲିଗଲେ ଗତକାଲି ନାମରେ ନାମିତ ହେବ। ଭବିଷ୍ୟତ ଆସି ବର୍ତ୍ତମାନରେ ପହଞ୍ଚିଯିବ। ଏ ସମସ୍ତ ମଣିଷ ମନର ଏକ କଳ୍ପନା ମାତ୍ର। ଯାହା ଚାଲିଗଲା ତାହା ଚିରଦିନ ପାଇଁ ଚାଲିଗଲା। ଶତଚେଷ୍ଟା କଲେ ମଧ୍ୟ ତାହା ଆଉ କେବେହେଲେ ଫେରି ଆସିବ ନାହିଁ। ଭବିଷ୍ୟତ ଅନ୍ଧକାର ମର୍ତ୍ତରେ। ତା' ସମ୍ପର୍କ ଆମ୍ଭମାନଙ୍କର ଧାରଣା ନାହିଁ। ତେଣୁ ଗତକାଲି ଆସନ୍ତାକାଲିକୁ ଛାଡ଼ି ଆମକୁ ଆଜି ପାଇଁ ବଞ୍ଚିବାକୁ ହେବ। ଆଜି ଯେଉଁ କର୍ମପନ୍ଥା ସ୍ଥିର କରିନେବାକୁ ହେବ। ଖୁବ ଦ୍ରୁତଗତିରେ ଖୁବ ବିଚକ୍ଷଣତାର ସହିତ ସମୟ ତାଳଦେଇ ଆଗେଇ ଯିବାକୁ ହେବ। ଆ ଗେ ଇ ଯିବାର ସହଜ, ସୁନ୍ଦର, ସୁଲଭ ମାର୍ଗ ହେଉଛି ଭଗବତ ନାମ ସଂକୀର୍ତ୍ତନର ପଥ। ଉଜ୍ଜ୍ୱଳ ଜ୍ୟୋତିଷ୍କ ମାର୍ଗ। ସେ ପଥରେ ଗଲେ ଝୁଣ୍ଟି ପଡ଼ିବାର ଡର ନାହିଁ। କାଳର କରାଳ କବଳରେ ପଡ଼ିଯିବାର ଭୟ ନାହିଁ। ସମୟର ସୁଅରେ ଭାସିଯିବାର ଆଶଙ୍କା ନାହିଁ।

ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର
E-mail : alekha007samal@gmail.com

# ମହାପ୍ରଭୁଙ୍କ ଶୀତବସ୍ତ୍ର ଓ ଶୀତ ସହ ସର୍ତ୍ତ

**ପୁଷ୍ପମିତ୍ର ମହାପାତ୍ର**

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଲୋକ ଦେବତା। ତାଙ୍କ ଦୈନିକ ନୀତିକାନ୍ତି, ପୂଜା ପଦ୍ଧତି ଠାରୁ ମହାପ୍ରସାଦ, ବିଶ୍ରାମ, ପୋଷାକ ପରିପାଟୀ ସବୁ ଠିକ ମାନବୀୟ ବ୍ୟବସ୍ଥା ପରି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆମେ ଏଯାବତ୍ ଜାଣି ଆସିଥିବା ପରମ୍ପରା ଓ ଲୋକ ବିଶ୍ୱାସ ଅନୁଯାୟୀ ମହାପ୍ରଭୁ ଶୀତୁଆ ମାର୍ଗଶୀର ମାସରେ ତାଙ୍କ ନୀତିକାନ୍ତି ବ୍ୟବସ୍ଥା ଅନୁଯାୟୀ ଶୀତବସ୍ତ୍ର ପରିଧାନ ବେଳେ ଶୀତ ସହ ସର୍ତ୍ତ ରଖିଥାନ୍ତି ଯେ ସଂସାରରେ ଯେପରି ସେ ଲୋକଙ୍କୁ ଅଧିକ କଷ୍ଟ ଦେବ ନାହିଁ। ବାସ୍ତବିକ ମହାପ୍ରଭୁଙ୍କ ଆମ ମାନଙ୍କ ପ୍ରତି କେତେ ଯେ ଭଲପାଇବା ଓ କରୁଣା ତଥା କୃପା ବାସ ଏତିକିରୁ ଯଥେଷ୍ଟ। ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଯେଉଁ ବସ୍ତ୍ର ପରିଧାନ ବ୍ୟବସ୍ଥା ରହିଛି ତା'ଭିତରେ ରହିଛି ଯେତିକି ପବିତ୍ରତା ସେତିକି ବିଚିତ୍ରତା କିନ୍ତୁ ଏହି ବସ୍ତ୍ରର ସମ୍ଭାର ଗୁଡ଼ିକ ଅତ୍ୟନ୍ତ ବୈଶିଷ୍ଟ୍ୟପୂର୍ଣ୍ଣ। ମହାପ୍ରଭୁଙ୍କର ପ୍ରଥମ ବେଶ ହୋଇଥାଏ ମଙ୍ଗଳ ଆଳତୀ ପରେ। ଶ୍ରୀଜୀଉଙ୍କ ରାତିର ବଡ଼ ସିଂହାର ବେଶ ଉଲାଗି ହୋଇଥାଏ ଏବଂ ଠିକ ଆମ ମାନଙ୍କ ସକାଳର ଦୈନିକ ମୁହଁଧୁଆ, ଦାନ୍ତଘଷା ଆଦି କର୍ମ ପରେ ତାଙ୍କର ପ୍ରଥମ ବେଶଟି ହେଉଛି ତଡ଼ପ ଉତ୍ତରୀ ବେଶ। ସ୍ୱତ୍ୱଲିପିରେ ତଡ଼ପର ଅର୍ଥ ଶ୍ରୀମନ୍ଦିରର ଭାଷା ବ୍ୟବସ୍ଥାରେ ଗାମୁଛାକୁ ବୁଝାଏ ଆଉ ଆମେ ବ୍ୟବହାର କରୁଥିବା ଚାଦର ପରି ଅଙ୍ଗବସ୍ତ୍ର ହେଉଛି ମହାପ୍ରଭୁଙ୍କ ଉତ୍ତରୀ। ବାସ୍ତବିକ ଟିକିଏ ନିରିଖେଇ ଦେଖିଲେ ଜଣାପଡ଼େ ଯେ ଆମ୍ଭ ମାନଙ୍କ ଜୀବନ ଚଳଣିରେ ଯେପରି ବେଶ ବ୍ୟବସ୍ଥା ସବୁ ରହିଛି ମହାପ୍ରଭୁଙ୍କର ମଧ୍ୟ ଠିକ ସେହିପରି। ଦିନର ବିଭିନ୍ନ ସମୟରେ ପାଟବସ୍ତ୍ର ସହିତ ବିଭିନ୍ନ ପୁଷ୍ପ ଅଲଙ୍କାରରେ ଭୂଷିତ ହୋଇ ଅଗଣିତ ଭକ୍ତଜନଙ୍କୁ ଦର୍ଶନ ଦେଇଥାନ୍ତି। ମହାପ୍ରଭୁଙ୍କ ପାଟବସ୍ତ୍ର ହେଉଛି ପବିତ୍ର ଗୀତଗୋବିନ୍ଦ ଖଣ୍ଡୁଆ।

ମହାପ୍ରଭୁ ମଧ୍ୟ ଠିକ ଆମ ମାନଙ୍କ ପରି ଶୀତ ପ୍ରକୋପରୁ ଉପଶମ ପାଇବା ପାଇଁ ଶୀତବସ୍ତ୍ର ପିନ୍ଧିଥାନ୍ତି। ମାର୍ଗଶୀର ମାସ ଶୁକ୍ଳ ପକ୍ଷ ଓଢ଼ଣ ଷଷ୍ଠୀ ଠାରୁ ଓଢ଼ଣ ଷଷ୍ଠୀ ଯାହାକୁ କେହି କେହି ପ୍ରାବରଣ ଷଷ୍ଠୀ ମଧ୍ୟ କହିଥାନ୍ତି, ଏହି ଦିନରୁ ମହାପ୍ରଭୁଙ୍କ ଶୀତବସ୍ତ୍ର ପରିଧାନ ଆରମ୍ଭ ହୋଇଥାଏ। ଶ୍ରୀମନ୍ଦିର ଭାଷାରେ ଏହା ହେଉଛି 'ଘୋଡ଼ଲାଗି ଉତ୍ସବ'। ତେବେ ମହାପ୍ରଭୁଙ୍କ ବସ୍ତ୍ର ସମର୍ପଣ ପୂର୍ବରୁ ଅର୍ଥାତ୍ ପଞ୍ଚମୀ ରାତିରେ ବ୍ରାହ୍ମଣଙ୍କ ଦ୍ୱାରା ଏହି ବସ୍ତ୍ର ସମୂହର ଅଧିବାସ ହୋଇଥାଏ। ମାଦଳା ପାଞ୍ଜି ଓ ସ୍ୱତ୍ୱଲିପିର ତଥ୍ୟ ଅନୁଯାୟୀ 'ଦ୍ୟୁତାନସ୍ତୁ' ମନ୍ତ୍ରରେ ଶ୍ରୀବିଗ୍ରହଙ୍କୁ ଆଚ୍ଛାଦାନ କରିବାର ପରମ୍ପରା ରହିଛି। ଓଢ଼ଣ ଷଷ୍ଠୀ ଠାରୁ ମହାପ୍ରଭୁ ଗଡ଼ା ବା ସୂତାବସ୍ତ୍ର, ଖଣ୍ଡୁଆ ପାଟ, ମଖମଲ୍ଲୀ ଘୋଡ଼ ବସ୍ତ୍ର, ଶିରଆବରଣ, ମଫଲର ଓ ଟୋପର ଆଦି ପରିଧାନ କରିଥାନ୍ତି। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଏହି ଘୋଡ଼ଲାଗି ନୀତି ଅନ୍ୟତମ। ପରମ୍ପରା ମୁତାବକ ପଞ୍ଚମୀ ତିଥିରେ ଶ୍ରୀଜୀଉଙ୍କ ବିଶେଷ ନୀତି ଭାବରେ ରାତ୍ର ଚନ୍ଦନ ଲାଗି ବଢ଼ିବା ପରେ ପତନୀ, ଘୋଡ଼, ଖଣ୍ଡୁଆ ଘୋଡ଼, ପାଗ ମଦନମୋହନ, ବିମଳା, ଶ୍ରୀଦେବୀ ଓ ଭୂଦେବୀଙ୍କ ଘୋଡ଼ ଭୋଗ ମଣ୍ଡପ ଘରେ ଅଧିବାସ କରାଯାଇଛି। ଏହା ପୂର୍ବରୁ ଭୋଗ ମଣ୍ଡପ ଘର ଧୋ ପଖାଳ ହୋଇ ଚାନ୍ଦୁଆ ବନ୍ଧା ହୋଇଥାଏ। ବଡ଼ ସିଂହାର ଭୋଗ ସରି ଶ୍ରୀଜୀଉଙ୍କ ମଇଲମ ବଢ଼ିବା ପରେ ମହାସ୍ନାନ ବଢ଼ିଥାଏ।

ମାର୍ଗଶୀର ମାସର ଏହି ଓଢ଼ଣ ଷଷ୍ଠୀ ପରଠାରୁ ଫାଲଗୁନ ପୂର୍ଣ୍ଣିମା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଏକ କୌତୁହଳପ୍ରଦ ବସ୍ତ୍ର ପରିଧାନ ବ୍ୟବସ୍ଥା ରହିଛି ଯାହା ସମ୍ପର୍କରେ ଅନେକ ଜାଣିନଥିବେ। ଆମେ ଯେପରି ନିତିଦିନିଆ ପୋଷାକ ପରିଧାନ ବ୍ୟବସ୍ଥାରେ ଶୀତ କମ ଅନୁଭବ କଲା ପରଠାରୁ ହାଲକା ବସ୍ତ୍ର ପିନ୍ଧିଥାଉ ଠିକ ସେହିପରି ମହାପ୍ରଭୁଙ୍କର ମଧ୍ୟ ସ୍ୱତନ୍ତ୍ର ଏକ ବସ୍ତ୍ର ରହିଛି ଯେଉଁଥିରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ସମ୍ପୂର୍ଣ୍ଣ ଅବସ୍ଥାରେ ଆବୃତ୍ତ ହୋଇନଥାଏ। ବସନ୍ତ ପଞ୍ଚମୀ ଠାରୁ ଫଗୁ ଦଶମୀ ପର୍ଯ୍ୟନ୍ତ ପରମ୍ପରା ମୁତାବକ ଶ୍ରୀଜୀଉଙ୍କ ଏହି ବସ୍ତ୍ର ପରିଧାନ ପରମ୍ପରା ଆବହମାନ ସମୟରୁ ରହିଆସିଛି। ଶ୍ରୀମନ୍ଦିରର ସ୍ୱତ୍ୱଲିପିରେ ଏହି ଜାମା ପରିଧାନ ବ୍ୟବସ୍ଥାକୁ ଠିଆ ଘୋଡ଼ ଭାବେ ବର୍ଣ୍ଣନା କରାଯାଇଛି। ସବୁଠାରୁ ମଜାଦାର କଥା ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଅଗ୍ରଜ ପ୍ରଭୁ ବଳଭଦ୍ର ଫ୍ରକ୍ ଦିଶୁଥିବା ପରି ଜାମା ପରିଧାନ କରିଥାନ୍ତି ଓ ଦେବୀ ସୁଭଦ୍ରା ଘେର ହୋଇଥିବା କୁଞ୍ଚବସ୍ତ୍ର ପରିଧାନ କରିଥାନ୍ତି। ମହାପ୍ରଭୁଙ୍କ ସମସ୍ତ ଚଳଣି, ରୀତିନୀତି, ପୂଜା ପଦ୍ଧତି ସମ୍ପୂର୍ଣ୍ଣ ପରମ୍ପରା ଅନୁଯାୟୀ ହୋଇଥାଏ। ମହାପ୍ରଭୁଙ୍କ ଏହି ଅନନ୍ୟ ଜାମା ଓ ଶୀତବସ୍ତ୍ର ପରିଧାନ ପୂର୍ବକ ସୌନ୍ଦର୍ଯ୍ୟମୟ କାନ୍ତୀ ବାସ୍ତବିକ ଅଗଣିତ ଭକ୍ତଜନଙ୍କୁ ଦର୍ଶନ ସମୟରେ ଅହେତୁକ ଆନନ୍ଦ ଓ କୃପା ପ୍ରଦାନ କରିଥାଏ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ,
କଟକ, ଦୂରଭାଷ : ୯୪୩୭୨୨୫୬୮୯,
ର-ଙ୍କବସକ୍ଷ : ଭସସପ୍ଡଚକ୍ଟଙ୍କ୦୦୧ଅଶଙ୍କବସକ୍ଷ.ମକ୍ଟଙ୍କ



# ପ୍ରଦୂଷଣ ସାଙ୍ଗକୁ ଦିଲ୍ଲୀରେ କଲବଲ କରୁଛି ଘନ କୁହୁଡ଼ି : ଉଡ଼ି ପାରୁନି ବିମାନ

**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ଦିଲ୍ଲୀରେ ଘନ କୁହୁଡ଼ି ଯୋଗୁ ଦୃଶ୍ୟମାନ ଦୂରତା ହ୍ରାସ ଫଳରେ ଆଜି ୧୦ଟି ବିମାନ ବାତିଲ କରାଯାଇଥିବା ବେଳେ ୧୫୦ରୁ ଅଧିକ ବିମାନର ଉଡ଼ାଣ ବିଳମ୍ବିତ ହୋଇଛି । ଟ୍ରେନ ଚଳାଚଳ ମଧ୍ୟ ହୋଇଛି ବାଧାପ୍ରାପ୍ତ । ପ୍ରବଳ ଶୀତ ଲହରୀ ସହିତ ବାୟୁ ପ୍ରଦୂଷଣ ମଧ୍ୟ ପାଲଟିଛି ଚିନ୍ତାର କାରଣ । ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଆଜି ମଧ୍ୟ ସାମଗ୍ରିକ ବାୟୁ ଗୁଣବତ୍ତା ଅତି ଖରାପ ସ୍ତରରେ ରହିଛି । ଆସନ୍ତାକାଲି ପର୍ଯ୍ୟନ୍ତ ଦିଲ୍ଲୀ ସମେତ ଉତ୍ତର ଭାରତରେ ରାତି ଓ ସକାଳେ ଘନ କୁହୁଡ଼ି ପଡ଼ିପାରେ ବୋଲି ସତର୍କ କରାଇ ଦେଇଛି ଭାରତୀୟ ପାଣିପାଗ ବିଭାଗ । ଦିଲ୍ଲୀ ସମେତ ହରିୟାଣା, ପଞ୍ଜାବ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାରରେ ପ୍ରବଳ ଶୀତ ଅନୁଭୂତ ହେଉଛି । ଦିଲ୍ଲୀରୁ ମୁମ୍ବାଇ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନରେ ବଡ଼ ଧରଣର ଯାନ୍ତ୍ରିକ ତ୍ରୁଟି ସତ୍ତ୍ୱେ ଏହା ଅଳ୍ପକେ ବର୍ତ୍ତି ଯାଇଛି । ବିମାନଟି ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଏହାର ଇଞ୍ଜିନରେ ତେଲ ଚାପ ହ୍ରାସ ପାଇ ଶୂନ ହୋଇଯାଇଥିଲା । ବିପଦକୁ ଆଖିରେ ରଖି ପାଇଲଟ୍ ତୁରନ୍ତ ବିମାନଟିକୁ ଦିଲ୍ଲୀକୁ ଫେରାଇ ଆଣିବା ସହ ସୁରକ୍ଷିତ ଭାବେ ଜରୁରୀ ଅବତରଣ କରାଇଛନ୍ତି । ଏହି AI ୮୮୭ ବୋଇଂ ବିମାନରେ ପ୍ରାୟ ୩୩୫ ଜଣ ଯାତ୍ରୀ ଓ କର୍ମଚାରୀ ଥିଲେ । ବିମାନଟି ସକାଳ ପ୍ରାୟ ୬ଟା ୩୦ ସମୟରେ ଉଡ଼ାଣ ଭରିବା ପରେ ଦାୟିତ୍ୱରେ ଥିବା କର୍ମଚାରୀ ଦକ୍ଷିଣ ପାଖ ଇଞ୍ଜିନରେ ତ୍ରୁଟି ଲକ୍ଷ୍ୟ କରିଥିଲେ । ଏୟାର ଇଣ୍ଡିଆର ମୁଖପାତ୍ର କହିଛନ୍ତି , ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର୍ ଅନୁଯାୟୀ ଯାତ୍ରୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ବିମାନକୁ ତୁରନ୍ତ ଦିଲ୍ଲୀ ଫେରାଇ ଆଣିବାକୁ ନିଷ୍ପତ୍ତି ନିଆଯାଇଥିଲା । ବିମାନ ଚଳାଚଳ ମନ୍ତ୍ରଣାଳୟ ଘଟଣାର ତଦନ୍ତ ପାଇଁ ଡିଜିସିଏକୁ ନିର୍ଦ୍ଦେଶ ଦେଇଛି । ଯାତ୍ରୀମାନଙ୍କୁ ମୁମ୍ବାଇ ପଠାଇବା ପାଇଁ ଅନ୍ୟ ବିମାନର ବ୍ୟବସ୍ଥା କରାଯାଇଛି ।

# ବାଧବାଧକତାରେ ଘୋଷଣା କରିଥିଲୁ, ଏବେ ପୂରଣ କରିବା ଅସମ୍ଭବ

**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ଯାହା ଘୋଷଣା କରିଥିଲୁ । ହେଲେ ପୂରଣ କରିପାରିବୁ ନାହିଁ । ଏଭଳି କହି ହାତ ଟେକିଦେଲେ ମଧ୍ୟପ୍ରଦେଶ ସରକାରଙ୍କ ମନ୍ତ୍ରୀ କୈଳାସ ବିଜୟବର୍ଗୀୟ । ତାଙ୍କର ଏହି ବୟାନ ଏବେ ରାଜନୈତିକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି । ଭୋପାଳରେ ଅନୁଷ୍ଠିତ ଏକ ଆଞ୍ଚଳିକ ସହରାଞ୍ଚଳ ବିକାଶ ସମୀକ୍ଷା ବୈଠକରେ ମନ୍ତ୍ରୀ କୈଳାସ ବିଜୟବର୍ଗୀୟ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ରାଜନୈତିକ ବାଧବାଧକତା ଯୋଗୁଁ ପୂର୍ବରୁ ଅନେକ ଘୋଷଣା କରାଯାଇଥିଲା । କିନ୍ତୁ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବେ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି । ବିଭିନ୍ନ ସହରାଞ୍ଚଳ ବିକାଶ ପ୍ରକଳ୍ପକୁ ଆଗକୁ ବଢ଼ାଇବା ପାଇଁ କେନ୍ଦ୍ର ସରକାରଙ୍କଠାରୁ ପର୍ଯ୍ୟାପ୍ତ ପାଣ୍ଠିର ଆବଶ୍ୟକତା ରହିଛି । କୈଳାସ ବିଜୟବର୍ଗୀୟ କହିଛନ୍ତି ଯେ, ସହରୀକରଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଏହା ସହିତ ନାଗରିକଙ୍କ ଚାହିଦା ମଧ୍ୟ ସମାନ ଭାବରେ ବୃଦ୍ଧି ପାଇଛି । ତେଣୁ, ରାସ୍ତା, ଜଳ ଯୋଗାଣ, ସ୍ୱେରେଜ, ଗୃହ ଏବଂ ପରିବହନ



ଭଳି ମୌଳିକ ଆବଶ୍ୟକତା ପୂରଣ କରିବା ରାଜ୍ୟ ସରକାରଙ୍କ ପାଇଁ ପ୍ରାଥମିକତା । କେବଳ ରାଜ୍ୟ ସମ୍ବଳ ସହିତ ସମସ୍ତ ପ୍ରକଳ୍ପକୁ ସମୟସୀମା ମଧ୍ୟରେ ସମାପ୍ତ କରିବା ସହଜ ନୁହେଁ ଏବଂ ଏଥିପାଇଁ କେନ୍ଦ୍ର ସରକାରଙ୍କ ସମର୍ଥନ ଆବଶ୍ୟକ । ମନ୍ତ୍ରୀ ବିଜୟବର୍ଗୀୟଙ୍କ ବୟାନ ପରେ, ବିରୋଧୀ ସିଧାସଳଖ ସରକାରଙ୍କୁ ଆକ୍ରମଣ କରିଛନ୍ତି । କଂଗ୍ରେସ ମୁଖପାତ୍ର ଅଭିନବ ବାରୋଲିଆ କହିଛନ୍ତି ଯେ, ବିଜେପି ସରକାର ବଡ଼ ବଡ଼ ପ୍ରତିଶ୍ରୁତି ଏବଂ ଘୋଷଣା ସହିତ କ୍ଷମତାକୁ ଆସିଥିଲା । କିନ୍ତୁ ଏବେ ଦଳ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ଅସମର୍ଥ । ଏହା ମୋଦୀଙ୍କ ଗ୍ୟାରେଣ୍ଟି ଉପରେ ଏକ ପ୍ରଶ୍ନ ବୋଲି କହି ସେ କହିଛନ୍ତି ଯେ, ମନ୍ତ୍ରୀଙ୍କ ବୟାନ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ସରକାର ଏବେ ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇବାରେ ଅସମର୍ଥ । ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ଏବଂ ବାସ୍ତବତା ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ରହିଛି ।

# ପପୁଆ ନ୍ୟୁ ଗିନିରେ ଭୂକମ୍ପ

**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ୨୨ ଡିସେମ୍ବର ଅର୍ଥାତ ସୋମବାର ପପୁଆ ନ୍ୟୁ ଗିନି ଅଞ୍ଚଳରେ ୬.୪ ତୀବ୍ରତାର ଭୂକମ୍ପ ଆସିଥିଲା । ଭୂକମ୍ପର କେନ୍ଦ୍ର ୧୦୮.୮ କିଲୋମିଟରର ଗଭୀରତାରେ ଥିଲା, ଯାହାର ଆରମ୍ଭ ନିର୍ଦ୍ଦେଶାଙ୍କ ୫.୭୮ ଡିଗ୍ରୀ ଦକ୍ଷିଣ ଅକ୍ଷାଂଶ ଓ ୧୪୫.୫୦ ଡିଗ୍ରୀ ଇଷ୍ଟ ଲଙ୍ଗିଚୁଡରେ ଥିଲା । ଜିଏଫଜେଡ୍ ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର୍ ଜିଓସାଇସେନ୍ସ କହିଛି ଯେ, ସୋମବାର ୧୦ : ୩୧ : ୨୮ ଜିଏମଟିରେ ଭୂକମ୍ପ ଆସିଥିଲା । ଏହି ଭୂକମ୍ପ ୧୦୬ କିଲୋମିଟରର ଖୁବ୍ ଗଭୀରତାରେ ଆସିଛି, ଯେଉଁଥିରେ ଅଞ୍ଚଳରେ ଆଲର୍ଟ ଜାରି କରିବା ସହ ଚିନ୍ତା ବଢି ଯାଇଛି । ଅଧିକାରୀ ଭୂକମ୍ପର ସମ୍ଭାବିତ ପ୍ରଭାବ ( ଏହାପରେ ଆସୁଥିବା କୌଣସି ( ଝଟକାର ଆକଳନ କରୁଛନ୍ତି । ୟୁଏସ ଜିଓଲଜିକାଲ ସର୍ଭେ (ୟୁଏସଜିଏସ) ମଧ୍ୟ ସ୍ପଷ୍ଟ କରିଛି ଯେ, ପପୁଆ ନ୍ୟୁ ଗିନିରେ, ଗୋରୋକାରୁ ପାଖାପାଖି ୨୬ ମାଇଲ୍ ଉତ୍ତର ପୂର୍ବରେ ୬.୪ ତୀବ୍ରତା ଭୂକମ୍ପ ଆସିଛି । ସ୍ଥାନୀୟ



ଅଧିକାରୀମାନେ ଏହି ଦ୍ରୁତ ଭୂକମ୍ପର ସମ୍ଭାବିତ ପ୍ରଭାବ ଓ ଏହାପ ପରିବର୍ତ୍ତୀ କୌଣସି ବି ପ୍ରଭାବକୁ ଆକଳନ କରିବା ଆରମ୍ଭ କରିଦେଇଛନ୍ତି । ପପୁଆ ନ୍ୟୁ ଗିନି ଅଫ୍ ଫାୟରରେ ଆସିଥାଏ ,ଯାହା ପ୍ରଶାନ୍ତ ମହାସାଗରର ଉପକୂଳ ଭୂକମ୍ପୀୟ ଓ ଆଗ୍ନେୟଗିରି ରୂପେ ସକ୍ରିୟ କ୍ଷେତ୍ର । ମିଡ଼ିଆ ରିପୋର୍ଟ ମୁତାବିକ , ଏହି କ୍ଷେତ୍ରରେ ଦୁନିଆର ଅନେକ ସକ୍ରିୟ ଆଗ୍ନେୟଗିରି ରହିଛି । ଏହା ପୂର୍ବରୁ ଏବେ ୧୯ଡିସେମ୍ବରରେ ଆଫଗାନିସ୍ତାନରେ ଲୋକେ ଭୂକମ୍ପର ଝଟକା ଅନୁଭବ କରିଥିଲେ । ରିକ୍ଟର ସ୍କେଲ୍ରେ ତୀବ୍ରତା ୪.୧ ରହିଛି । ରାଷ୍ଟ୍ରୀୟ ଭୂ-ବିଜ୍ଞାନ କେନ୍ଦ୍ର ମୁତାବିକ ଭୂକମ୍ପର ଗଭୀରତା ଭୂପୃଷ୍ଠ ଠାରୁ ୧୦ କିଲୋମିଟର ଭିତରେ ଥିଲା ।

# ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ଭାରତ ଓ ନ୍ୟୁଜିଲାଣ୍ଡ ଭିତରେ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଯୋଡି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନଙ୍କ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ମିଳିଛି ମଞ୍ଜୁରୀ । ସୋମବାର ଫୋନରେ ଆଲୋଚନା ପରେ ବ୍ୟାପକ୍ ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ (ଏଫଟିଏ) ବା ମୁକ୍ତ ବାଣିଜ୍ୟ ଚୁକ୍ତିକୁ ମଞ୍ଜୁରୀ ନେଇ ଐତିହାସିକ ଘୋଷଣା କରିଛନ୍ତି । ଏହି ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କକୁ ସୁଦୃଢ଼ କରିବ ଏବଂ ଆଗାମୀ ବର୍ଷରେ ଅଭୂତପୂର୍ବ ନିବେଶ ଏବଂ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ । ଉଲ୍ଲେଖନୀୟ ଯେ, ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଏଫଟିଏ ଉପରେ ଆଲୋଚନା ମାର୍ଚ୍ଚ ୨୦୨୫ ରେ ଆରମ୍ଭ ହୋଇଥିଲା, ଯେତେବେଳେ ପ୍ରଧାନମନ୍ତ୍ରୀ ଲକ୍ସନ ଭାରତ ଗସ୍ତ କରିଥିଲେ । ମାତ୍ର ୯ ମାସର ରେକର୍ଡ ସମୟ ମଧ୍ୟରେ ଏହି ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସମାପ୍ତ ହେବା ଦୁଇ ଦେଶ ମଧ୍ୟରେ ରାଜନୈତିକ ଇଚ୍ଛାଶକ୍ତି ଏବଂ ରଣନୈତିକ ବୁଝାମଣାକୁ ପ୍ରତିଫଳିତ କରେ । ଏହି ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଦ୍ୱିଗୁଣିତ ହେବ ବୋଲି ଉଭୟ ନେତା ବିଶ୍ୱାସ ପ୍ରକାଶ କରିଥିଲେ । ଏହି ଚୁକ୍ତିନାମା ଅନୁଯାୟୀ, ନ୍ୟୁଜିଲାଣ୍ଡ ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ୨୦



ନିଯୁତ ଡଲାର ନିବେଶ କରିବ । ଏହି ନିବେଶ କୃଷି, ଦୁଗ୍ଧ, ଖାଦ୍ୟ ପ୍ରକ୍ରିୟାକରଣ, ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ଷ୍ଟାର୍ଟଅପ୍ ଭଳି କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବ । ନ୍ୟୁଜିଲାଣ୍ଡ ସହ ଏହି ଚୁକ୍ତି ଗତକିଛି ବର୍ଷରେ ଭାରତ ଓମାନ, ୟୁଏଇ, ୟୁକେ, ଅଷ୍ଟ୍ରେଲିଆ, ମରିସସ୍ ଓ EFTA (ୟୁରୋପୀୟ ଫ୍ରି ଟ୍ରେଡ୍ ବ୍ଲକ୍) ଏଭଳି ଚୁକ୍ତି କରିସାରିଛି । ଭାରତ ଦ୍ରୁତ ଗତିରେ ଭରସାଯୋଗ୍ୟ ବିଶ୍ୱ ବ୍ୟାପାର କେନ୍ଦ୍ର ରୂପରେ ଆଗକୁ ବଢୁଛି । ଏହି ଚୁକ୍ତିନାମା ଅନୁଯାୟୀ, ନ୍ୟୁଜିଲ୍ୟାଣ୍ଡରୁ ଭାରତରେ ଆମଦାନୀ ହେଉଥିବା ୯୫ ପ୍ରତିଶତ ସାମଗ୍ରୀ ଉପରେ ଲାଗୁଥିବା ଶୁଳ୍କ ଉଚ୍ଛେଦ କରାଯିବ କିମ୍ବା ଯଥେଷ୍ଟ ହ୍ରାସ କରାଯିବ । ଏହା ବ୍ୟତୀତ, ଚୁକ୍ତିନାମାର ପ୍ରଥମ ଦିନରୁ ଅଧାରୁ ଅଧିକ ଉତ୍ପାଦ ଶୁଳ୍କମୁକ୍ତ ହେବ । ଏହା ବଜାର ପ୍ରତିଯୋଗିତା ବୃଦ୍ଧି କରିବ ଏବଂ ଗୁଣାତ୍ମକ ସାମଗ୍ରୀ ସହଜରେ ଉପଲବ୍ଧ କରିବ । ଭାରତର ଦୃଷ୍ଟିକୋଣରୁ, ଏହା ରପ୍ତାନିକାରୀଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ବୋଲି କୁହାଯାଉଛି । ଏହି ଚୁକ୍ତିନାମା ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ରଖିଛି । ଏହା ସହିତ, ନ୍ୟୁଜିଲାଣ୍ଡ ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ପ୍ରାୟ ୨୦ ବିଲିୟନ ଆମେରିକୀୟ ଡଲାର ନିବେଶ କରିବାକୁ ବିଶ୍ୱାସ ପ୍ରକାଶ କରିଛି । ଏହି ନିବେଶ କେବଳ ଅର୍ଥନୀତିକୁ ସୁଦୃଢ଼ କରିବ ନାହିଁ ବରଂ ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ । ନ୍ୟୁଜିଲାଣ୍ଡ ବଜାର ଏବେ ଏମଏସ୍ଏମଇ, ଚାଷୀ ଏବଂ ନୂତନ ଉଦ୍ୟୋଗୀମାନଙ୍କୁ ଅନେକ ସୁଯୋଗ ପ୍ରଦାନ କରିବା ଅପେକ୍ଷାରେ ରହିଛି ।

# ସୋନିଆ, ରାହୁଲଙ୍କୁ ହାଇକୋର୍ଟ ନୋଟିସ୍

**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ନ୍ୟାସନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ଆଇନଗତ ସମସ୍ୟା ଦୂର ହୋଇଥିବା ପରି ମନେହେଉ ନାହିଁ । ଦିଲ୍ଲୀ ହାଇକୋର୍ଟ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ନୋଟିସ ଜାରିଛନ୍ତି । ଏହି ମାମଲାରେ ନିମ୍ନ ଅଦାଲତର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କରିଥିବା ଆବେଦନ ଉପରେ କୋର୍ଟ ଏହି ନୋଟିସ ଜାରି କରିଛନ୍ତି । ଏହି ମାମଲାର ଶୁଣାଣି ଜଷ୍ଟିସ ରବିନ୍ଦ୍ର ଡୁଡେଜାଙ୍କ କୋର୍ଟରେ ହୋଇଥିଲା । କୋର୍ଟ ସମସ୍ତ ପକ୍ଷଙ୍କୁ ନୋଟିସ ଜାରି କରି ପରବର୍ତ୍ତୀ ଶୁଣାଣି ୭ ମାର୍ଚ୍ଚ, ୨୦୨୬ ପାଇଁ ଧାର୍ଯ୍ୟ କରିଛନ୍ତି । ଟ୍ରାଏଲ କୋର୍ଟର ବିଚାର ଲାଗି ଗ୍ରହଣ କରିବାକୁ ମନା କରିବା ଆଦେଶକୁ ଇଡି ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛି । ଇଡି ଅଭିଯୋଗ କରିଛି ଯେ ନିମ୍ନ ଅଦାଲତ ଆଇନର ଭୁଲ ବ୍ୟାଖ୍ୟା କରିଛି ଏବଂ ମନି ଲଣ୍ଡରିଂ ସହିତ ଜଡିତ ତଥ୍ୟକୁ ଅଣଦେଖା କରିଛି ।ଶୁଣାଣି ସମୟରେ, ଇଡି ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟରେ ଉପସ୍ଥିତ ଥିଲେ, ଯେତେବେଳେ କି ଗାନ୍ଧୀ ପରିବାର ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭି ଉପସ୍ଥିତ ଥିଲେ ।

# 'ମୁଁ ବାଂଲାଦେଶ ଫେରିଲେ ରକ୍ତର ନଦୀ ବହିବ'

**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ନିକଟରେ ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ରାୟ ପରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଦେଶକୁ ଫେରିବା ପାଇଁ ଆହ୍ୱାନକୁ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିରେ ତାଙ୍କର ଫେରିବା ରାଜନୈତିକ ହତ୍ୟା ସହିତ ସମାନ ହେବ ଏବଂ ସେ ବାଂଲାଦେଶରେ ଏକ ବୈଧ ସରକାର ଏବଂ ସ୍ୱାଧୀନ ନ୍ୟାୟପାଳିକା ପୁନଃସ୍ଥାପିତ ନହେବା ପର୍ଯ୍ୟନ୍ତ ସେ ଫେରିବେ ନାହିଁ । ଏକ ସାକ୍ଷାତକାରରେ, ଶେଖ ହସିନା ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କୁ ଚ୍ୟାଲେଞ୍ଜ କରି କହିଛନ୍ତି ଯେ ଯଦି ମାମଲା ନିରପେକ୍ଷ, ତେବେ ଏହାକୁ ହେଗରେ ଥିବା ଆନ୍ତର୍ଜାତୀୟ ନ୍ୟାୟାଳୟକୁ ନିଆଯିବା ଉଚିତ । ସେ ଦାବି କରିଛନ୍ତି ଯେ ସେଠାରେ ଏକ ସ୍ୱାଧୀନ କୋର୍ଟ ତାଙ୍କୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ସାବ୍ୟସ୍ତ କରିବ । ହସିନା ଆଇସିଟିର ନିଷ୍ପତ୍ତିକୁ ରାଜନୈତିକ ପ୍ରତିଶୋଧ, ନ୍ୟାୟିକ ପ୍ରକ୍ରିୟା ନୁହେଁ ବୋଲି ବର୍ଣ୍ଣନା କରିଥିଲେ । ସେ ଅଭିଯୋଗ କରିଥିଲେ ଯେ ତାଙ୍କୁ ନିଜକୁ ରକ୍ଷା କରିବାର ସୁଯୋଗ ଦିଆଯାଇନଥିଲା କିମ୍ବା ତାଙ୍କ ପସନ୍ଦର ଓକିଲଙ୍କୁ ନିଯୁକ୍ତ କରିବାକୁ ଅନୁମତି ଦିଆଯାଇନଥିଲା । ସେ ଏହାକୁ ଆୱାମୀ ଲିଗ୍ ବିରୁଦ୍ଧରେ ବିଚ ହଣ୍ଟ୍ ବୋଲି କହିଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନଭେମ୍ବରରେ, ଆଇସିଟି-୧ ଶେଖ୍ ହାସିନାଙ୍କୁ ଜୁଲାଇ-ଅଗଷ୍ଟ ୨୦୨୪ ଗଣ ଆନ୍ଦୋଳନ ସମୟରେ ମାନବତା ବିରୋଧୀ ଅପରାଧ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲା । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ପୂର୍ବତନ ପୋଲିସ ମୁଖ୍ୟ ଏବଂ ଗୃହମନ୍ତ୍ରୀଙ୍କୁ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ କରାଯାଇଛି । ଶେଖ୍ ହାସିନା ମଧ୍ୟବର୍ତ୍ତୀକାଳୀନ ୟୁନୁସ୍ ସରକାରଙ୍କୁ ଅଗଣତାନ୍ତ୍ରିକ ବୋଲି କହିଥିଲେ । ସେ କହିଥିଲେ, ଆୱାମୀ ଲିଗ୍ ବିନା ନିର୍ବାଚନ ନିର୍ବାଚନ ନୁହେଁ, ବରଂ ରାଜ୍ୟାଭିଷେକ । ସେ ଚେତାବନୀ ଦେଇଥିଲେ ଯେ ଏପରି ପରିସ୍ଥିତିରେ ଭୋଟରଙ୍କ ମତଦାନ ହ୍ରାସ ପାଇବ ଏବଂ ଏହା ଫଳରେ ଗଠିତ ସରକାରଙ୍କ ପାଖରେ ନୈତିକ କ୍ଷମତା କିମ୍ବା ଜନସାଧାରଣଙ୍କ ସମର୍ଥନ ରହିବ ନାହିଁ । ଭାରତ-ବାଂଲାଦେଶ ସମ୍ପର୍କ ଉପରେ କଥା



ହୋଇ ହସିନା କହିଛନ୍ତି ଯେ ବର୍ତ୍ତମାନର ସରକାର ଭାରତ ବିରୁଦ୍ଧରେ ଶତ୍ରୁତାପୂର୍ଣ୍ଣ ବୟାନବାଜି କରୁଛି ଏବଂ ଧାର୍ମିକ ସଂଖ୍ୟାଲଘୁମାନଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ସେ ମୌଳବାଦୀ ଇସଲାମିକ ତତ୍ତ୍ୱମାନଙ୍କୁ କ୍ଷମତାରେ ସୁରକ୍ଷିତ ରଖାଯାଇଥିବା ଅଭିଯୋଗ କରିଥିଲେ ଏବଂ କହିଥିଲେ ଯେ ଏହି ତତ୍ତ୍ୱଗୁଡ଼ିକ ଭାରତ ବିରୋଧୀ ପରିବେଶ ସୃଷ୍ଟି କରୁଛନ୍ତି । ଭାରତକୁ ବାଂଲାଦେଶର ସବୁଠାରୁ ବିଶ୍ୱସ୍ତ ସହଯୋଗୀ ଭାବରେ ବର୍ଣ୍ଣନା କରି ହସିନା କହିଛନ୍ତି ଯେ ଗଣତନ୍ତ୍ର ପୁନରୁଦ୍ଧାର ପରେ ଦ୍ୱିପାକ୍ଷିକ ସମ୍ପର୍କ ପୁଣି ସ୍ଥିର ଏବଂ ମଜବୁତ ହେବ ।

# ଭାରତୀୟଙ୍କ ଉପରେ ଭାରି ପଡଛି ଟ୍ରମ୍ପଙ୍କ ଭିସା ନୀତି

**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ଚଳିତ ମାସର ଆରମ୍ଭରେ ନିଜର କାର୍ଯ୍ୟ ପରମିଟ୍ ରେନ୍ୟୁ କରିବା ପାଇଁ ଶହ ଶହ H-1B ଭିସାଧାରୀ ଭାରତ ଫେରିଥିଲେ, କିନ୍ତୁ ଆମେରିକାର ବୈଦେଶିକ ବିଭାଗର ନୂଆ ସୋସିଆଲ ମିଡିଆ ଯାଞ୍ଚ ନୀତି ଯୋଗୁଁ ସେମାନଙ୍କର ନିଯୁକ୍ତିକୁ ହଠାତ ଆଗାମୀ ବର୍ଷକୁ ସ୍ଥଗିତ ରଖାଯାଇଛି, ଯାହା ଫଳରେ ସେମାନେ ଏବେ ଫସି ରହିଛନ୍ତି । ଡିସେମ୍ବର ମଧ୍ୟଭାଗରୁ ଶେଷ ଭାଗ ପର୍ଯ୍ୟନ୍ତ ହେବାକୁ ଥିବା ଭିସା ସାକ୍ଷାତକାରକୁ ଆସନ୍ତା ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ବୋଲି ଜଣାପଡ଼ିଛି । ଅନେକ ପ୍ରମୁଖ ଆଇନ ସଂସ୍ଥା କହିଛନ୍ତି ଯେ ସେମାନଙ୍କର ଶହ ଶହ ଗ୍ରାହକ ଭାରତରେ ଫସି ରହିଛନ୍ତି । ଭାରତରେ ଜଣେ ଇମିଗ୍ରେସନ ଓକିଲ ବୀଣା ବିଜୟ ଅନନ୍ତ ୱାଶିଂଟନ ପୋଷ୍ଟକୁ କହିଛନ୍ତି, ଏହା ବର୍ତ୍ତମାନ ପର୍ଯ୍ୟନ୍ତର ସବୁଠାରୁ ବଡ଼ ଦ୍ୱନ୍ଦ୍ୱ । ଏହାର କୌଣସି ସମାଧାନ ଅଛି ବୋଲି ମୁଁ ଭାବୁନାହିଁ । ରିପୋର୍ଟ ଅନୁଯାୟୀ, ଡେଟ୍ରଏଟର ଉପକଣ୍ଠରେ ରହୁଥିବା ଜଣେ ବ୍ୟକ୍ତି ଏହି ମାସରେ ଏକ ବିବାହରେ ଯୋଗଦେବା ପାଇଁ ଭାରତ ଫେରିଥିଲେ । ସେ ଡିସେମ୍ବର ୧୭ ଏବଂ ୨୩ ତାରିଖରେ ତାଙ୍କର ଦୂତାବାସରେ ନିଯୁକ୍ତି ସ୍ଥିର କରିଥିଲେ, କିନ୍ତୁ ସେହି ସମୟସୀମା ଏବେ ଶେଷ ହୋଇଯାଇଛି । ଏହି ବୃତ୍ତିଗତମାନେ ଯେଉଁ କମ୍ପାନୀଗୁଡ଼ିକରେ କାମ କରନ୍ତି, ସେମାନେ ତାଙ୍କ ଫେରିବା ପାଇଁ କେତେ ସମୟ ଅପେକ୍ଷା କରିବେ ସେ ବିଷୟରେ ବିଶେଷଜ୍ଞମାନେ ଚିନ୍ତିତ । ଆମେରିକାର ବୈଦେଶିକ ବିଭାଗ ଏକ ଇମେଲ ମାଧ୍ୟମରେ ଭାରତୀୟ ବୃତ୍ତିଗତମାନଙ୍କୁ ଜଣାଇଛି ଯେ,କୌଣସି ଆବେଦନକାରୀ ଆମେରିକାର ଜାତୀୟ ସୁରକ୍ଷା କିମ୍ବା ସାର୍ବଜନୀନ ସୁରକ୍ଷା ପ୍ରତି ଯେପରି ବିପଦ ସୃଷ୍ଟି ନକରନ୍ତି ତାହା ନିଶ୍ଚିତ କରିବା ପାଇଁ ଏକ ନୂଆ ସୋସିଆଲ ମିଡିଆ ସ୍କ୍ରିନିଂ ନୀତି ଯୋଗୁଁ ସେମାନଙ୍କର ସାକ୍ଷାତକାରକୁ ସ୍ଥଗିତ ରଖାଯାଇଛି ।ଡିସେମ୍ବର ୯ ତାରିଖରେ ଭାରତରେ ଥିବା ଆମେରିକୀୟ ଦୂତାବାସ ଏକ ଚେତାବନୀ ଜାରି କରିଥିଲା, ଯେଉଁଥିରେ କୁହାଯାଇଥିଲା ଯେ ଯଦି ଜଣେ ଭିସା ଆବେଦନକାରୀ ସାକ୍ଷାତକାର ତାରିଖ ପରିବର୍ତ୍ତନର ନୋଟିସ ପାଆନ୍ତି ଏବଂ ପୂର୍ବ ନିର୍ଦ୍ଧାରିତ ତାରିଖରେ ଦୂତାବାସରେ ପହଞ୍ଚନ୍ତି, ତେବେ ତାଙ୍କୁ ପ୍ରବେଶ ମନା କରାଯିବ । ଯଦି ଆପଣଙ୍କୁ ଇମେଲ୍ ଦ୍ୱାରା ସୂଚିତ କରାଯାଇଛି ଯେ ଆପଣଙ୍କର ଭିସା ସାକ୍ଷାତକାର ତାରିଖ ପରିବର୍ତ୍ତନ ହୋଇଛି, ତେବେ ଭାରତରେ ଥିବା ଆମେରିକୀୟ ଦୂତାବାସ ଆପଣଙ୍କୁ ନୂଆ ତାରିଖ ବିଷୟରେ ଜଣାଇଦେବ । ପୂର୍ବ ନିର୍ଦ୍ଧାରିତ ତାରିଖରେ ପହଞ୍ଚିବା ଦ୍ୱାରା ଆପଣଙ୍କୁ ଦୂତାବାସ କିମ୍ବା କନସୁଲେଟ୍ ପ୍ରବେଶ ଅନୁମତି ଦିଆଯିବ ନାହିଁ ।

# ବାଂଲାଦେଶ ଉପରେ ନଜର, ମିଜୋରାମରେ ହେବ ଭାରତୀୟ ସେନାର ନୂଆ ଘାଟି

**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ପଡ଼ୋଶୀ ବାଂଲାଦେଶ ଏବେ ଜଳୁଛି । ବିଶେଷକରି ବାଂଲାଦେଶର ଛାତ୍ରନେତା ଓ ପ୍ରଖର ଭାରତ ବିରୋଧୀ ଉସମାନ ହାଦି ମୃତ୍ୟୁବରଣ କରିବା ପରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି । ଏହି ଘଟଣାପରେ ସେଠାରେ ଭାରତ ବିରୋଧୀ ମନୋଭାବ ବଢିବାରେ ଲାଗିଛି । କାରଣ ସେଠାକାର ଲୋକମାନେ ଭାବୁଛନ୍ତି ଏହି ହତ୍ୟା ପଛରେ ଭାରତ ରହିଛି । ସେଠାରେ ଥିବା ଏହି ଭାରତ ବିରୋଧୀ ମନୋଭାବର ପରିଣତି ଭୋଗୁଛନ୍ତି ସେଠାକାର ନିରୀହ ହିନ୍ଦୁ ଜନତା । ସରକାର ସେମାନଙ୍କୁ ବଞ୍ଚାଇବେ କଣ ଭାରତ ବିରୋଧୀଙ୍କ ସ୍ୱରରେ ସ୍ୱର ମିଳାଉଛନ୍ତି । ଏପରିକି ଖୋଦ ଅସ୍ଥାୟୀ ସରକାରର ମୁଖିଆ ମହମ୍ମଦ ୟୁନୁସ ଭାରତର ଉତ୍ତରପୂର୍ବାଞ୍ଚଳକୁ କାଟିଦେବାକୁ ଖୋଲାଖୋଲି ଧମକ ଦେଉଛି । କିଛି ମାସ ପୂର୍ବେ ନିଜର ଚୀନ ଗସ୍ତ କାଳରେ ୟୁନୁସ ଭାରତର ଉତ୍ତରପୂର୍ବାଞ୍ଚଳକୁ କାଟିଦେବାକୁ ସଂକେତ ଦେଇଥିଲା । ଗତ ମାସରେ ପାକିସ୍ତାନର ଜଣେ ସେନାଧିକାରୀ ଢାକା ଗସ୍ତରେ ଆସିଥିବାବେଳେ ତାଙ୍କୁ ଏକ ବିବାଦୀୟ ମାନଚିତ୍ର ଦିଆଯାଇଥିଲା ଯେଉଁଥିରେ ଭାରତର ଅଂଚଳ ରହିଥିଲା । ନିକଟରେ ବାଂଲାଦେଶର ଆଉ କେତେକ ନେତା ବାରମ୍ବାର ଭାରତର ସିଲିଗୁଡ଼ି କରିଡରକୁ କାଟିଦେବାକୁ ଓ ଉତ୍ତର-ପୂର୍ବକୁ ଅଲଗା କରିଦେବାକୁ ଧମକ ଦେଇଚାଲିଛନ୍ତି । ଆଉ ଜଣେ ନେତା ଧମକ ଦେଇଛନ୍ତି ଯେ ଭାରତର ବିଚ୍ଛିନ୍ନତାବାଦୀଙ୍କୁ ବାଂଲାଦେଶରେ ଶରଣ ଦିଆଯିବ । କେବଳ ଧମକ ନୁହେଁ, ଭାରତ ବିରୋଧୀ ଉଲଫା ସଂଗଠନର ନେତା ପରେଶ ବରୁଆଙ୍କୁ ଢାକାରେ ଅବସ୍ଥାପିତ କରିବାକୁ ଚକ୍ରାନ୍ତ ଚାଲିଛି । ଏସବୁ ଭାରତ ବିରୋଧୀ ଚକ୍ରାନ୍ତ ଲାଗି ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ସବୁପ୍ରକାରର ସହଯୋଗ କରିଚାଲିଛି । ଏଠାରେ ପ୍ରଶ୍ନ ଉଠେ ବାଂଲାଦେଶ ପରି ଏକ ଦୁର୍ବଳ ଦେଶର ବାରମ୍ବାର ଧମକ ସତ୍ତ୍ୱେ ଭାରତ ଚୁପ କାହିଁକି ରହିଛି ? ଏହାର ଉତ୍ତର ହେଉଛି ଭାରତ ବାଂଲାଦେଶର ନିର୍ବାଚନକୁ ଅପେକ୍ଷା କରିଛି । ନିର୍ବାଚନ ପୂର୍ବରୁ ନିଜ ଦେଶରେ ଭାରତ ବିରୋଧୀ ନିଆଁକୁ ତେଜି ମହମ୍ମଦ ୟୁନୁସ ନିଜ ପାଇଁ ସୁବିଧାଜନକ ସ୍ଥିତି ତିଆରି କରିବା ଲକ୍ଷ୍ୟରେ ଅଛନ୍ତି । ଏଣୁ ଭାରତ ୟୁନୁସଙ୍କ ଏହି ଯୋଜନାକୁ ପଣ୍ଡ କରିବାକୁ ଚୁପ ରହିଛି । ଗୋଟିଏ ପଟେ ଭାରତ ଚୁପ ରହିଛି ସତ, କିନ୍ତୁ ଚୁପଚାପ ରହି ନିଜର କାମ କରିଚାଲିଛି । ନୀରବରେ ଭାରତୀୟ ସେନା ବାଂଲାଦେଶକୁ ଘେରିବାକୁ ପ୍ରସ୍ତୁତ ହେଉଛି । ଏକ ବ୍ୟାପକ ରଣନୀତି ପ୍ରସ୍ତୁତ କରି ବାଂଲାଦେଶର ତଣ୍ଟି ମୋଡ଼ିବାକୁ ଭାରତୀୟ ସେନା ପ୍ରସ୍ତୁତ ହେଉଛି । ଏଥିପାଇଁ ପଶ୍ଚିମବଙ୍ଗର ଉତ୍ତର ଦିନାଜପୁରସ୍ଥିତ ଚୋପ୍ରା, ବିହାରର କିଶନଗଞ୍ଜ ଓ ଆସାମର ବାମୁନିଠାରେ ଭାରତୀୟ ସେନା ନିଜର ସାମରିକ ଘାଟି ପ୍ରତିଷ୍ଠା କରିଛି । ଏବେ ବାଂଲାଦେଶକୁ ସଂପୂର୍ଣ୍ଣ ଅଣନିଶ୍ୱାସୀ କରିବାକୁ ମିଜୋରାମରେ ଏକ ୪ର୍ଥ ସେନାଘାଟି ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି । ନିକଟରେ ଭାରତୀୟ ସେନାର ପୂର୍ବାଞ୍ଚଳ କମାଣ୍ଡ ଜିଓସି ଲେଫ୍ଟନାଣ୍ଟ ଜେନେରାଲ ଆରସି ତିୱାରି ମିଜୋରାମ ଗସ୍ତ କରି ଜମି ଚିହ୍ନଟ କରିଛି । ଏହି ୪ଟି ସାମରିକ ଘାଟିକୁ ଏପରି ସ୍ଥାନରେ ତିଆରି କରାଯାଉଛି ଯେପରି ନିର୍ଦ୍ଦେଶ ମିଳିବାମାତ୍ରେ ବାଂଲାଦେଶକୁ ଉପଯୁକ୍ତ ଶାସ୍ତି ଦେଇପାରିବେ ।

# ଇଣ୍ଡୋନେସିଆରେ ଭୟଙ୍କର ଦୁର୍ଘଟଣା ; ବସ୍ ଓଲଟି ୧୬ ମୃତ

**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ବସ୍ ଦୁର୍ଘଟଣାରେ ଚାଲିଗଲା ୧୬ଜଣଙ୍କ ଜୀବନ । ଇଣ୍ଡୋନେସିଆରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ରିପୋର୍ଟ ଅନୁଯାୟୀ ରବିବାର ବିଳମ୍ବିତ ରାତିରେ ଇଣ୍ଡୋନେସିଆର ମୁଖ୍ୟ ଦ୍ୱୀପ ଜାଭାରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାରେ ଅତି କମରେ ୧୬ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୯ଜଣ ଗୁରୁତର ଆହତ ହୋଇଛନ୍ତି । କ୍ରାପ୍ୟାକ୍ ଟୋଲ୍ ପ୍ରସ୍ଥାନ ନିକଟବର୍ତ୍ତୀ ଏକ ଛକରେ ଏହି ଦୁର୍ଘଟଣା ଘଟିଥିଲା, ଯେଉଁଠାରେ ଯାତ୍ରୀବାହୀ ବସ୍ଟି ୩୪ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବାବେଳେ ଭାରସାମ୍ୟ ହରାଇ କଂକ୍ରିଟ୍ ବାରିୟରରେ ଧକ୍କା ହେବା ପରେ ଓଲଟି ପଡ଼ିଥିଲା । ଆନ୍ତଃ-ପ୍ରାଦେଶିକ ବସ୍ ଟି ରାଜଧାନୀ ଜାକର୍ତ୍ତାରୁ ଦେଶର ପୁରୁଣା ରାଜକୀୟ ସହର, ଯୋଗ୍ୟାକାର୍ତ୍ତାକୁ ଯାତ୍ରା କରୁଥିଲା । ସେମାରାଙ୍ଗ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟାଳୟର ମୁଖ୍ୟ ବୁଡିଓନୋ କହିଛନ୍ତି ଯେ ବସ୍ର ଝରକା ଭାଙ୍ଗି ଯାଇଥିଲା, ଯାହା ପ୍ରବେଶକୁ ଅବରୋଧ କରିଥିଲା । ଅନେକ ଲୋକ ଭିତରେ ଫସି ରହିଥିଲେ ଏବଂ ଉଦ୍ଧାରକାରୀମାନଙ୍କୁ ସେମାନଙ୍କୁ ମୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଉପକରଣ ବ୍ୟବହାର କରିବାକୁ ପଡିଥିଲା । ବୁଡିଓନୋଙ୍କ ଅନୁଯାୟୀ ଆହତମାନଙ୍କ ପାଖକୁ ପହଞ୍ଚିବା ପାଇଁ ଉଦ୍ଧାରକାରୀ ଦଳକୁ ଓଲଟି ପଡ଼ିଥିବା ବସରେ ସତର୍କତାର ସହ ପ୍ରବେଶ କରିବାକୁ ପଡିଥିଲା । ଭାଙ୍ଗିଯାଇଥିବା କାଚ ପାଇଁ ପ୍ରତ୍ୟେକ ପଦକ୍ଷେପ ବିପଦପୂର୍ଣ୍ଣ ଥିଲା କିନ୍ତୁ କିଛି ଘଣ୍ଟାର ପ୍ରୟାସ ପରେ ସମସ୍ତ ପୀଡିତଙ୍କୁ ଉଦ୍ଧାର କରାଯାଇଥିଲା । ସମସ୍ତ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ସେମାନଙ୍କର ଚିକିତ୍ସା କରାଯାଉଛି । ଘଟଣାସ୍ଥଳରୁ ଛଅ ଜଣ ଯାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଡାକ୍ତରଖାନାକୁ ଯିବା ବାଟରେ କିମ୍ବା ଚିକିତ୍ସା ସମୟରେ ଆଉ ଦଶ ଜଣଙ୍କର ମୃତ୍ୟୁ ହୋଇଥିଲା । ବୁଡିଓନୋଙ୍କ ଅନୁଯାୟୀ, ୧୮ ଜଣ ଆହତଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ୧୩ ଜଣ ନିକଟବର୍ତ୍ତୀ ଦୁଇଟି ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଅଛନ୍ତି । ମୃତକ ଏବଂ ଆହତମାନଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଜାରି ରହିଛି ଏବଂ ପୋଲିସ ଏବଂ ସମ୍ପୃକ୍ତ ଏଜେନ୍ସିଗୁଡ଼ିକ ଦୁର୍ଘଟଣାର କାରଣ ତଦନ୍ତ କରୁଛନ୍ତି ।

# ବିଜେପିକୁ ପୂରା ଦେଶରୁ ସଫା କରି ଦମ ନେବି

**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ବିଜେପି ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମସି ନେତ୍ରୀ ମମତା ବାନାର୍ଜୀଙ୍କ ବଡ଼ ଅଭିଯୋଗ । କହିଲେ, ଟଙ୍କାର ଦମରେ ବିଜେପି ପଶ୍ଚିମବଙ୍ଗରେ ମୁସଲମାନଙ୍କୁ ଭାଗ ଭାଗ କରି ରାଜନୀତି କରିବାକୁ ଚାହୁଁଛି । ମୁଁ ଏହାକୁ ରୋକି ପାରିବି, ଯେବେ ବିଜେପି ଦେଶରୁ ସଫା ହୋଇଯିବ । ମୁଁ ବିଜେପିକୁ ଦେଶରୁ ସଫା କରି ଦମ୍ ନେବି । ମୁଁ ପଶ୍ଚିମବଙ୍ଗ ଜିତିଲେ ତାଙ୍କ ପାଖରୁ ଦିଲ୍ଲୀ ଛଡ଼ାଇ ଆଣିବି । ଆସନ୍ତାବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଅଛି । ଏହା ପୂର୍ବରୁ ସେଠାରେ ଝଓଜକୁ ନେଇ ହଙ୍ଗାମା ହେଉଛି । ବିଜେପି ଓ ନିର୍ବାଚନ ଆୟୋଗଙ୍କୁ ମମତା ବାନାର୍ଜୀ ଲଗାତାର ଟାର୍ଗେଟ କରୁଛନ୍ତି । ବିଜେପି ଆମ ଭୋଟ ଦେବାର ଅଧିକାର ଛଡ଼ାଇ ନେବାକୁ ଚାହୁଁଛନ୍ତି ବୋଲି ମମତା ଅଭିଯୋଗ କରିଛନ୍ତି । ମମତା କହିଛନ୍ତି, ୫୮ ଲକ୍ଷ ନାଁ ହଟାଇବା ପରେ ଏବେ ୧.୫ କୋଟି ନାଁ କାଟିବାକୁ ବିଜେପି ଚାହୁଁଛି । ନିର୍ବାଚନ ଆୟୋଗ ପ୍ରତି ଦୁଇ ଦିନରେ ନିର୍ଦ୍ଦେଶ ବଦଳାଉଛନ୍ତି । ଏହା ୨୦୨୬ରେ ବିଜେପିକୁ ଜିତାଇବା ପାଇଁ ହେଉଛି । ଭୋଟର ସମସ୍ୟାରେ ପଡୁଛନ୍ତି । ଆପରେ ଗଡବଡି ରହିଛି । SIR ଓ ଆପ ପାଇଁ କୌଣସି SOP ନାହିଁ । ଏହା ଅସମ୍ବିଧାନିକ ଓ ଅଗଣତାନ୍ତ୍ରିକ । ୨୦୦୨ରେ ବଙ୍ଗଳାରେ କେତେ ଡେଲିଭରି ଇଷ୍ଟିଟ୍ୟୁଶନ ଥିଲା ? ୪୩ ବର୍ଷ ପୂର୍ବେ ଜନ୍ମ ପ୍ରମାଣପତ୍ର କେଉଁଠି ଥିଲା ?ନିର୍ବାଚନ ଆୟୋଗଙ୍କର ତୃଣମୂଳ ସ୍ତରରେ କୌଣସି କଣ୍ଟ୍ରୋଲ ନାହିଁ ।

# ଭାରତ ହେଉଛି ହିନ୍ଦୁ ରାଷ୍ଟ୍ର, ସାମ୍ବିଧାନିକ ପ୍ରମାଣର ଆବଶ୍ୟକତା ନାହିଁ

**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଏକ କାର୍ଯ୍ୟକ୍ରମରେ କହିଛନ୍ତି ଯେ ଭାରତ ଏକ ହିନ୍ଦୁ ରାଷ୍ଟ୍ର ଏବଂ ଏଥିପାଇଁ କୌଣସି ସାମ୍ବିଧାନିକ ପ୍ରମାଣର ଆବଶ୍ୟକତା ନାହିଁ, କାରଣ ଏହା ସତ୍ୟ । ମୋହନ ଭାଗବତ ଆରଏସଏସର ୧୦୦ ତମ ବାର୍ଷିକୀ ପାଳନ ଅବସରରେ ଏକ କାର୍ଯ୍ୟକ୍ରମରେ ଏହି ବକ୍ତବ୍ୟ ଦେଇଥିଲେ । ଆରଏସଏସ ମୁଖ୍ୟ କହିଥିଲେ ଯେ ଭାରତ ଏକ ହିନ୍ଦୁ ରାଷ୍ଟ୍ର ଏବଂ ଯେପର୍ଯ୍ୟନ୍ତ ଏହି ଦେଶରେ ଭାରତୀୟ ସଂସ୍କୃତିକୁ ସମ୍ମାନ ଦିଆଯିବ ସେପର୍ଯ୍ୟନ୍ତ ରହିବ । କୋଲକାତାରେ ମୋହନ ଭାଗବତ କହିଥିଲେ ଯେ ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଏ ଏବଂ ଆମେ ଜାଣିନାହୁଁ ଯେ ଏହା କେବେଠାରୁ ଘଟୁଛି । ତେବେ ଏହା ପ୍ରମାଣ କରିବା ପାଇଁ ଆମକୁ ଏକ ସମ୍ବିଧାନର ଆବଶ୍ୟକତା ଅଛି କି ? ସେହିପରି, ହିନ୍ଦୁସ୍ତାନ ମଧ୍ୟ ଏକ ହିନ୍ଦୁ ରାଷ୍ଟ୍ର ।ମୋହନ ଭାଗବତ ଆହୁରି କହିଛନ୍ତି ଯେ ଆରଏସଏସର ବିଚାରଧାରା ହେଉଛି ଯେ ଯିଏ ଭାରତକୁ ନିଜର ମାତୃଭୂମି ବୋଲି ମାନିଥାଏ ସେ ଭାରତୀୟ ସଂସ୍କୃତିକୁ ସମ୍ମାନ କରେ । ଯେପର୍ଯ୍ୟନ୍ତ ହିନ୍ଦୁସ୍ତାନର ମାଟିରେ ଜଣେ ବି ବ୍ୟକ୍ତି ଜୀବିତ ଅଛନ୍ତି ଯିଏ ଭାରତୀୟ ପୂର୍ବପୁରୁଷଙ୍କ ମହିମାରେ ବିଶ୍ୱାସ କରନ୍ତି ଏବଂ ସମ୍ମାନ କରନ୍ତି, ସେପର୍ଯ୍ୟନ୍ତ ଭାରତ ଏକ ହିନ୍ଦୁ ରାଷ୍ଟ୍ର ହୋଇ ରହିବ । ତାଙ୍କ ଭାଷଣ ସମୟରେ, ମୋହନ ଭାଗବତ ଆହୁରି କହିଥିଲେ ଯେ ଯଦି ସଂସଦ ସମ୍ବିଧାନରେ ସଂଶୋଧନ କରି ଏହି ଶବ୍ଦ ଯୋଡେ, ତାହା ଅପ୍ରାସଙ୍ଗିକ, କାରଣ ଏହି ଶବ୍ଦ ଆମକୁ ପ୍ରଭାବିତ କରେ ନାହିଁ । ଆମେ ହିନ୍ଦୁ ଏବଂ ଆମର ଦେଶ ଏକ ହିନ୍ଦୁ ରାଷ୍ଟ୍ର, ଏହା ସତ୍ୟ । ଜନ୍ମ ଉପରେ ଆଧାରିତ ଜାତି ବ୍ୟବସ୍ଥା ହିନ୍ଦୁତ୍ୱର ଲକ୍ଷଣ ନୁହେଁ । ଆରଏସଏସ ମୁଖ୍ୟ ଆହୁରି କହିଛନ୍ତି ଯେ 'ଧର୍ମନିରପେକ୍ଷ' ଶବ୍ଦଟି ମୂଳତଃ ସମ୍ବିଧାନର ପ୍ରସ୍ତାବନାର ଅଂଶ ନଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଜରୁରୀକାଳୀନ ପରିସ୍ଥିତି ସମୟରେ ସମ୍ବିଧାନ (୪୨ତମ ସଂଶୋଧନ) ଆଇନ, ୧୯୭୬ ଦ୍ୱାରା 'ସମାଜବାଦୀ' ଶବ୍ଦ ସହିତ ଯୋଡା ଯାଇଥିଲା ।



# ଟାଟା ଏଆଇଏ ପକ୍ଷରୁ 'ମଲ୍ଟିକ୍ୟାପ୍ ଅପର୍ଚ୍ୟୁନିଟି ଫଣ୍ଡ୍' ଶୁଭାରମ୍ଭ

## ଲାଇଫ୍ କଭର ସହିତ ବଜାର-ସଂଯୁକ୍ତ ଅଭିବୃଦ୍ଧି ଲାଭ ପ୍ରଦାନ କରିବ

ଭୁବନେଶ୍ୱର, ୨୨।୧୨ (ନି.ପ୍ର): ଆଜିର ବିଶ୍ୱ ଅନିଶ୍ଚିତତା ତଥା କ୍ଷେତ୍ରଗତ ଉତ୍ଥାନର ଯୁଗରେ, ନିବେଶକମାନଙ୍କ ପାଇଁ ସୁରକ୍ଷା ଓ ରିଟର୍ଣ୍ଣକୁ ସନ୍ତୁଳିତ କରୁଥିବା ରଣନୀତି ଗ୍ରହଣ କରିବା ଜରୁରୀ ହୋଇପଡିଛି। ଏହି ଜଟିଳ ଆର୍ଥିକ ଦୃଶ୍ୟପଟକୁ ସୁଗମ କରିବା ପାଇଁ ଏକ ବିବିଧ ଆଭିମୁଖ୍ୟ ଅପଣେଇବାର ଅବଶ୍ୟକତା ରହିଛି। ଏଥିପାଇଁ ବହୁବିଧ କ୍ଷେତ୍ର, ସମ୍ପତ୍ତି ଶ୍ରେଣୀ ଏବଂ କମ୍ପାନୀ ଆକାରରେ ନିବେଶ ବିସ୍ତାର କରି, ନିବେଶକ ମାନେ ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟି ସୁନିଶ୍ଚିତ କରି ଯେକୌଣସି ଏକକ ବଜାର ସେଗମେଣ୍ଟ ଉପରେ ସେମାନଙ୍କର ନିର୍ଭରତା ହ୍ରାସ କରିପାରିବେ।

ଭାରତର ଅଭିବୃଦ୍ଧି କାହାଣୀ କ୍ରମଶଃ ବ୍ୟାପକ ହେଉଛି, ପାରମ୍ପରିକ ଶିଳ୍ପ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ କମ୍ପାନୀ ଆକାରର ଏକ ବିସ୍ତୃତ ପରିସର ମଧ୍ୟରେ - (ବିଗ୍ କ୍ୟାପ୍ ଠାରୁ ପ୍ରତିଶ୍ରୁତିବଦ୍ଧ ମିଡ୍-କ୍ୟାପ ତଥା ସ୍ମଲ-କ୍ୟାପ୍ ଫାର୍ମ ପର୍ଯ୍ୟନ୍ତ) ବ୍ୟାପ୍ତ ରହିଛି । ଏକ ମଲ୍ଟିକ୍ୟାପ୍ ରଣନୀତି ନିବେଶକମାନଙ୍କୁ ବିପଦ ହ୍ରାସ କରିବା ସହିତ ଏହି ବିବିଧ ଅଭିବୃଦ୍ଧିକୁ ପୁଞ୍ଜି କରିବାକୁ ସକ୍ଷମ କରିଥାଏ। ବିଭିନ୍ନ ବଜାର ସେଗମେଣ୍ଟରେ ଚୟନ କରି, ନିବେଶକମାନେ ବହୁବିଧ ମୋର୍ଚ୍ଚାରେ ଦୀର୍ଘକାଳୀନ ଅଭିବୃଦ୍ଧିରୁ ଲାଭ ପାଇପାରିବେ, ବଜାର ଅସ୍ଥିରତା ପ୍ରଭାବକୁ ମଧ୍ୟ ହ୍ରାସ କରିପାରିବେ।

ଗ୍ରାହକମାନଙ୍କୁ ଏହି ସୁଯୋଗଗୁଡ଼ିକୁ ଉପଯୋଗ କରିବାରେ ସାହାଯ୍ୟ କରିବା ପାଇଁ, ଟାଟା ଏଆଇଏ ଲାଇଫ୍ ଇନସ୍ୟୁରାନ୍ସ କୋ. ଲିମିଟେଡ୍ 'ଟାଟା ଏଆଇଏ ମଲ୍ଟିକ୍ୟାପ୍ ଅପର୍ଚ୍ୟୁନିଟିସ୍ ଫଣ୍ଡ୍' ଓ 'ଟାଟା ଏଆଇଏ ମଲ୍ଟିକ୍ୟାପ୍ ଅପର୍ଚ୍ୟୁନିଟିସ୍ ପେନସନ୍ ଫଣ୍ଡ୍' ସୁଯୋଗ ପେନସନ୍ ପାଣ୍ଠି ପ୍ରଚଳନ କରିଛି। ଏହି ପାଣ୍ଠିଗୁଡ଼ିକ ନିଫ୍ଟି ୫୦୦ ସୂଚକାଙ୍କ ସହିତ ଜଡିତ ଏକ ବିବିଧ ଇକ୍ୱିଟି ରଣନୀତି ପ୍ରଦାନ କରେ, ଯାହା ବିଗ, ମିଡ୍ ଏବଂ ସ୍ମଲ କ୍ୟାପ୍ ବର୍ଗରେ ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ବ୍ୟାପକ ପ୍ରସାହିତ କରିବ।

ଉଭୟ ଫଣ୍ଡ(ପାଣ୍ଠି) ୨୪ ଡିସେମ୍ବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ନୂତନ ଫଣ୍ଡ(ପାଣ୍ଠି) ଅଫର (ଏନଏଫଓ) ଅବଧି ମଧ୍ୟରେ ପ୍ରତି ୟୁନିଟ୍ ୧୦ ଟଙ୍କା ର ପ୍ରାରମ୍ଭିକ ମୂଲ୍ୟରେ ସବସ୍କ୍ରିପସନ ପାଇଁ ଉପଲବ୍ଧ ହେବ। ନିବେଶକମାନେ ଟାଟା ଏଆଇଏର ୟୁନିଟ୍ ଲିଙ୍କଡ ଇନସ୍ୟୁରାନସ୍ ପ୍ଲାନ (ୟୁଏଲଆଇପିସ୍) ମାଧ୍ୟମରେ ଏହି ପାଣ୍ଠିଗୁଡ଼ିକୁ ଚୟନ କରିପାରିବେ, ଯାହା ଲାଇଫ୍ (ଜୀବନ ବୀମା) କଭର ସହିତ ବଜାର-ସଂଯୁକ୍ତ ଅଭିବୃଦ୍ଧି ପ୍ରଦାନ କରିବ। ଫଣ୍ଡ(ପାଣ୍ଠି) ବୈଶିଷ୍ଟ୍ୟ ଗୁଡ଼ିକ ହେଲା; ଇକ୍ୱିଟି ଏକ୍ସପୋଜର: ୬୦ ପ୍ରତିଶତ ରୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ, ଋଣ ଏବଂ ମୁଦ୍ରା ବଜାର ଉପକରଣ: ୪୦ ପ୍ରତିଶତ ପର୍ଯ୍ୟନ୍ତ (ବଜାର ପରିସ୍ଥିତିରେ ବିପଦ ପରିଚାଳନା ପାଇଁ) ରହିବ। ଏହା ନିଫ୍ଟି ୫୦୦ ସୂଚକାଙ୍କର ଦୃଢତା ସହିତ ଜଡିତ ରହିଛି, ଯାହା ଭାରତର ମୁକ୍ତ-ଫ୍ଲୋଟ୍ ବଜାର ପୁଞ୍ଜିକରଣର ୯୦ ପ୍ରତିଶତ ରୁ ଅଧିକ ଅଧିକୃତ କରେ।

ସୁରକ୍ଷା ସହିତ ଦୀର୍ଘକାଳୀନ ନିବେଶକଙ୍କ ପାଇଁ ଏହାକୁ ଡିଜାଇନ୍ କରାଯାଇଛି : ଯେପରିକି ମଲ୍ଟିକ୍ୟାପ୍ ସୁଯୋଗ ପାଣ୍ଠି ନିବେଶ ପାଇଁ ଏକ ସନ୍ତୁଳିତ ପଦ୍ଧତି ପ୍ରଦାନ କରେ, ମିଡ୍ ଓ ସ୍ମଲ-କ୍ୟାପ୍ ଷ୍ଟକ୍ର ଅଭିବୃଦ୍ଧି ସମ୍ଭାବନା ସହିତ ଲାର୍ଜ-କ୍ୟାପ୍ ସ୍ଥିରତାକୁ ମିଶ୍ରଣ କରିଥାଏ। ବିକଶିତ ପୋର୍ଟଫୋଲିଓ ଗଠନ ନିଶ୍ଚିତ କରେ ଯେ ନିବେଶକମାନେ ଭାରତର ବିବିଧ ଅଭିବୃଦ୍ଧି ସୁଯୋଗକୁ ପୁଁ କରିବା ସହିତ ବିପଦ ପରିଚାଳନା କରିପାରିବେ।

ୟୁଏଲଆଇପି ମାଧ୍ୟମରେ ଏହି ପାଣ୍ଠି ପ୍ରଦାନ କରି, ଟାଟା ଏଆଇଏ ଗ୍ରାହକମାନଙ୍କୁ ଏକ ସମନ୍ୱିତ, ଦୀର୍ଘକାଳୀନ ସମାଧାନରେ ସମ୍ପତ୍ତି ସୃଷ୍ଟି ତଥା ପରିବାର ସୁରକ୍ଷା ଉଭୟ ପାଇଁ ଯୋଜନା କରିବାକୁ ସକ୍ଷମ କରିବାକୁ ପ୍ରସ୍ତୁତ କରୁଛି। ଏହା ସହିତ, ପ୍ରଚଳିତ ଟିକସ ଆଇନ ଅନୁଯାୟୀ କର ଲାଭ ଉଠାଯାଇପାରିବ।

ଶୁଭାରମ୍ଭ ସମ୍ପର୍କରେ ବିଷୟରେ ମତାମତ ଦେଇ, ଟାଟା ଏଆଇଏ ଲାଇଫ୍ ଇନସ୍ୟୁରାନ୍ସର ମୁଖ୍ୟ ନିବେଶ ଅଧିକାରୀ ହର୍ଷଦ ପାଟିଲ କହିଛନ୍ତି: 'ଭାରତର ଅଭିବୃଦ୍ଧି ସୁଯୋଗ କ୍ରମଶଃ ବ୍ୟାପକ ହେଉଛି - ବିଭିନ୍ନ କ୍ଷେତ୍ର ଏବଂ କମ୍ପାନୀ ଆକାରରେ। ଏକ ମଲ୍ଟିକ୍ୟାପ୍ ରଣନୀତି ନିବେଶକ ମାନଙ୍କୁ ଯେ କୌଣସି ଏକକ ବଜାର ସେଗମେଣ୍ଟ ଉପରେ ଅତ୍ୟଧିକ ନିର୍ଭରଶୀଳତା ଏଡାଇବା ସହିତ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିବାରେ ସାହାଯ୍ୟ କରେ। ମଲ୍ଟିକ୍ୟାପ୍ ସୁଯୋଗ ପାଣ୍ଠି ସହିତ, ଆମେ ପଲିସିଧାରକମାନଙ୍କୁ ନିଫ୍ଟି ୫୦୦ ସହିତ ଜଡିତ ଏବଂ ଟାଟା ଏଆଇଏର ନିବେଶ ପରିଚାଳନା କ୍ଷମତା ଦ୍ୱାରା ସମର୍ଥିତ ବିବିଧ ଇକ୍ୱିଟି ଏକ୍ସପୋଜର ମାଧ୍ୟମରେ ଦୀର୍ଘକାଳୀନ ସମ୍ପତ୍ତି ନିର୍ମାଣ କରିବାର ଏକ ଶୃଙ୍ଖଳିତ ଉପାୟ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଆମର ୟୁଏଲଆଇପି ମାଧ୍ୟମରେ ଏହାକୁ ଉପଲବ୍ଧ କରାଇ, ଆମେ ଗ୍ରାହକମାନଙ୍କୁ ଏକ ଦୀର୍ଘକାଳୀନ ଯୋଜନାର ଅଂଶ ଭାବରେ ଜୀବନ କଭର ସହିତ ବଜାର ଅଂଶଗ୍ରହଣକୁ ମିଶ୍ରଣ କରିବାକୁ ମଧ୍ୟ ସକ୍ଷମ କରଛୁ।'

ଗ୍ରାହକମାନେ 'ମଲ୍ଟିକ୍ୟାପ୍ ଅପର୍ଚ୍ୟୁନିଟି ଫଣ୍ଡ୍'କୁ କାହିଁକି ବିଚାରକୁ ନେବେ; ଗୋଟିଏ ପାଣ୍ଠିରେ ବିବିଧତା ନିବେଶ ସୁଯୋଗ, ସନ୍ତୁଳିତ ଅଭିବୃଦ୍ଧି ଏବଂ ସ୍ଥିରତା ପ୍ରଦାନ, ଆବଣ୍ଟନ ବିକଳ୍ପ ମାଧ୍ୟମରେ ବିପଦ ପରିଚାଳନା, ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟି, ଟାଟା ଇଓଇର ଟଖଓଚ ମାଧ୍ୟମରେ ଉପଲବ୍ଧ ବଜାର-ସଂଯୁକ୍ତ ରିଟର୍ଣ୍ଣ ସହିତ ଲାଇଫ୍ କଭର, ନିଫ୍ଟି ୫୦୦ ସୂଚକାଙ୍କ ବିଶ୍ୱସନୀୟ ଦୃଢ଼ ବେଞ୍ଚମାର୍କ ସହିତ ନିବେଶ। ସେହିପରି ଟାଟା ଏଆଇଏ 'ମଲ୍ଟିକ୍ୟାପ୍ ଅପର୍ଚ୍ୟୁନିଟି ଫଣ୍ଡ୍' କମ୍ପାନୀର ୟୁନିଟ୍ ଲିଙ୍କଡ ବୀମା ଯୋଜନାରେ ଉପଲବ୍ଧ ହେବ, ଯେଉଁଥିରେ ପରମ ରକ୍ଷା ଲାଇଫ୍ ସିରିଜ୍ (ସୁବିଧା, ଅଭିବୃଦ୍ଧି, ପ୍ରୋ' ଏବଂ ମ୍ୟାକ୍ସିମା), ସ୍ମାର୍ଟ ଏସଆଇପି, ଫର୍ଚ୍ଚୁନ୍ ପ୍ରୋ, ୱେଲ୍ଥ ପ୍ରୋ, ସ୍ମାର୍ଟ ସମ୍ପୂର୍ଣ୍ଣ ରକ୍ଷା ପ୍ଲସ୍, ଶୁଭ ଫର୍ଚ୍ଚୁନ୍ ଏବଂ ଟାଟା ଏଆଇଏ ପ୍ରୋ ଫିଟ୍, ଅନ୍ୟାନ୍ୟ ଯୋଗ୍ୟ ୟୁଏଲଆଇପି ପ୍ରସ୍ତାବଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ। ।

# ସେଲ ପକ୍ଷରୁ ମୂଲ୍ୟ ଶୃଙ୍ଖଳ ସହଭାଗୀ ବୈଠକ ଆୟୋଜିତ




ରାଉରକେଲା, ୨୨।୧୨ (ନି.ପ୍ର): ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ। ଲିମିଟେଡ୍ (ସେଲ୍), ଡିସେମ୍ବର ୧୮ ତାରିଖ ଦିନ କୋଲକାତାର ହୋଟେଲ ହାୟାଟ୍ ରିଜେନ୍ସିରେ ସେଲ ମୂଲ୍ୟ ଶୃଙ୍ଖଳ ସହଭାଗୀ ବୈଠକ ୨୦୨୫-୨୬ ଆୟୋଜନ କରିଥିଲା, ଯାହା ଏହାର ଯୋଗାଣ ଇକୋସିଷ୍ଟମରୁ ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରିତ କରି ସ୍ଥାୟୀ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ ଅଭ୍ୟାସ ପ୍ରତି ଥିବା ସହଯୋଗକୁ ଆହୁରି ସୁଦୃଢ଼ କରିଥିଲା। ଏହି କାର୍ଯ୍ୟକ୍ରମରେ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟର ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ଚକ୍ରବର୍ତ୍ତୀ; ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟର ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. ଏସ. ପପଲି; ବୋକାରୋ ଷ୍ଟିଲ୍ ପ୍ଲାଣ୍ଟର ସାମଗ୍ରୀ ପରିଚଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସି. ଆର. ମିଶ୍ର; କୋଲକାତାର ଇଏମଡିର ନିର୍ବାହୀ ନିର୍ଦ୍ଦେଶକ ଦେବବ୍ରତ ଦତ୍ତ; ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ମଞ୍ଚରେ ଉପସ୍ଥିତ ଥିଲେ। ଏହି ବୈଠକରେ ସେଲର ବିଭିନ୍ନ ୟୁନିଟର ଥିବା ସାମଗ୍ରୀ ପରିଚାଳନା ବିଭାଗର ପ୍ରାୟ ୫୦ ଜଣ ଅଧିକାରୀ, ପରିବେଶ ପରିଚାଳନା ବିଭାଗ (ଇଏମଡି) ଏବଂ କେନ୍ଦ୍ରୀୟ ମାର୍କେଟିଂ ସଂଗଠନ (ସିଏମଓ) ର ପ୍ରତିନିଧିଙ୍କ ସମେତ ଏକ ଶହରୁ ଉର୍ଦ୍ଧ୍ୱ ଉଚ୍ଚମୂଲ୍ୟ ଶୃଙ୍ଖଳ ଅଂଶୀଦାର ଅଂଶଗ୍ରହଣ କରିଥିଲେ।

ସେଲର ମୂଲ୍ୟ ଶୃଙ୍ଖଳ ଅଂଶୀଦାରମାନଙ୍କୁ ବ୍ୟବସାୟିକ ଦାୟିତ୍ୱ ଏବଂ ସ୍ଥାୟୀତ୍ୱ ରିପୋର୍ଟିଂ (ବି ଆର ଏସ ଆର), ସ୍ଥାୟୀତ୍ୱ ପ୍ରକାଶ, ନୈତିକ ସୋର୍ସିଂ ଅଭ୍ୟାସ ଏବଂ ଯୋଗାଣକାରୀ ଆଚରଣ ସଂହିତା ଉପରେ ଏସଇବିଆଇର ନିର୍ଦ୍ଦେଶାବଳୀ ତଥା ଇଏସଜି -ଚାଳିତ ଅଭିବୃଦ୍ଧି ପ୍ରତି ସେଲ ର ପ୍ରତିବଦ୍ଧତା ମୁତାବକ ଏହି ବୈଠକ ଆୟୋଜିତ ହୋଇଥିଲା। ପରିବେଶଗତ ସ୍ଥାୟୀତ୍ୱ ପ୍ରତି ସେଲର ପ୍ରତିବଦ୍ଧତାର ପ୍ରତୀକ ଭାବେ ବୃକ୍ଷଚାରାରେ ଜଳ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରା ଯାଇଥିଲା। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସମାବେଶକୁ ସମ୍ବୋଧିତ କରିଥିଲେ।

# ଓଡିଶା- ଭିତିକ ଷ୍ଟାର୍ଟଅପ ଆଇଜି ଡ୍ରୋନ୍ସ ଆଇଜି ଡ଼ିଫେନ୍ସରେ ପରିଣତ

ଭୁବନେଶ୍ୱର, ୨୨।୧୨ (ନି.ପ୍ର) : ଭାରତର ସବୁଠାରୁ ବିଶ୍ୱସନୀୟ ଅନ୍‌ମ୍ୟାନ୍‌ଡ ସିଷ୍ଟମ୍‌ସ କମ୍ପାନୀ ଆଇଜି ଡ୍ରୋନ୍‌ସ , ଆଇଜି ଡିଫେନ୍ସରେ ପରିଣତ ହୋଇଛି । ଏହି ରୂପାନ୍ତରଣ ଭାରତର ଭବିଷ୍ୟତ ପାଇଁ ଏକ ସାର୍ବଭୌମ, ନିର୍ଭରଯୋଗ୍ୟ ଓ ଯୁଦ୍ଧ ପ୍ରସ୍ତୁତ ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ କରିବା ପାଇଁ ଏକ ସରଳ କିନ୍ତୁ ଗମ୍ଭୀର ମିଶନକୁ ପ୍ରତିଫଳନ କରୁଛି। ଆଜିର ସଂଘର୍ଷଗୁଡିକ ଅଟୋନୋମି, ଇଂଟେଲିଜେନ୍ସ, ଇଲେକ୍‌ଟ୍ରୋନିକ ପ୍ରାଧାନ୍ୟତା, ସାଇବର ସ୍ଥିରତା ଏବଂ ବାୟୁ, ସ୍ଥଳଭାଗ, ସମୁଦ୍ର ପଥ ଓ ମହାକାଶରେ ବାଧାମୁକ୍ତ ସହଯୋଗିତା ଦ୍ୱାରା ରୂପ ନେଉଛି। ଅପରେଶନ ସିନ୍ଦୁର ଭଳି ସାମ୍ପ୍ରତିକ ଜଟିଳ ଅଭିଯାନଗୁଡିକ, ଯେଉଁଠାରେ ଆଇଜି ଡ୍ରୋନସ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ଏକ ସ୍ୱଷ୍ଟ ବାସ୍ତବତା ଉପରେ ମହତ୍ୱ ଦେଉଛି। ଭାରତ ଆମଦାନୀ କରାଯାଉଥିବା ସିଷ୍ଟମଗୁଡିକ ଉପରେ ନିର୍ଭର କରିପାରିବ ନାହିଁ, ଯାହାକୁ ବିଦେଶୀ ସିଦ୍ଧାନ୍ତ ଓ ବିଦେଶୀ ଯୁଦ୍ଧକ୍ଷେତ୍ର ପାଇଁ ଡିଜାଇନ




କରାଯାଇଛି। ବାସ୍ତବ ରଣନୈତିକ ସ୍ୱାୟତତା ଭାରତରେ, ଭାରତୀୟ ଭୂଭାଗ, ଭାରତୀୟ ସୈନ୍ୟବଳ ଓ ଭାରତୀୟ ମିଶନଗୁଡିକ ପାଇଁ ନିର୍ମିତ ଟେକ୍ନୋଲୋଜିର ଆବଶ୍ୟକ କରୁଛି।

ଏହି ସମ୍ପର୍କରେ ଆଇଜି ଡିଫେନ୍ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, 'ଆଇଜି ଡିଫେନ୍ସ ଦାୟିତ୍ୱର ଏକ ଗଭୀର ଭାବନାର ପ୍ରତିନିଧିତ୍ୱ କରୁଛି। ଭାରତ ଏଭଳି ଏକ ଯୁଗରେ ପ୍ରବେଶ କରୁଛି ଯେଉଁଠାରେ ଯୁଦ୍ଧ ଗୁଡିକ ବିଭିନ୍ନ କ୍ଷେତ୍ରରେ ଇଂଟେଲିଜେନ୍ସ, ଅଟୋନୋମି ଓ ଇଂଟିଗ୍ରେଶନ ଦ୍ୱାରା ରୂପ ନେବ। ଆମର ଗୁରୁତ୍ୱ ହେଉଛି ନିର୍ଭରଯୋଗ୍ୟ, ବିଶ୍ୱସ୍ତରୀୟ ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ କରିବା ଯାହାକୁ ଭାରତରେ ଡିଜାଇନ ଓ ନିର୍ମାଣ କରାଯିବ ଏବଂ ଯାହା ଦୀର୍ଘକାଳିନ ନିର୍ଭରଶୀଳତା ହ୍ରାସ କରିବ। ଆମେ ଭବିଷ୍ୟତ ପାଇଁ ନିର୍ମାଣ କରୁଥିବାରୁ ଦେଶର ସେବାରେ ନିଜର ଜୀବନ ବିତାଇଥିବା ଲିଡରମାନଙ୍କ ମାର୍ଗଦର୍ଶନ ଆମକୁ ସ୍ୱଷ୍ଟତା, ଶୃଙ୍ଖଳା ଓ ଦିଗ ପ୍ରଦାନ କରିଛି। ଏହି ସମ୍ପ୍ରସାରଣ ଅଭିଯାନକୁ ସମର୍ଥନ କରିବା ପାଇଁ ଆଇଜି ଡିଫେନ୍ସ ଏହାର ବରିଷ୍ଠ ନେତୃତ୍ୱରେ ଭାରତର କିଛି ସର୍ବାଧିକ ସମ୍ମାନିତ ମିଲିଟାରୀ ଲିଡରଙ୍କୁ ଏକାଠି କରିଛି। ଏହା ଏକ ମିଳିତ ବିଶ୍ୱାସକୁ ପ୍ରତିଫଳନ କରୁଛି ଯେ, ଭାରତର ଭବିଷ୍ୟତର ପ୍ରତିରକ୍ଷା କ୍ଷମତାଗୁଡିକୁ ପରିଚାଳନାଗତ ଅଭିଜ୍ଞତା ଓ ସ୍ୱଦେଶୀ ଟେକ୍ନୋଲୋଜି ବିକାଶ ମଧ୍ୟରେ ଘନିଷ୍ଠ ସମନ୍ୱୟ ମାଧ୍ୟମରେ ବିକଶିତ କରାଯିବା ଉଚିତ। ଏଭିଏସଏମ, ଭିଏସଏମ, ଏସଏମ (ଅବସରପ୍ରାପ୍ତ) ଲେଫ୍ଟେନାଂଟ ଜେନେରାଲ ଅନୀଲ କୁମାର ସାମନ୍ତରା ୪ ଦଶନ୍ଧିରୁ ଅଧିକ ସମୟର ନେତୃତ୍ୱ ଅଭିଜ୍ଞତା ଆଣିଛନ୍ତି, ଯେଉଁଥିରେ ଡାଇରେକ୍ଟର ଜେନେରାଲ ଅଫ୍ ଇନ୍‌ଫ୍ୟାନ୍‌ଟ୍ରି ଭାବେ ତାଙ୍କ ଭୂମିକା ଅନ୍ତର୍ଭୁକ୍ତ ରହିଛି। ଏହି ଭୂମିକାରେ ସେ ଆଧୁନିକୀକରଣ କାର୍ଯ୍ୟକ୍ରମଗୁଡିକର ତଦାରଖ କରିଥିଲେ ଏବଂ ପ୍ରମୁଖ ସ୍ୱଦେଶୀ କ୍ରୟ ସୁଧାରର ନେତୃତ୍ୱ ନେଇଥିଲେ। ତାଙ୍କର ଅଭିଜ୍ଞତା ଓ ଜ୍ଞାନ ଆଇଜି ଡିଫେନ୍ସର ଲ୍ୟାଣ୍ଡ ସିଷ୍ଟମ ଓ ମିଶନ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମଗୁଡିକ ପାଇଁ ପ୍ରମୁଖ ହେବ। ପୂର୍ବତନ ଚିଫ୍ ଅଫ୍ ଇଂଟିଗ୍ରେଟେଡ ଡିଫେନ୍ସ ଷ୍ଟାଫ, ଲେଫ୍ଟେନାଂଟ ଜେନେରାଲ ଅନୀଲ ଚୈତ (ଅବସରପ୍ରାପ୍ତ) ଜଏଂଟ ଅପରେଶନ୍ସ, ଇଂଟିଗ୍ରେଟେଡ ଥିଏଟର ପ୍ଲାନିଙ୍ଗ ଓ ଜାତୀୟ ସ୍ତରୀୟ ବିପଦ ପରିଚାଳନା କ୍ଷେତ୍ରରେ ଗଭୀର ଅଭିଜ୍ଞତା ସହ ଯୋଗ ଦେଇଛନ୍ତି।

# ବେଦାନ୍ତ ଆଲୁମିନିୟମ ୨୦,୦୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ କୃଷି ଅଭ୍ୟାସ ସହିତ ସଶକ୍ତ କରିବା ପାଇଁ ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି

ଭୁବନେଶ୍ୱର, ୨୨।୧୨ (ନି.ପ୍ର) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାଂ ଆଲୁମିନିୟମ, କୃଷି ଏବଂ ଆନୁଷଙ୍ଗିକ ଜୀବିକାରେ ବ୍ୟବହାରିକ, ବିଜ୍ଞାନ-ସମର୍ଥିତ ହସ୍ତକ୍ଷେପ ମାଧ୍ୟମରେ ଓଡ଼ିଶା ଏବଂ ଛତିଶଗଡ଼ର ୨୦,୦୦୦ ରୁ ଅଧିକ ଚାଷୀଙ୍କୁ ସଶକ୍ତ କରିବାରେ ନିର'ର ପ୍ରଗତି ଘୋଷଣା କରି ଜାତୀୟ କୃଷକ ଦିବସ (କିଷାନ ଦିବସ) ପାଳନ କରିଛି। ମୃତ୍ତିକା ଉର୍ବରତାକୁ ସୁଦୃଢ଼ କରିବା, ଜଳ ଉପଲବ୍ଧତାକୁ ସୁରକ୍ଷିତ କରିବା, ଜୀବିକା ବିକାଶ କରିବା ଏବଂ ଫାର୍ମଗେଟକୁ ସୁଲଭ ପ୍ରଯୁକ୍ତିବିଦ୍ୟା ଆଣିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ପଦକ୍ଷେପଗୁଡ଼ିକ ଚାଷୀମାନଙ୍କୁ ଉତ୍ପାଦନ ବୃଦ୍ଧି କରିବା, ପ୍ରାକୃତିକ ସମ୍ବଳ ସଂରକ୍ଷଣ କରିବା ଏବଂ ସ୍ଥିର କୃଷି ପ୍ରଣାଳୀ ନିର୍ମାଣ କରିବା ପାଇଁ ବୈଜ୍ଞାନିକ ଜ୍ଞାନ, ତାଲିମ ଏବଂ ଭୂମି ସମ୍ବଳ ସହିତ ସଜ୍ଜିତ କରିଥାଏ।

ସମର୍ଥିତ ଚାଷୀଙ୍କ ମଧ୍ୟରୁ ୧୨୦୦୦ରୁ ଅଧିକ ମହିଳା ଏବଂ ୮୦୦୦ରୁ ଅଧିକ ପୁରୁଷ, ଯାହା କମ୍ପାନୀର ଅନ୍ତର୍ଭୁକ୍ତିମୂଳକ ବିକାଶ ଉପରେ ଧ୍ୟାନକୁ ପ୍ରତିଫଳିତ କରିଛି। ଏହି ପଦକ୍ଷେପଗୁଡ଼ିକ ଓଡ଼ିଶାର ଝାରସୁଗୁଡା ଏବଂ କଳାହାଣ୍ଡି ଏବଂ ଛତିଶଗଡ଼ର କୋରବା ପର୍ଯ୍ୟନ୍ତ ବ୍ୟାପିଛି, ଯେଉଁଠାରେ ଚାଷୀମାନେ ସ୍ଥାୟୀ ଚାଷ ପ୍ରଣାଳୀ, ଇନପୁଟ ଖର୍ଚ୍ଚ ହ୍ରାସ ଏବଂ ବିବିଧ ଆୟ ପ୍ରବାହ ମାଧ୍ୟମରେ ଉତ୍ପାଦନରେ ହାରାହାରି ୧୫-୨୦% ବୃଦ୍ଧି ଏବଂ ଆୟରେ ୧୮-୨୨% ବୃଦ୍ଧି ରିପୋର୍ଟ କରିଛନ୍ତି।



ବେଦାନ୍ତ ଆଲୁମିନିୟମର କୃଷି କାର୍ଯ୍ୟକ୍ରମଗୁଡ଼ିକ ପାରମ୍ପରିକ ଜ୍ଞାନକୁ ଆଧୁନିକ ବିଜ୍ଞାନ ସହିତ ମିଶ୍ରଣ କରେ। ଛତିଶଗଡ଼ର ମୋର ଜଳ ମୋର ମାଟି, ଓଡ଼ିଶାର ବେଦଗ୍ରାମ ଏବଂ ସଙ୍ଗମ ଭଳି ପ୍ରମୁଖ ପଦକ୍ଷେପଗୁଡ଼ିକ ଜଳବାୟୁ-ସ୍ମାର୍ଟ କୃଷି ମଡେଲ, ପୁନର୍ଜନ୍ମକାରୀ କୃଷି ଏବଂ ଜଳ ସମ୍ପଦ ସୁଦୃଢ଼ୀକରଣ ପ୍ରଚଳନ କରିଛି। କମ୍ପାନୀ ଲାଲକାଦକୁ ଏକ ସ୍ଥାୟୀ ମାଟି କଣ୍ଡିସନରରେ ପରିଣତ କରିବା ପାଇଁ ଆଇସିଏଆର-ସିଟିସିଆରଆଇ ସମେତ ପ୍ରମୁଖ ସଂସ୍ଥା ସହିତ ଏମଓୟୁ ସ୍ୱାକ୍ଷର କରିଛି ଏବଂ ଗ୍ରାମୀଣ ଦକ୍ଷତା ଏବଂ କୃଷି ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ନାବାର୍ଡ ସହିତ ସହଭାଗୀ ହୋଇଛି। ଡିଜିଟାଲାଇଜେସନ୍ ଏକ ପ୍ରମୁଖ ସହାୟକ, ଆୟୁଷ୍ମାନ କାଉଫିଟ୍ କଲାର, ଡିଜିଟାଲ୍ ଏଆଇ ଗନ୍ ଏବଂ ସ୍ୱୟଂଚାଳିତ ପାଣିପାଗ ଏବଂ ଜଳ ଷ୍ଟେସନ୍ ଭଳି ଉପକରଣଗୁଡ଼ିକ ଚାଷୀମାନଙ୍କୁ ସଠିକ୍ ଚାଷ ଏବଂ ପଶୁପାଳନ ପରିଚାଳନା ଗ୍ରହଣ କରିବାରେ ସାହାଯ୍ୟ କରେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ଓଡ଼ିଶା ଏବଂ ଛତିଶଗଡ଼ର ଚାଷୀ ସମ୍ପ୍ରଦାୟ ସହିତ ଆମର ଯାତ୍ରା ଏକ ବୃହତ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ, ଯେଉଁଠାରେ ଶିଳ୍ପ ପ୍ରଗତି ଏବଂ ଗ୍ରାମୀଣ ସମୃଦ୍ଧି ଏକତ୍ର ଆଗକୁ ବଢ଼ିଥାଏ। ଏହି ଅଂଚଳଗୁଡ଼ିକ ଭାରତର ସବୁଠାରୁ କୃଷି-ସଘନଶୀଳ ଭୂଦୃଶ୍ୟ ମଧ୍ୟରୁ ଗୋଟିଏ, ଏବଂ ୨୦,୦୦୦ ରୁ ଅଧିକ ଚାଷୀଙ୍କୁ ପ୍ରଯୁକ୍ତିବିଦ୍ୟା, ଜ୍ଞାନ ଏବଂ ସ୍ଥାୟୀ ଅଭ୍ୟାସ ସହିତ ସଶକ୍ତ କରି, ଆମେ କେବଳ କୃଷି ବାହାରେ ବିକଶିତ ହେଉଥିବା ଇକୋସିଷ୍ଟମ ସୃଷ୍ଟି କରିଛୁ।

# ଏନ୍‌ସିକ୍ୟୁସି-୨୦୨୫ରେ ଧାମରା ପୋର୍ଟକୁ ଶ୍ରେଷ୍ଠ ସମ୍ମାନ

ଧାମରା, ୨୨।୧୨ (ନି.ପ୍ର) : ଧାମରା ପୋର୍ଟ କମ୍ପାନୀ ଲିମିଟେଡ୍ (ଡିପିସିଏଲ୍), କ୍ୱାଲିଟି ସର୍କଲ୍ ଫୋରମ୍ ଅଫ୍ ଇଣ୍ଡିଆ (କ୍ୟୁସିଏଫ୍‌ଆଇ) ଦ୍ୱାରା ଆୟୋଜିତ ୩୯ତମ ନ୍ୟାସ୍‌ନାଲ୍ କନଭେନସନ୍ ଅନ୍ କ୍ୱାଲିଟି କନ୍‌ସେପ୍ଟ (ଏନ୍‌ସିକ୍ୟୁସି ୨୦୨୫) ରେ ଶ୍ରେଷ୍ଠ ସମ୍ମାନ ହାସଲ କରିଛି। 'ଆତ୍ମନିର୍ଭର ବିକଶିତ ଭାରତ ପାଇଁ ଗୁଣାତ୍ମକ ଧାରଣା' ବିଷୟବସ୍ତୁକୁ ଆଧାର କରି ଏହି ପ୍ରତିଷ୍ଠିତ ସମ୍ମିଳନୀ ୧୯ ରୁ ୨୨ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଗ୍ରେଟର ନୋଏଡ଼ାର



ଜିଏଲ୍ ବଜାଜ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ୍ (ଏଲ୍‌ବିଆଇଟିଏମ୍) ରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ସମଗ୍ର ଦେଶରୁ ବିଭିନ୍ନ କ୍ଷେତ୍ରକୁ ପ୍ରତିନିଧିତ୍ୱ କରୁଥିବା ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଏହାସହ ଗୁଣବତ୍ତା ବୃଦ୍ଧି, ଉନ୍ନତ ପ୍ରକ୍ରିୟା, ସୁରକ୍ଷା ଏବଂ ଉତ୍କର୍ଷ କାର୍ଯ୍ୟ ଦକ୍ଷତାକୁ କେନ୍ଦ୍ର କରି ଅଭିନବ ଗୁଣବତ୍ତାର ବିଷୟବସ୍ତୁ, ସର୍ବୋତ୍ତମ ପ୍ରଣାଳୀ ଏବଂ କେସ୍ ଷ୍ଟଡ଼ି ପ୍ରଦର୍ଶନ କରାଯାଇଥିଲା। ଆଦାନୀ ଗ୍ରୁପ୍‌ର ଧାମରା ପୋର୍ଟ କମ୍ପାନୀ ଲିମିଟେଡ୍ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହ ଜାତୀୟ ପ୍ଲାଟଫର୍ମରେ କ୍ୱାଲିଟି ସର୍କଲ୍ ବର୍ଗରେ ଏକ ଉଲ୍ଲେଖନୀୟ ପ୍ରଭାବ ପକାଇଛି। ଇଞ୍ଜିନିୟରିଂ ବିଭାଗର ସାମଗ୍ରୀ ପରିଚାଳନା ବିଭାଗର ମୋଟ ୫ଟି କ୍ୱାଲିଟି ସର୍କଲ୍ ଦଳ ସେମାନଙ୍କର କେସ୍ ଷ୍ଟଡି ଉପସ୍ଥାପନ କରିଥିଲେ, ଯେଉଁଥିରେ ସମସ୍ୟାର ସଂରଚିତ ସମାଧାନ ପଦ୍ଧତି ଏବଂ ବନ୍ଦରରେ କାର୍ଯ୍ୟକାରୀ ହୋଇଥିବା ଦୀର୍ଘସ୍ଥାୟୀ ଗୁଣବତ୍ତା ଉନ୍ନତି ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା। ଧାମରା ପୋର୍ଟ କମ୍ପାନୀ ଲିମିଟେଡ୍‌ର ସମସ୍ତ ୫ଟି ଦଳକୁ କନ୍‌ଭେନ୍‌ସନ୍‌ର ସର୍ବୋଚ୍ଚ ସମ୍ମାନ - 'ପାର୍ ଏକ୍ସିଲେନ୍ସ' ପୁରସ୍କାର ସହିତ ସେମାନଙ୍କର ଆକର୍ଷଣୀୟ ଉପସ୍ଥାପନା ଏବଂ ଉତ୍ତମ ଗୁଣବତ୍ତା ବିଶିଷ୍ଟ ପ୍ରଭାବଶାଳୀ ପଦକ୍ଷେପ ପାଇଁ 'ବେଷ୍ଟ୍ ମଡ଼େଲ୍' ଟ୍ରଫି ମଧ୍ୟ ପ୍ରଦାନ କରା ଯାଇଥିଲା। ଏହି ଉଲ୍ଲେଖନୀୟ ସଫଳତା କର୍ମଚାରୀମାନଙ୍କ କାର୍ଯ୍ୟ ପ୍ରତି ନିରନ୍ତର ଆଗ୍ରହ, ପ୍ରତିବଦ୍ଧତା ଏବଂ ଶିଳ୍ପ କ୍ଷେତ୍ରରେ ପ୍ରଭାବଶାଳୀ କାର୍ଯ୍ୟଦକ୍ଷତାକୁ ପ୍ରତିଫଳିତ କରିଥାଏ।

# ଜିନ୍ଦଲର ଶିଶୁ ମହୋତ୍ସବ ଆୟୋଜନ ଏବଂ ସ୍ଥାନୀୟ ଚାଷୀ ମାନଙ୍କୁ ସହାୟତା



ଭୁବନେଶ୍ୱର, ୨୨।୧୨ (ନି.ପ୍ର): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ସାମାଜିକ ଦାୟିତ୍ୱ ବିଭାଗ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ମାଧ୍ୟମରେ ଏକ ଶିଶୁ ମହୋତ୍ସବ ସିଙ୍ଗାଗଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ମାନଙ୍କ ମନରେ ବିଭିନ୍ନ ଖେଳପ୍ରତି ଉତ୍ସାହ ଜନ୍ମେଇବା ଏବଂ ବିଦ୍ୟାଳୟ ପରିବେଶ ସୁରକ୍ଷା କରିବା ପ୍ରତି ଆଗ୍ରହ ଜନ୍ମାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ମହୋତ୍ସବରେ ବିଦ୍ୟାଳୟର ପାଖାପାଖି ୫୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ଆନନ୍ଦଦାୟୀ ଖେଳ, ଯେପରି- ଚମଚ ବାଟି ଦୌଡ଼, ମ୍ୟୁଜିକ୍ ଚେୟାର୍, ଚିତ୍ରାଙ୍କନ, ଜଳ ସଂରକ୍ଷଣ, ସ୍ୱଚ୍ଛତା ଦୌଡ଼ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବରେ ଛାତ୍ରଛାତ୍ରୀ ମାନଙ୍କର ଅଭିଭାବକ ମାନେ ଯୋଗ ଦେଇ ଜିନ୍ଦଲ୍ ଷ୍ଟେନଲେସ୍ ଫାଉଣ୍ଡେସନର ଏହି ଅଭିନବ ପ୍ରୟାସକୁ ସାଧୁବାଦ ଜଣେଇ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଅମିତା ପାତ୍ର ଛାତ୍ର ଛାତ୍ରୀ ମାନଙ୍କର ସୁପ୍ତ ପ୍ରତିଭାକୁ ଉଦ୍ରେକ କରେଇବା ପାଇଁ ଜିନ୍ଦଲ୍ ଷ୍ଟେନଲେସ୍ ଫାଉଣ୍ଡେସନ ଙ୍କର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ ଏବଂ ଅନ୍ୟ ସହକାରୀ ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେୟ ମୁଖ୍ୟ ଅତିଥିଭାବେ ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ କଣ୍ଠ ଦେହୁରୀ ଯୋଗ ଦେଇ ଜିନ୍ଦଲ୍ ଫାଉଣ୍ଡେସନର ଏହି କାର୍ଯ୍ୟକ୍ରମକୁ ପ୍ରଂଶସା କରିଥିବା ବେଳେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସିଙ୍ଗାଗଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ଏହିପରି ଶିଶୁ ମହୋତ୍ସବ ପ୍ରଥମ କରି ଆୟୋଜିତ ହୋଇଥିବାରୁ ଗ୍ରାମବାସୀ ବହୁତ ଆନନ୍ଦ ପ୍ରକାଶ କରି ମହୋତ୍ସବରେ ଭୂୟସୀ ପ୍ରଶଂସା କରିଥିଲେ।

ଅନ୍ୟ ପଟେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ଼ କାଳିଆପାଣି କ୍ରୋମାଇଟ ଖଣି ପକ୍ଷରୁ ସ୍ଥାନୀୟ କାଳିଆପାଣି ଏବଂ ଚିଙ୍ଗୁଡ଼ିପାଳ ଗ୍ରାମର ୨୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଉନ୍ନତମାନର ହାଇବ୍ରିଡ୍ ପରିବା ମଞ୍ଜି, ଜୈବିକ ଖତ, ସାର, କୀଟନାଶକ ଫାନ୍ଦ ଆଦି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଜିନ୍ଦଲ କ୍ରୋମାଇଟ ଖଣିର ପୁନରୁଦ୍ଧାର ପରିଯୋଜନା ଅନ୍ତର୍ଗତ ବିଭିନ୍ନ କାଯ୍ୟକ୍ରମ ମଧ୍ୟରୁ ଅନ୍ୟତମ ଉପସ୍ଥିତ ଚାଷୀମାନଙ୍କୁ ବିଭିନ୍ନ କୃଷି ଉପକରଣ ବିହନ, ଜୈବିକ ଖତ ବଣ୍ଟନ ପୂର୍ବରୁ ଉନ୍ନତ ଚାଷ ପ୍ରଣାଳୀ ତଥା ରୋଗପୋକ ନିୟନ୍ତ୍ରଣ, କୁକୁଡ଼ା ପାଳନ ଇତ୍ୟାଦି ଉପରେ ଦୁଇ ଦିନ ଧରି କର୍ମଶାଳା ଆୟୋଜନ କରାଯାଇଥିଲା।

ସେହିପରି କୁକୁଡ଼ା ଚାଷୀମାନଙ୍କୁ ହାଇବ୍ରିଡ୍ 'ବନରାଜ' କୁକୁଡ଼ାର ସାବକ ଚାଷୀପିଛା ପାଞ୍ଚଟି ଲେଖାଏଁ ସର୍ବମୋଟ ୭୦ ଜଣ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ତଥା ଛତୁ ଚାଷୀମାନଙ୍କୁ ଉନ୍ନତମାନର ପାଳ ଛତୁ ମଞ୍ଜି ସହିତ ଛତୁ ବେଡ଼, ପଲିଥିନ୍, ପାଣି ଛିଞ୍ଚନ ଯନ୍ତ୍ର ଆଦି ଯୋଗାଇ ଦିଆଯିବା ସହ ଚାଷୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଭୋଜନ ଓ ପାନୀୟର ବ୍ୟବସ୍ଥା ମଧ୍ୟ କରା ଯାଇଥିଲା।

ଏହି ସମସ୍ତ କାର୍ଯ୍ୟକ୍ରମ ତା ୧୯ ଓ ୨୦ ରିଖ ଶୁକ୍ରବାର ଏବଂ ଶନିବାର ଦୁଇ ଦିନ ଧରି ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱୟ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ ର ବରିଷ୍ଠ ପ୍ରବନ୍ଧକ ଶ୍ରୀ ତପନ କୁମାର ନାୟକ ଓ ଖଣି ପ୍ରବନ୍ଧକ ସକ୍ତି ପ୍ରସାଦ ବିଶ୍ୱାଳ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଥା କ୍ରମେ ଗ୍ରୀନ ଡ୍ରିମ ଫାଉଣ୍ଡେସନ ଏବଂ ମହାଶକ୍ତି ଫାଉଣ୍ଡେଶନ ଦ୍ୱାରା ପରିଚାଳନା କରାଯାଇଥିଲା। ଏହା ସହିତ କମ୍ପାନୀର ବିଭିନ୍ନ ବିଭାଗ ର ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀ ସଦସ୍ୟ ଓ ସ୍ଥାନୀୟ ନେତୃବୃନ୍ଦ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମଟି ସୁଚାରୁରୂପେ ଶୃଙ୍ଖଳିତ ଭାବେ ସମ୍ପାଦନ ହେବା ପାଇଁ ଉପସ୍ଥିତ ରହି ସହଯୋଗ ର ହାତ ବଢାଇଥିଲେ।

# ଟାଟା ପାୱାର ପକ୍ଷରୁ କ୍ଲାଇମେଟ୍ କ୍ଲୁ ଆର୍ଥ ରନ୍ ଆୟୋଜିତ



ଭୁବନେଶ୍ୱର, ୨୨।୧୨ (ନି.ପ୍ର) : ଟାଟା ପାୱାର ପକ୍ଷରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ ଟାଟା ପାୱାର କ୍ଲାଇମେଟ୍ କୁ ଆର୍ଥ ରନ୍' ସଫଳତାର ସହ ଆୟୋଜିତ ହୋଇଯାଇଛି। ଜଳବାୟୁ ଦାୟିତ୍ୱବୋଧ ପ୍ରତି ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪,୦୦୦ରୁ ଅଧିକ ପ୍ରତିଯୋଗୀ ୫ କିଲୋମିଟର, ୧୦ କିଲୋମିଟର ଏବଂ ୨୧ କିଲୋମିଟର ବିଭାଗରେ ଅଂଶଗ୍ରହଣ କରିଥିଲେ। ଏକ ମାଗଣା ସାର୍ବଜନୀନ ଦୀର୍ଘସ୍ଥାୟୀ ପଦକ୍ଷେପ ଭାବରେ ପରିକଳ୍ପିତ ଏହି ଦୌଡ଼, ଏକ ଗ୍ରୀନ ଏବଂ ଗୁରୁ ପୃଥିବୀ ଗଠନ ପାଇଁ ସାମୁହିକ ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ପ୍ରଦର୍ଶନ କରିଥିଲା । ରେଡିଓ ମିର୍ଚ୍ଚି ସହଯୋଗରେ ଆୟୋଜିତ ଏହି 'କ୍ଲାଇମେଟ୍ କୁ ଆର୍ଥ ରନ୍', ଟାଟା ପାୱାର ଏବଂ ମିର୍ଚ୍ଚିର ସ୍ଥାୟିତ୍ୱକୁ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ ସଦୃଶ୍ୟ ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ନାଗରିକ ମାନଙ୍କୁ ଜଳବାୟୁ-ଅନୁକୂଳ ଜୀବନଶୈଳୀ ଗ୍ରହଣ କରିବା ପାଇଁଅନୁପ୍ରାଣିତ କରିବା। ଏହି ମାରାଥନ ଟାଟା ପାୱାରର ସଷ୍ଟେନେବଲ ଇଜ୍ ଆଟେନେବଲ'ଉପରେ ଆଧାରିତ। କମ୍ପାନୀର ୪୪% ଗ୍ରୀନ ଏନର୍ଜି ପୋର୍ଟଫୋଲିଓ ଏବଂ ସୋଲାର ରୁଫଟପ, ଇଭି ଚାର୍ଜିଂଭିତ୍ତିଭୂମି ତଥା ସ୍ମାର୍ଟ ହୋମ ସଲ୍ୟୁସନ୍ ଭଳି ପରିବେଶ ଅନୁକୂଳ ବ୍ୟବସାୟିକ ସମାଧାନ ଏହି ଅଭିଯାନକୁ ଅଧିକ ସୁଦୃଢ଼ କରୁଛି। ଓଡ଼ିଶାରେ ରାଜ୍ୟ ସରକାରଙ୍କ ସହ ସରକାରୀ-ବେସରକାରୀ ସହଭାଗିତା (ପିପିପି) ମୋଡ଼ରେ କାର୍ଯ୍ୟ କରୁଥିବା ଟାଟା ପାୱାରର ଡିସକମ୍ ଗୁଡ଼ିକ ପ୍ରାୟ ୪.୭ କୋଟି ଜନସଂଖ୍ୟାକୁ ନିର୍ଭର ଯୋଗ୍ୟ ଏବଂ ଗୁଣାତ୍ମକ ବିଦ୍ୟୁତ ଯୋଗାଇ ଦେଉଛି। ଏହି ଡିସକମ ମାଧ୍ୟମରେ ଟାଟା ପାୱାର ଗ୍ରାହକମାନଙ୍କୁ ଶକ୍ତି ସଂରକ୍ଷଣ ଅଭ୍ୟାସ ଗ୍ରହଣ କରିବାକୁ ଉତ୍ସାହିତ କରୁଛି, ଯାହା ଏକ ଶକ୍ତି ବ୍ୟବସ୍ଥା ଗଠନରେ ସହାୟକ ହେଉଛି। ଟାଟା ପାୱାରର ଦୀର୍ଘସ୍ଥାୟୀ ଅଭିଯାନ ଏହାର କର୍ମଚାରୀଙ୍କ ଦ୍ୱାରା ପରିଚାଳିତ'କ୍ଲାଇମେଟ୍ କ୍ଲୁ' ପଦକ୍ଷେପ ମାଧ୍ୟମରେଆଗକୁ ବଢୁଛି, ଯାହା ଭାରତ ସରକାରଙ୍କ ମିଶନ ଲାଇଫ୍' ସହ ସଂଲଗ୍ନ। ଏହି ଅଭିଯାନ ଆରମ୍ଭ ହେବା ଦିନଠାରୁ ଟାଟା ପାୱାରର ୫୦% ରୁ ଅଧିକ କର୍ମଚାରୀ ଏଥିରେ ଯୋଗ ଦେଇଛନ୍ତି ।

# ଆଞ୍ଚଳିକ ମନ୍ଥନ

ମଙ୍ଗଳବାର, ୨୩ ଡିସେମ୍ବର ୨୦୨୫, ଭୁବନେଶ୍ୱର Tuesday, 23 December 2025, Bhubaneswar





## ରାଜସ୍ୱ ଅମଲା ସଂଘର ବାର୍ଷିକ ସମ୍ମିଳନୀ

**ନବରଙ୍ଗପୁର, ୨୨।୧୨ (ନି.ପ୍ର):** ଓଡିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ନବରଙ୍ଗପୁର ର ତ୍ରୟ ବାର୍ଷିକ ସମ୍ମିଳନୀ ମହା ସମାରୋହରେ ପୂର୍ବତନ ସଭାପତି ଆଶୁତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ, କୋରାପୁଟ ଜିଲ୍ଲା ସମ୍ପାଦକ ନିତ୍ୟାନନ୍ଦ ଭତ୍ରା, କୋରାପୁଟ ଜିଲ୍ଲାର ବରିଷ୍ଠ ସଦସ୍ୟ ମନୋଜ ବାରିକ ରାଜ୍ୟ ଉପ ସଭାପତି ଏସ ଜଗଦୀଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତେ ମିଳିତ ଭାବେ ସଂଘ ପ୍ରତି ଆନୁଗତ୍ୟ ପ୍ରକାଶ କରି ସଙ୍ଗଠନକୁ ମଜବୁତ କରିବା ସହିତ ନିଜ ଦାବି କିପରି ହାସଲ କରିପାରିବା ସମ୍ବନ୍ଧରେ ନିଜର ମତାମତ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ନିର୍ବାଚନ ରେ ଅଧ୍ୟକ୍ଷ ଭାବେ କୈଳାଶ ଚନ୍ଦ୍ର ଦାସ, ବରିଷ୍ଠ ରାଜସ୍ୱ ସହାୟକ ବିବେକ ନାୟକ ସଭାପତି ଏବଂ ଉପ ସଭାପତି ଭାବେ ସୌରଭ କୁମାର ଦାସ



ଏବଂ ଅମିତ କୁମାର, ସମ୍ପାଦକ ଭାବେ ଦେବାଶିଷ ସୁଆର ସହ ସମ୍ପାଦକ ଭାବେ ମୈଥିଳୀ ପଟ୍ଟନାୟକ ଏବଂ କୈଳାଶ ପୂଜାରୀ, କୋଷାଧ୍ୟକ୍ଷ ଭାବେ ସହିଦ ଆକତର ପ୍ରମୁଖ ନିର୍ବାଚିତ ହୋଇଥିଲେ। ନୂତନ ନିର୍ବାଚିତ ସଦସ୍ୟ ମାନଙ୍କୁ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଶପଥପାଠ କରାଇବା ସହ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ପ୍ରମୋଦ କୁମାର ଚର୍ଚି ଏବଂ ନିର୍ବାଚନ ଅଧିକାରୀ ଭାବରେ ସଂଗ୍ରାମ କେଶରୀ ପ୍ରଧାନ ଦାୟିତ୍ୱ ସମ୍ପନ୍ନ କରିଥିଲେ।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ : ୫ ଗିରଫ, ୨ ଖଣ୍ଡା ଜବତ

**କୁକୁଡାଖଣ୍ଡି, ୨୧।୧୨ (ନି.ପ୍ର) :** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଦର ଥାନା ଅନ୍ତର୍ଗତ ରତନପୁର ହରିଜନ ସାହିର ଲକି ଦାସ ନାମକ ଜଣେ ଯୁବକଙ୍କୁ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ ମାମଲାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପିକେସିଏଚ ପୁର ଗ୍ରାମ ତଥା କାଉଖତ ଗ୍ରାମର ଆର. ଶିବରାମ ଓରଫ ଅରୁପ(୨୩), ହିଞ୍ଜିଳିକାଟୁ ପାଟନା ସାହିର ଶୁଭମ କୁମାର ଦାସ ଓରଫ ସିପୁ(୧୯), କୃପାସିନ୍ଧୁପର ଗ୍ରାମର ଭଗବାନ ଦାସ(୨୦), ଯଦୁନାଥପଲ୍ଲୀର ପପୁ ଦାସ ଓରଫ କାଳିଆ(୧୯)। ଏହି ୪ ଅଭିଯୁକ୍ତଙ୍କ ସହ ଜଣେ ୧୭ ବର୍ଷୀୟ ନାବାଳକକୁ ପୁଲିସ କାବୁ କରିଛି। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୨ ଟି ଖଣ୍ଡା ଜବତ କରିଛି। ସୂଚନାପ୍ରକାରେ, ଗତ ୧୭ ତାରିଖରେ ସଦର ଥାନା ଅନ୍ତର୍ଗତ ଯଦୁନାଥ ପଲ୍ଲୀର ଅଭିଯୁକ୍ତ ପପୁ ଦାସ



ସନ୍ଧ୍ୟାରେ ନିଜ ଗାଁ ନିକଟରେ ଥିବା କେନାଲ ରୋଡକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ପପୁଙ୍କୁ ଏକୁଟିଆ। ଦେଖି ୪ ଜଣ ଯୁବକ ସେଠାରେ ଅତର୍କିତ ଭାବେ ପହଞ୍ଚି ଅନ୍ଧାରର ସୁଯୋଗ ନେଇ ପପୁଙ୍କୁ ମାଡ ମରିବା ସହ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ଏହାର କିଛି ସମୟପରେ ସେହି କେନାଲ ରୋଡ ଦେଇ ଏକ ବାଇକରେ ଅଭିଯୁକ୍ତ ଆର. ଶିବରାମ ଆସିବା ଦେଖି ପପୁ ତାଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଏହି ଆକ୍ରମଣ ପଛରେ ରତନପୁରର ଲିକ ଦାସ ଓ ତାଙ୍କ ଟିମ ସଂପୃକ୍ତ ଥିବର ପପୁ ସନ୍ଦେହ କରିଥିଲେ। ଏହାପରେ ଆକ୍ରମଣର ପ୍ରତିଶୋଧ ନେବାକୁ ଶିବରାମ ଓ ପପୁ ଯୋଜନା କରିଥିଲେ। ତା' ପରଦିନ ସକାଳୁ ଲକି ଦାସ କୁକୁଡାଖଣ୍ଡିର ଇନ୍ଦାରାଆବସ ଅଞ୍ଚଳକୁ ଯାଉଥିବା ଜଣାପଡିବା ପରେ ଅଭିଯୁକ୍ତ ଶିବରାମ, ପପୁ, ସିପୁ, ଭଗବାନ, କାଳିଆ। ସହ ନାବାଳକ ଜଣଙ୍କ ୨ଟି ବାଇକରେ ବସି ସେଠାରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ଲକି ଦାସଙ୍କୁ ଦେଖି କାତିରେ ପ୍ରାଣାତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଲକି ଦାସ ଗୁରୁତର ହେବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ଲକି ଦାସଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆକ୍ରମଣ ଘଟଣାକୁ ନେଇ ଲକି ଦାସଙ୍କ ମାଆ। ସାବିତ୍ରୀ ଦାସ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୫୪୬/୨୫) ରୁଜୁ କରି ତଦନ୍ତ କରିଥିଲା। ଆଜି ୪ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ସଂପୃକ୍ତ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ହଜାର କରାଯାଇଥିବା ଥାନା ଅଧିକାରୀ ରାମ ଶୁଭ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି। ଆର. ଶିବରାମଙ୍କ ନାମରେ ପୂର୍ବରୁ ସଦର ଥାନାରେ ଦୁଇଟି ମାମଲା ରହିଥିବା ଜଣାପଡିଛି।

## ହତ୍ୟା ଅଭିଯୁକ୍ତକୁ ଆଜୀବନ ଜେଲ୍

**କୋଦଳା, ୨୨।୧୨ (ନି.ପ୍ର) :** ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ କଞ୍ଚଣା ପଞ୍ଚାୟତ ଭାଟପଡା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ମାତ୍ର ୨ ହଜାର ଟଙ୍କାକୁ କେନ୍ଦ୍ର କରି ହତ୍ୟା କରାଯାଇଥିଲା। ଗତ ୧୬ ଏପ୍ରିଲ୍ ୨୦୨୧ ମସିହାରେ ଘଟିଥିବା ଏଭଳି ଏକ ସାଂଘାତିକ ହତ୍ୟା ମାମଲାର ଆଜି ରାୟ ପ୍ରକାଶ ପାଇଛି। ଗଞ୍ଜାମ ଜିଲ୍ଲା କୋଦଳା ସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବିଶ୍ୱ ରଞ୍ଜନ ବେହେରା ଉକ୍ତ ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଏ ବରିଡ଼ା ଗ୍ରାମର ରାଧାକୃଷ୍ଣ ସାହୁ ଓରଫ ଦହି କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ। ସୂଚନା ମୁତାବକ ରାଧାକୃଷ୍ଣ ସାହୁ ଓରଫ ଦହି ବାହାର ରାଜ୍ୟକୁ ଶ୍ରମିକ ନେଉଥିବା ବେଳେ କୋଦଳା ଥାନା ଭାଟପଡା ଗ୍ରାମର ମୃତ ଟୁକୁନା ଛାଟଇ ତାଙ୍କୁ ୨ ହଜାର ଟଙ୍କା ଦେବାକୁ ବାକି ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପୂର୍ବରୁ ଝଗଡ଼ା ହୋଇଥିଲା। ଗତ ୧୬ ଏପ୍ରିଲ୍ ୨୦୨୧ ମସିହାରେ ମୃତ ଟୁକୁନା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଏ ବରିଡା ଗ୍ରାମକୁ ଯାଇଥିବା ବେଳେ ଅଭିଯୁକ୍ତ ରାଧାକୃଷ୍ଣ ସେଠାରେ ତାଙ୍କୁ ଧାରୁଆ। ଛୁରୀରେ ପେଟକୁ ଭୁସି ହତ୍ୟା କରିଥିଲେ। ମୃତକଙ୍କ ବାପା ଜୟରାମ ଛଟେଇ ଏନେଇ ଥାନାରେ ଏତଲା ଦେଇଥିଲେ। ମାମଲାରେ ୧୬ ଜଣଙ୍କ ସାକ୍ଷୀ ଆଧାରରେ ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋଦଳା ଆଜି ଏହି ରାୟ ଶୁଣାଇଛନ୍ତି। ଧାରା ୩୦୨ ରେ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଜୋରିମାନା ଏବଂ ଜୋରିମାନା ଅନାଦୟେରେ ଅଧିକ ୬ ମାସ ଜେଲ ଦଣ୍ଡାଦେଶ ହୋଇଥିବା ବେଳେ ଧାରା ୩୨୪ ରେ ୧ ବର୍ଷ ଜେଲ ଦଣ୍ଡାଦେଶ ସହ ୧ ହଜାର ଜୋରିମାନା ଏବଂ ଜୋରିମାନା ଅନାଦୟେରେ ଅଧିକ ୨ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ। ଏହି ମାମଲାକୁ ସରକାରୀ ଅତିରିକ୍ତ ପିପି ସୁବାଷ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

## ଅମୃତ ପସରାର ଦ୍ୱୀତିୟ ବାର୍ଷିକ ଉତ୍ସବ



**ଜଗତପୁର, ୨୨/୧୨ (ନି.ପ୍ର) :** ଜଗତପୁର ବୈକୁଣ୍ଠ ବିହାର ସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରିଣୀ ସଂଘ ଅମୃତ ପସରାର ଦ୍ୱିତୀୟ ବାର୍ଷିକ ଉତ୍ସବ ତଥା ୧୦୧ତମ ସତସଂଘ ମହୋତ୍ସବ ଶବରସାହି କୋପ ମା' ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ରଞ୍ଜିତ କୁମାର ସାହୁଙ୍କ ପୌରୋହିତ୍ୟରେ ରବିବାର ଅନୁଷ୍ଠିତ ମହୋତ୍ସବର ସନ୍ଧ୍ୟା ଅଧିବେଶନ ଧର୍ମ ସଭାକୁ ଜଗତପୁର ଶୂନ୍ୟବ୍ରହ୍ମ ଆଶ୍ରମ ସଂସ୍ଥାପକ ଶ୍ରୀମଦ୍ ବାୟା ବାବା ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚୌଦ୍ୱାର କଟକ ପୂର୍ବତନ ବିଧାୟକ ଡ.ପ୍ରଭାତ ରଞ୍ଜନ ବିଶ୍ୱାଳ, ସୁନାଖଳା ତୁଳସୀ ଆଶ୍ରମର ସତ୍ୟ ଚୈତନ୍ୟ ମହାରାଜ ମୁଖ୍ୟବକ୍ତା ଓ ସାହି ସଭାପତି ମନୋରଞ୍ଜନ ପଣ୍ଡା, ସମ୍ପାଦକ ସୁନନ୍ଦ କୁମାର ସାହୁ, ପୂର୍ବତନ ସମ୍ପାଦକ ପ୍ରଦୀପ କୁମାର ପଲେଇ, ବରିଷ୍ଠ ଆଇନଜୀବୀ ଓଡିଶା ଉଚ୍ଚ ନ୍ୟାୟାଳୟ ସୌର ଚନ୍ଦ୍ର ମହାପାତ୍ର ଯୁବନେତା ନାଗେଶ୍ୱର ବେହେରା ଓ ଡାକ୍ତର ତପନ କୁମାର ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘ ଉପଦେଷ୍ଟା ଚରଣ କାଶୀନାଥ ଦାସ ମହନ୍ତ ମହାରାଜ ଧର୍ମ ସଭା ଓ ପ୍ରବଚନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନରେ ପଣ୍ଡିତ ସୁଧାକର ପାଣି, ପଣ୍ଡିତ ସମୀର ପଣ୍ଡା, ପଣ୍ଡିତ ସୁଧାକର ଆଚାର୍ଯ୍ୟ ଓ ପଣ୍ଡିତ ସୁଜିତ କୁମାର ପଣ୍ଡାଙ୍କ ଦ୍ୱାରା ଶ୍ରୀମଦ୍‌ଭାଗବତ ଅଷ୍ଟାଦଶ ଅଧ୍ୟାୟ ଗୀତା ପାରାୟଣ କରାଯିବା ସହ ବିଚିତ୍ରାନନ୍ଦ ପଣ୍ଡା ଓ ଗଦାଧର ଦାସଙ୍କ ସଂଯୋଜନାରେ କଣ୍ଠଶିଳ୍ପିଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ସଂଧ୍ୟାରେ ଆଳତୀ ଓ ନାମ ସଂକୀର୍ତ୍ତନ ସହ ହର୍ଷିତା ଦାସ ଓ ରିତୀସ୍କା ରଣାଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଉପଦେଷ୍ଟା ମହନ୍ତ ଚରଣ କାଶୀନାଥ ଦାସ, ରାଣୀହାଟ ଭକ୍ତି ପସରା ସଂପାଦକ ହୃଷିକେଶ ସାହୁ, ବିଚିତ୍ରାନନ୍ଦ ବିଶ୍ୱାଳ, ସୁନିଲ କୁମାର ଜେନା, ଉପ ସଭାପତି ରବିନାରାୟଣ ବେହେରା, ସହ ସମ୍ପାଦକ ଅନିମା ପାତ୍ର, ରବିନାରାୟଣ ଜେନା, ଗୁରୁଚରଣ ଦାସ, ପଦ୍ମଲୋଚନ ପାତ୍ର ଓ ଦେବପ୍ରସାଦ ସିଂହଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

## ନିର୍ମାଣାଧିନ ରାସ୍ତାରେ ଦୁର୍ଘଟଣା ଘଟି ଦମ୍ପତି ଗୁରୁତର

**ବଲାଙ୍ଗୀ, ୨୨।୧୨ (ନି.ପ୍ର):** ସମସ୍ତ ପ୍ରକାର ସୁରକ୍ଷାବିଧିବ୍ୟବସ୍ଥାର ଖୁଲମଖୁଲା ଉଲଘଂନ। ଠିକାଦରଙ୍କ ମନମାନିରେ ପ୍ରତିରୋଧକ ବିହୀନ ନିର୍ମାଣାଧିନ ବଲାଙ୍ଗୀ-ପାଟପୁର ରାସ୍ତାରେ ଦୁର୍ଘଟଣା ଘଟି ୨ଜଣ ଦମ୍ପତି ସୋମବାର ଅପରାହ୍ନରେ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଦମ୍ପତିଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ପଠାଯାଇଛି। ନିକଟସ୍ଥ ନାହାମଙ୍ଗ ଗ୍ରାମର ବୈକୁଣ୍ଠ ମଲିକ ଓ ତାଙ୍କ ପତ୍ନୀ ସଫା ମଲିକ ଏକ ବାଇକରେ ଯିବା ବେଳେ ଅଣଓସାରିଆ ଓ ସୁରକ୍ଷା ବ୍ୟବସ୍ଥା ବିହୀନ ନିର୍ମାଣାଧିନ ଢଳେଇ ରାସ୍ତାରେ ପଡ଼ିଯାଇଥିଲେ। ଯାହା ଫଳରେ ବୈକୁଣ୍ଠ ଓ ତାଙ୍କ ପତ୍ନିଙ୍କ ଶରୀରରେ ଅତ୍ୟନ୍ତ ବିପ୍ଧଜନକ ଭାବେ ରାସ୍ତାରେ ବାହାରି ଥିବା ଲୁହାରଡ୍ ପଶିଯାଇଥିଲା। ତେବେ ବୈକୁଣ୍ଠଙ୍କ ପତ୍ନୀଙ୍କ ଶରୀରରେ ଗଭୀରଭାବେ ରଡ୍ ଗଳିଯାଇଥିବାରୁ ଭୀଷଣ ରକ୍ତସ୍ରାବ ହୋଇଥିଲା। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାରକରି ଚିକିତ୍ସା ପାଇଁ ପଠାଇଥିଲେ। ଉଲ୍ଲେଖ ଯୋଗ୍ୟ ଏହି ରାସ୍ତା ଦେଇ ଦୈନିକ ଶହ ଶହ ଗାଡି ମୋଟର ଓ ବଲାଙ୍ଗୀ କଲେଜକୁ ପିଲା ମାନେ ଯାଇଥାଆନ୍ତି। ତେବେ ଠିକାଦାରଙ୍କ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇ ନଥିବା ଓ ମନଇଚ୍ଛା



ବଡବଡ ମେସିନାରୀକୁ ରାସ୍ତାକାମରେ ଲଗାଯାଇ ରାସ୍ତା ଅବରୋଧ କରାଯାଉଥିବାରୁ ବାରମ୍ବାର ଏହି ଭଳି ଦୁର୍ଘଟଣା ଘଟୁଥିବା ସାଧାରଣରେ ଅଭିଯୋଗ ହେଉଛି। ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେବାକୁ ଦାବୀ ହେଉଛି।

## ଧାନମଣ୍ଡି ଖୋଲିବା ଦାବିରେ ସିପିଆଇଏମ ପକ୍ଷରୁ ବିକ୍ଷୋଭ

**ଗଞ୍ଜାମ, ୨୨/୧୨ (ନି.ପ୍ର):** ଓଡିଶା କୃଷକ ସଭା, କ୍ଷେତ ମଜୁଦୁର ସଂଘ ଏବଂ ସିପିଆଇଏମ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜୟଶ୍ରୀ ଛକଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଗଞ୍ଜାମ ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ଠାରେ ପହଂଚି ପ୍ରତିବାଦ ସଭା କରିଥିଲେ। କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପରିବର୍ତ୍ତନ କରି ଭିବି-ଜି-ରାମଜୀ ବିଲ କରା ଯାଇଛି କାହିଁକି ବୋଲି ବାମ ପନ୍ଥୀ ନେତା ମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷି ଥିଲେ। ଏଥିସହ ଧାନ ମଣ୍ଡି ଖୋଲିବା ଦାବିରେ ସିପିଆଇ(ଏମ.) ଓଡିଶାକୃଷକ ସଭା ଓଡିଶା କ୍ଷେତ ମଜଦୁର ୟୁନିଅନ ପକ୍ଷରୁ ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ଦାବି ପତ୍ର ପ୍ରଦାନ କରିଥିଲେ। ୨୦୦ରୁ ଉର୍ଦ୍ଧ ପୁରୁଷ ମହିଳା ଏକ ପଟୁଆରରେ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମୁଖରେ ବିକ୍ଷୋଭ କରି



ରାଷ୍ଟପତିଙ୍କ ଉଦ୍ଦେଶ ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରିଥଲେ। ସେଭଳି ଧାନ ମଣ୍ଡି ଖୋଲି ଚାଷୀ ଭାଗ ଚାଷୀଙ୍କ ସମସ୍ତ ଧାନ କ୍ରୟ କରିବା,କଟିନ ଛଟିନ ବନ୍ଦ କରିବା, ଅଖା ଦେବା, ଧାନ ଉଠେଇବାରେ ଅବହେଳା କରୁଥିବା ମିଲର ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ଦାବୀ ନେଇ ଓଡିଶା କୃଷକ ସଭା ଓ କ୍ଷେତ ମଜୁଦୁର ୟୁନିଅନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସ୍ମାରକ ପତ୍ର କ୍ଷମତା ପ୍ରାପ୍ତ ବରିଷ୍ଠ କିରାଣୀଙ୍କୁ ପ୍ରଦାନ କରାଯାଇଥିଲା। ପ୍ରତିବାଦ ସଭାରେସିପିଆଇ(ଏମ)ଆଞ୍ଚଳିକ କମିଟି ସମ୍ପାଦକ ଅଜୟ ଗୌଡ଼ ସଭାପତିତ୍ୱ କରିଥଲେ। ସରପଞ୍ଚ ବୈରାଗୀ ବେହେରା, ପୂର୍ବତନ ସରପଞ୍ଚ ଦିଲ୍ଲିପ କୁମାର ଛୋଟରାଏ, ରାମଚନ୍ଦ୍ର ନାୟକ. ପୂର୍ବତନ ଜିଲ୍ଲା ପରିଷଦ ତଥା ଓଡିଶା କୃଷକ ସଭା ବରିଷ୍ଠ ସଦସ୍ୟ ପି ହରିକୃଷ୍ଣ ରେଡ୍ଡୀ, ଗୋପାଳ କୃଷ୍ଣ ପାଣିଗ୍ରାହୀ. ଯୋଗେଶ ଚନ୍ଦ୍ର ସାହୁ, ଖଲି ସ୍ୱାଇଁ, ପ୍ରଫୁଲ ସ୍ୱାଇଁ. ଉଲାଶ ଜେନା. ଧର୍ମରାଜ ସ୍ୱାଇଁ. ପଦ୍ମନାଭ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ପ୍ରଫୁଲ ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ଚାଷୀ ମୁଳିଆ। ଜନ ବିରୋଧୀ ନୀତି ବିରୁଦ୍ଧରେବକ୍ତବ୍ୟ ଓ ସ୍ଲୋଗାନଦେଇ ବିକ୍ଷୋଭ ପ୍ରତିବାଦ କରିଥିଲେ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ଅନୁଗୋଳ, ୨୨।୧୨ (ନି.ପ୍ର) :** ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ୫୦୦ଟଙ୍କା ଓ ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ବଅଁରପାଳ ବ୍ଲକ୍ କୁରୁଡୋଲ ଗ୍ରାମର ଶ୍ରୀ ବିନୋଦ ବିହାରୀ ସାହୁଙ୍କ ଝିଅ ସ୍ନେହଲତା ସାହୁଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

## ସରକାରୀ ଜାଗାରେ ଗଢିଉଠିଥିବା ଅସ୍ଥାୟୀ ଘର ଓ ଦୋକାନ ଉଚ୍ଛେଦ

**ପିପିଲି, ୨୨।୧୨ (ନି.ପ୍ର):** ରାଜ୍ୟ ସରକାର ଙ୍କ ନିର୍ଦ୍ଦେଶକ୍ରମେ ସରକାରୀ ଜାଗା ଉପରେ ବେଆଇନ ଭାବେ ଗଢି ଉଠିଥିବା ଘର ଦୋକାନ ଉପରେ ବୁଲ ଡ୍ରୋଜର ଚାଲିଛି। ପିପିଲି ଆମ୍ବେଦକର ଛକ ତଥା ତରାକାଜ ଓଭରବ୍ରିଜ ନିକଟ ଅଞ୍ଚଳ ରେ ଥିବା ସରକାରୀ ଗୋଚର ଜମି ଓ ୩୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ରେ ଗଢ଼ି ଉଠିଥିବା ବେଆଇନ ଅସ୍ଥାୟୀ ଘର ଓ ଦୋକାନ କୁ ଆଜି ସ୍ଥାନୀୟ ତହସିଲଦାର ଙ୍କ ଉପସ୍ଥିତିରେ ଭାଙ୍ଗି ଦିଆଯାଇଛି। ଏହି ସବୁ ଅଞ୍ଚଳ ଜବରଦଖଲ ଥିବା ଯୋଗୁଁ ରାସ୍ତା ସଂକୁଚିତ ହୋଇ ଅନେକ ସମୟରେ ରାସ୍ତା ଦୁର୍ଘଟଣା ଘଟି ଜନ ଜୀବନ କ୍ଷତି ଘଟୁଥିଲା। ଏହା ଏକ ପ୍ରମୁଖ ସ୍ଥାନ ଯଥା ବାମକୁ ଗଲେ ଅସ୍ତରଙ୍ଗ, କାକଟପୁର ଓ କୋଣାର୍କ, ସିଧା ଆଗକୁ ପୁରୀ ସାତପଡ଼ା ଓ ଚିଲିକା ଏବଂ ଦକ୍ଷିଣ




କୁ ବିଶ୍ୱ ପ୍ରସିଦ୍ଧ ପିପିଲି ଚାନ୍ଦୁଆ। ବଜାର ରହିଛି। ଲକ୍ଷ ଲକ୍ଷ ପର୍ଯ୍ୟଟକ ଙ୍କ ଯାତାୟାତ ଯୋଗୁଁ ରାସ୍ତା ପୁରା ଜାମ ରହୁଥିଲାଯ ତେଣୁ ଏହାକୁ ଦୃଷ୍ଟିରେ ରଖି ପୁରୀ ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳ କୁ ଜବରଦଖଲ ମୁକ୍ତ କରାଯାଇଛି। ସ୍ଥାନୀୟ ତହସିଲଦାର ହୃଷୀକେଶ ତ୍ରିପାଠୀ ଙ୍କ ନିର୍ଦ୍ଦେଶ ରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଓ ୪ ଜଣ ପୋଲିସ ଅଧିକାରୀ ଙ୍କ ସମେତ ମୋଟ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ତେବେ ପ୍ରଶାସନ କୁ ଏହି କାର୍ଯ୍ୟରେ ସମ୍ପୃକ୍ତ ଦୋକାନୀ ଙ୍କ ସହିତ ସମାଜସେବୀ ସମର୍ଥନ କରିଥିଲା ବେଳେ ଶାନ୍ତି ଶୃଙ୍ଖଳାର ସହିତ ସମସ୍ତ ସରକାରୀ ଜମିରୁ ଜବରଦଖଲ ହଟାଯାଇଥିବା ତହସିଲଦାର ଓ ଥାନାଧିକାରୀ କହିଛନ୍ତି।

## କଂଗ୍ରେସ ପକ୍ଷରୁ ଚମ୍ପାପୁର ଠାରେ ବିଶାଳ ପଦ ଯାତ୍ରା ଓ ପ୍ରତିବାଦ ସଭା

**ଯାଜପୁର/ବଡ଼ଚଣା, ୨୨।୧୨, (ନି.ପ୍ର) :** ଯାଜପୁର ଜିଲ୍ଲା ବଡଚଣା ବ୍ଲକ୍ ବୈରୀ ଅଧିନ ବୈରୀ ସ୍ଥିତ ଗାନ୍ଧୀ ମାର୍ଗ ଠାରେ ଜାତୀୟ କଂଗ୍ରେସ୍ ର ରାଜ୍ୟ ସେବା ଦଳ ପକ୍ଷରୁ ମନରେଗା ଯୋଜନାର ନାମ ପରିବର୍ତ୍ତନ କରାଯିବା କୁ ପ୍ରତିବାଦ କରି ଏକ ବିରାଟ ପଟୁଆରରେ ପଦ ଯାତ୍ରା କରି ଚଂପାପୁର ଠାରେ ପହଞ୍ଚି ଥିଲେ।

ଏହି ପଦଯାତ୍ରା ରେ ଜାତୀୟ କଂଗ୍ରେସ ର ରାଜ୍ୟ ସଭାପତି ଭକ୍ତ ଚରଣ ଦାସ ଯୋଗ ଦେଇ ବୈରୀ ଠାରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର୍ ରେ ଗାଁ ର ବିକାଶ ଓ ଗରିବ ଲୋକଙ୍କ ସ୍ୱାର୍ଥ କୁ ଦୃଷ୍ଟି ନ ଦେଇ କେବଳ ରଙ୍ଗ ମାରି ଚାଲୁଥିବା ବେଳେ ଏବେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଅସମ୍ମାନ




କରିଛନ୍ତି ବୋଲି ଅଭିଯୋଗ କରି ପ୍ରତିବାଦ କରିଥିଲେ। ଏହି ବିଶାଳ ପଦ ଯାତ୍ରା ବାହାରି କ୍ରମେ ବୈରୀ - ସୋଲାର - ଛତିଆ - ପରେ ଚମ୍ପା ପୁର ହାଟ ପଡ଼ିଆରେ ପହଞ୍ଚି ଥିବା ବେଳେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପୂର୍ବତନ କେନ୍ଦ୍ର କୃଷି ରସାୟନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ରାମ ଚନ୍ଦ୍ର ଖୁଣ୍ଟିଆ। ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଥିଲେ। ପୂର୍ବତନ ଜିଲ୍ଲା ସଭାପତି ମନୋଜ ରାଉତ, ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା, ରାଜ୍ୟ ଶୃଙ୍ଖଳା କମିଟି ସଦସ୍ୟ କିସାନ ପଣ୍ଡା, ରାଜ୍ୟ ସେବା ଦଳ ଚୟର୍ମ୍ୟାନ କଂଗ୍ରେସ୍ ନେତା ଶୁଭେନ୍ଦୁ ମହାନ୍ତି, ଏ ଆଇ ସି ସି ସଦସ୍ୟା ମଧୁସ୍ମିତା ଆଚାର୍ଯ୍ୟ, ଦୁର୍ଯ୍ୟୋଧନ ବେହେରା,ପ୍ରଫୁଲ୍ଲ କୁମାର ରାୟ, ମାନସ କର, ଗଦାଧର ଦାସ, ବଡଚଣା କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଜୟ ସାମଲ, ବିଞ୍ଝାରପୁର ବିଧାୟକ ପ୍ରାର୍ଥୀ କନକ ମଲ୍ଲିକ, ଯାଜପୁର ବିଧାୟକ ପ୍ରାର୍ଥୀ ସୁଦୀପ୍ତ କର, ଯାଜପୁର ଜିଲ୍ଲା ପ୍ରଭାରୀ ମୋହନ ହେମ୍ବ୍ରମ, ଜିଲ୍ଲା କୃଷକ ସଭାପତି ବସନ୍ତ କୁମାର ପରିଡ଼ା, ବ୍ଲକ୍ ସଂଯୋଜକ ଚିନ୍ମୟ ପ୍ରଧାନ, ବିଶ୍ୱଜିତ୍ ସାମଲ, ଛତିଆ। ଜୋନ ଯୁବ କଂଗ୍ରେସ ନେତା ଶିଶିର ସାମଲ, ପୂର୍ବତନ ବୈରୀ ସରପଞ୍ଚ ବିରଞ୍ଚି ନାରାୟଣ ସ୍ୱାଇଁ, ପୂର୍ବତନ ବଡଚଣା ବ୍ଲକ୍ କଂଗ୍ରେସ ସଭାପତି ସୁରେଶ ସାହାଣୀ ପ୍ରମୁଖ ବହୁ ବରିଷ୍ଠ ନେତୃମଣ୍ଡଳୀ ଯୋଗ ଦେଇ ଥିଲେ। ଜିଲ୍ଲା ସଭାପତି ମାଗୁଣି ଜେନା ସଭାପତିତ୍ୱ କରି ଥିବା ବେଳେ ପଦଯାତ୍ରା କୁ ସଫଳ କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**କଟକ, ୨୨।୧୨ (ନି.ପ୍ର):** ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମଜିଷ୍ଟ୍ରେଟ,ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୮୯ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୮୨ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୭ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୪୨ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଆଜିର ଏହି ଶୁଣାଣି ଅବସରରେ ରେଡକ୍ରସ ପାଣ୍ଠିରୁ ସହାୟତା ଗୋଟିଏ ନିମନ୍ତେ ଆବେଦନ ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ,ଗ୍ରାମାଞ୍ଚଳ ଶ୍ରୀ ପ୍ରଦୀପ କୁମାର ସାହୁ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମିତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଜଟଣୀର ଗର୍ବ ଓ ଗୌରବ ପ୍ରଥମ ପଥ ଉତ୍ସବ

**ଜଟଣୀ, ୨୨।୧୨ (ନି.ପ୍ର):** ଡିସେମ୍ବର ୨୦୨୫, ବହୁ ପ୍ରତିକ୍ଷିତ ଜଟଣୀ ବାସୀଙ୍କ ଆଶା ପ୍ରଥମ୍ ପଥ ଉତ୍ସବକୁ ଶୀତୁଆ। ସକାଳରେ ଜଟଣୀ ବାସୀ ପାଳନ କରିଛନ୍ତି। ବହୁ ଦିନର ଆଶା ଥିଲା ଆମ ଜଟଣୀ ଭୁବନେଶ୍ୱର ଠାରୁ ମାତ୍ର ଅଳ୍ପ ଦୂରରେ ଆମେ କିନ୍ତୁ ସ୍ମାଟ ସିଟିରୁ ଅନେକ ଅବହେଳିତ। ୨୧ ଡିସେମ୍ବରରେ ଜଟଣୀ ମାଟିର ପୁଅ ଓଡିଶା ପଥ ଉତ୍ସବର (ରାହାଗିରି) ଆବାହକ, ଯାହାଙ୍କ ଦ୍ୱାରା, ଯାହାଙ୍କ ପାଇଁ ଭୁବନେଶ୍ୱରର ରାହାଗିରି, ଓଡିଆ। ଚଳଚ୍ଚିତ୍ରର ତଥା ଟିଭି ତାରକା ଜଣେ ଜଣାଶୁଣା ସମାଜ ବିଜ୍ଞାନୀ ଡଃ ରୁଷି ପଟ୍ଟନାୟକଙ୍କ ପାଇଁ ଜଟଣୀ ବାସୀଙ୍କ ପାଖରେ ପଥ ଉତ୍ସବ ପହଁଚିଲା। ଆଉ ଏତେ ଶୀତ କାଳରେ, ସକାଳ ୬ଟା ସମୟରେ ପ୍ରାୟ ୨୫ ହଜାରରୁ ଉର୍ଦ୍ଧ ସବୁ ବର୍ଗର ଲୋକ ଉପଭୋଗ କରିଥିଲେ, ଏହି ପଥ ଉତ୍ସବକୁ ସମ୍ଭବ ହେଲା କେବଳ ଖୋରଧା ଜିଲ୍ଲା ବିଜେପି ସଭାପତି ତଥା ପଥ ଉତ୍ସବର ଅଧ୍ୟକ୍ଷ ବିଶ୍ୱରଞ୍ଜନ ବଡ଼ଜେନା (ଲୁଲୁ)ଙ୍କ ପାଇଁ। ମୁଖ୍ୟ ଆୟୋଜକ ସହିତ ରାତି ଅନିଦ୍ରା ହୋଇ ନିଜର କର୍ମୀ ସାଂସଦଙ୍କ ଦୁଇ ପ୍ରତିନିଧି ମନୋଜ ନନ୍ଦ ଓ ସତୀଶ ଶର୍ମାଙ୍କ ସହିତ ସାରା ରାତି ରାସ୍ତା ଉପରେ ରହି ଡଃ ରୁଷି ପଟ୍ଟନାୟକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଥିଲେ। ଏହାର ଆୟୋଜକ ଥିଲେ ଜଟଣୀର ବିକାଶ ପରିଷଦ ସଂଗଠକ ମାନେ।

ଆଜିର ଏହି ପ୍ରଥମ ପଥ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ବିଜେପି ରାଜ୍ୟ ସଭାପତି, ମନମୋହନ ସାମଲ, ଖୋରଧା ବିଧାୟକ ଗଣେଶ ଜଗଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ପୂର୍ବତନ ବିଧାୟକ ସୁର ରାଉତରାୟ, ପୌରାଧ୍ୟକ୍ଷ ଅନନ୍ତ ବେହେରା, ପଞ୍ଚାୟତ ସମିତିର ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ସୁଦୀପ୍ତ ରାୟ, ହାଇଟେକ୍ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ତିରୁପତି



ପାଣିଗ୍ରାହୀ, ଜଟଣୀ ବିଡ଼ିଓ ବସନ୍ତ କୁମାର ହାତୀ, ତହସିଲଦାର ଶିବାଶିଷ ପରିଡ଼ା, ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ, ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ରିତି ଗୋୟଙ୍କା, ଦୁଇ ମେଡିକାଲ୍ ଅଧିକାରୀ ଡାକ୍ତର ଜିତେନ୍ଦ୍ର ପଣ୍ଡା, ଡାକ୍ତର କ୍ରିଷ୍ଣା ରାଜ, ଅଗ୍ନିଶ୍ରମ ଅଧିକାରୀ ଲକ୍ଷ୍ମଣ ବେହେରା, ସାଂସଦ ଙ୍କ ପ୍ରତିନିଧି ମନୋଜ ନନ୍ଦ ଓ ସତୀଶ ଶର୍ମା, ବିକାଶ ପରିଷଦର ସଭାପତି ବିଜୁ ଛୋଟରାୟ, ସମ୍ପାଦକ ସୁଦର୍ଶନ ସୁନ୍ଦରାୟ, କୈଳାଶ ମହାପାତ୍ର, ଜଟଣୀ ବଜାର କମିଟିରେ କର୍ମକର୍ତ୍ତା ମାନେୟ ଖୋରଧା ଜିଲ୍ଲା ବିଜେପିର ସମସ୍ତ କର୍ମକର୍ତା ମଞ୍ଚରେ ଯୋଗ ଦେଇ ବିଶ୍ୱରଂଜନ ବଡ଼ଜେନାଙ୍କ ନେତୃ ପ୍ରତି ସମର୍ଥନ ଜଣାଇଥିଲେ। ସ୍ୱାଗତ ଅଭିଭାଷଣ ଲୁଲୁ ବଡ଼ଜେନା ପ୍ରଦାନ କରୁଥିଲେ ଆଉ ସୁଦର୍ଶନ ସୁନ୍ଦରାୟ ଧନ୍ୟବାଦ୍ ଅର୍ପଣ କରୁଥିଲେ।

ମୁଖ୍ୟ ଅତିଥି ମନମୋହନ ସାମଲ କହିଥିଲେ ଯେ ଆଗାମୀ ଦିନରେ ଜଟଣୀ ପଥ ଉତ୍ସବକୁ ସରକାରୀ ସ୍ତରରେ ଆୟୋଜନ କରାଯିବ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖୋରଧା ବିଧାୟକ ଗଣେଶ ଜଗଦେବ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ଆୟୋଜକ ଡଃ ରୁଷି ପଟ୍ଟନାୟକଙ୍କୁ ଏଭଳି ପଥ ଉତ୍ସବ ଖୋରଧା ବାସୀଙ୍କ ପାଇଁ ଆୟୋଜନ କରିବା ନିମନ୍ତେ ଅନୁରୋଧ କରିଥିଲେ।

ଏହି ଉତ୍ସବରେ ପ୍ରାୟ ୧୦୦ରୁ ଉର୍ଦ୍ଧ ପ୍ରକାର ଅନୁଷ୍ଠାନ ତାଙ୍କର ନିଜସ୍ କଳା, ନୃତ୍ୟ, ଗୀତ, ସ୍ୱାସ୍ଥ୍ୟ ସେବା, ସଚେତନତା, ପ୍ରଦର୍ଶନୀ, ଖାଦ୍ୟ ପ୍ରସ୍ତୁତି, କ୍ରୀଡା, ଚିତ୍ରାଙ୍କନ, ପାରମ୍ପରିକ କଳା ନୃତ୍ୟ ଗୀତ, ଚଳଚିତ୍ର ପ୍ରଦର୍ଶନି, ସ୍କାଉଟ ଗାଇଡ, ଏନସିସି, ଜିମ୍, ଜୁମ୍ବା, ଯୋଗ ଆଦି ଅନେକ କାର୍ଯ୍ୟକ୍ରମ ଉପସ୍ଥାପନ କରାଯାଇଥିଲା।

ଶେଷରେ ମୁଖ୍ୟ ଅତିଥି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବରିଷ୍ଠ ଶିକ୍ଷକ ଶ୍ରୀ ତ୍ରିନାଥ ସାମନ୍ତରାୟ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମଦ୍ୟପଙ୍କ ବାଇକ ଧକ୍କାରେ ଦୁଇ ମହିଳା ଗୁରୁତର

**ବୁଗୁଡ଼ା, ୨୨।୧୨ (ନି.ପ୍ର)** ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ବାଇକ ଧକ୍କାରେ ଦୁଇ ଜଣ ମହିଳା ଗୁରୁତର ଆହତ ହୋଇଥିବା ଜଣା ପଡିଛି। ଗୁରୁତର ମହିଳା ଦ୍ୱୟ ହେଲେ ବାଲିପଦର ଗ୍ରାମର ସୁକାନ୍ତି ଗୁରୁ (୬୦) ଓ ପ୍ରତିମା ପ୍ରଧାନ(୪୫) ପ୍ରକାଶ ଯେ, ଶନିବାର ସନ୍ଧ୍ୟା ସାଢେ ୭ଟା ସମୟରେ ସୁକାନ୍ତି ଓ ପ୍ରତିମା ବୁଗୁଡ଼ା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଠିଆ। ହୋଇଥିବା ସମୟରେ ଏକ ପଲସର ବାଇକରେ ନୟାଗଡ ଜିଲ୍ଲା ଓଡ଼ଗାଁ ବ୍ଲକ ବାଣପୁର ପଞ୍ଚାୟତ ଅନ୍ତର୍ଗତ ଚେମ୍ପିଡ଼ି ଗ୍ରାମର ସନିଆ। ପଲେଇ, ଅଶୋକ ନାୟକ ଓ ହର୍ଷ ନାୟକ କୌଣସି କାମରେ ଆସ୍ଥା ଯାଇ ନିଜ ଗ୍ରାମକୁ ଦ୍ରୁତ ଗତିରେ ଫେରୁଥିବା ବେଳେ ବୁଗୁଡ଼ା ଷ୍ଟେଟ ବ୍ୟାଙ୍କ ନିକଟରେ ଏକ ଘରୋଇ ବସକୁ ଓଭର ଟେକ କରିବାକୁ ଯାଇ ଦୁଇ ମହିଳାଙ୍କୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ସୁକାନ୍ତିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ପ୍ରତିମାଙ୍କ ଡାହାଣ ହାତ ଭାଙ୍ଗି ଯିବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା।

